୬

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୨୫୧ ● ୧୦ ଅକ୍ଟୋବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-251 ● 10th October 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27




ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରୁ ଓହରିଲା ପାକିସ୍ତାନ



## ଓଡ଼ିଶା ସୂଚନା ସେବା ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ

# ପ୍ରଣୟନ ହେବ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଞ୍ଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଆଜିର ଯୁବବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି। ତେଣୁ ସରକାରୀ ସଞ୍ଚାର ବା




### ବିଜ୍ଞାପନ ପରିଚାଳନା ପାଇଁ 'ଇ-ସଂଚାର ଆପ୍'ର ଶୁଭାରମ୍ଭ

ଯୋଗାଯୋଗ ପାଇଁ ଆମକୁ ମଧ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଣ୍ଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି। ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ *(ପୃଷ୍ଠା ୭ରେ)*

# ଭାରତୀୟ ବଂଶୋଦ୍ଭବ ନବନେଥେମ୍ ପିଲ୍ଲେଙ୍କୁ ନୋବେଲ ଶାନ୍ତି ପୁରସ୍କାର

ଓସ୍ଲୋ, ୯।୧୦

ନୋବେଲ ଶାନ୍ତି ପୁରସ୍କାର ବିଜେତା ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକାର ଆଇନ ବିଶେଷଜ୍ଞ ନବନେଥେମ୍ ପିଲ୍ଲେ। ଅନ୍ତର୍ଜାତୀୟ ଆଇନ ଓ ଶାନ୍ତିର ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ପିଲ୍ଲେଙ୍କ ନାମରେ ନରୱେ ନୋବେଲ କମିଟି ଶୁକ୍ରବାର ପୁରସ୍କାର ଘୋଷଣା କରିଛନ୍ତି। ପିଲ୍ଲେଙ୍କ ନାମ ଘୋଷଣା ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁଣି ଥରେ ନିରାଶ ହେବାକୁ ପଡ଼ିଛି। ଟ୍ରମ୍ପ ଅନେକ ଯୁଦ୍ଧ ବନ୍ଦ କରିଥିବାର ଦାବି ଦେଇ ଗତ ଦୁଇ ବର୍ଷ ହେଲା ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦାବି କରିଆସୁଛନ୍ତି।

ଡର୍ବାନରେ ଭାରତୀୟ ତାମିଲ ବଂଶୋଦ୍ଭବ ପରିବାରରେ ଜନ୍ମଗ୍ରହଣ କରିଥିବା ପିଲ୍ଲେ ମାନବାଧିକାରର ରକ୍ଷା ଓ ଅନ୍ୟାୟକୁ ଚ୍ୟାଲେଞ୍ଜ କରି ଏକ କ୍ୟାରିଅର ଗଢ଼ିଥିଲେ। ସେ ବର୍ଣ୍ଣବୈଷମ୍ୟ ବିରୋଧୀ କର୍ମୀଙ୍କ ପ୍ରତିନିଧିତ୍ୱ କରିଥିଲେ ଓ ୧୯୬୭ ମସିହାରେ ନିଜର ଲ' ଫାର୍ମ ପ୍ରତିଷ୍ଠା କରିଥିଲେ ବୋଲି ନୋବେଲ କମିଟି ଏକ ଆଧିକାରିକ ବିବୃତିରେ



କହିଛି। ପରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧିକ ଅଧ୍ୟୟନ କରିଥିଲେ, ୧୯୮୮ ମସିହାରେ ଡକ୍ଟର ଅଫ୍ ଜୁରିଡିକାଲ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ୧୯୯୫ ମସିହାରେ, ତାଙ୍କୁ ଦକ୍ଷିଣ ଆଫ୍ରିକାର ହାଇକୋର୍ଟରେ ନିଯୁକ୍ତ କରାଯାଇଥିଲା ଓ ସେ ନ୍ୟାୟପାଳିକାରେ ଦେଶର ପ୍ରମୁଖ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ ହୋଇଯାଇଥିଲେ।

୧୯୯୯ ମସିହାରେ, ପିଲ୍ଲେଙ୍କୁ ରୁଆଣ୍ଡା ପାଇଁ ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ (ଆଇସିଟିଆର)ର ବିଚାରପତି ଓ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ମାନବତା ବିରୋଧୀ ଅପରାଧ ଓ ଗଣହତ୍ୟା ସହିତ ଜଡ଼ିତ ମାମଲା ପାଇଁ ଯୌନ ହିଂସା, ବଳାତ୍କାର ଏବଂ ପ୍ରଚାରର ବ୍ୟବହାର ଆଧାର ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପିଲ୍ଲେ ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି)ରେ ବିଚାରପତି ଭାବରେ କାର୍ଯ୍ୟ କରିଥିଲେ।

୨୦୦୮ ରୁ ୨୦୧୪ ପର୍ଯ୍ୟନ୍ତ ସେ ଜାତିସଂଘ ମାନବାଧିକାର ପାଇଁ ଉଚ୍ଚାୟୁକ୍ତ ଥିଲେ। ତାଙ୍କର କାର୍ଯ୍ୟ ଅନ୍ତର୍ଜାତୀୟ ନ୍ୟାୟିକ ଓ ମାନବାଧିକାର ପ୍ରତିଷ୍ଠାନଗୁଡ଼ିକରେ ଜାରି ରହିଥିଲା। ସେ ୨୦୨୧ ରୁ ୨୦୨୫ ପର୍ଯ୍ୟନ୍ତ ଅଧିକୃତ ପାଲେଷ୍ଟାଇନ ଅଞ୍ଚଳ ଉପରେ ଜାତିସଂଘର ସ୍ୱାଧୀନ ଅନ୍ତର୍ଜାତୀୟ ତଦନ୍ତ କମିଶନର ଅଧ୍ୟକ୍ଷତା କରିଥିଲେ। ୨୦୧୯ ମସିହାରେ, ତାଙ୍କୁ ମିଆଁମାର ବିରୋଧରେ ଗଣହତ୍ୟା ଅଭିଯୋଗର ବିଚାର ପାଇଁ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ରେ ଜଣେ ଆଡହକ୍ ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା। ନୋବେଲ ଶାନ୍ତି ପୁରସ୍କାର, ଯାହାର ମୂଲ୍ୟ ୧୨ ନିୟୁତ ସ୍ୱିଡିସ୍ କ୍ରାଉନ୍ କିମ୍ବା ପ୍ରାୟ ୧.୨ ନିୟୁତ ଡଲାର, ଡିସେମ୍ବର ୧୦ ରେ ଓସ୍ଲୋରେ ପ୍ରଦାନ କରାଯିବାର ଅଛି।

# ମେଟ୍ରୋ ଓ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ, ୯।୧୦

ଶନିବାର ହେବାକୁ ଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା ଅଭାବନୀୟ କଟକଣାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ସରକାରଙ୍କୁ ପ୍ରଶ୍ନ କରିବା ସହ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସାଧାରଣ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦିଲ୍ଲୀ ମେଟ୍ରୋ ଏବଂ ଟ୍ରେନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ ବୋଲି ଶୁକ୍ରବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଗୋଟିଏ ମାଛି ମାରିବା ପାଇଁ ଆପଣ ହାତୁଡ଼ି ବ୍ୟବହାର କରିପାରିବେ ନାହିଁ ବୋଲି ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ସହରର ସବୁ ପ୍ରାନ୍ତରୁ ଲୋକେ ଯାତ୍ରା କରୁଥିବାରୁ ସବୁ କିଛି ବନ୍ଦ କରାଯାଇପାରିବ ନାହିଁ ବୋଲି ଦର୍ଶାଇ କୋର୍ଟ ଏହି କଟକଣା ଉପରେ ପୁନର୍ବିଚାର କରିବାକୁ କହିଛନ୍ତି।

ସାଧାରଣ ଜନତାଙ୍କର ସରକାରୀ ସେବା ପାଇବାର ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଯୁବକଙ୍କ ଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ



ସମସ୍ତେ ଏଥିରେ ଯାତ୍ରା କରନ୍ତି ଏବଂ ଯାତ୍ରୀମାନଙ୍କର ମୌଳିକ ସୁବିଧା ପାଇବାର ଅଧିକାର ଅଛି ବୋଲି କୋର୍ଟ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ଜଣାଇଛନ୍ତି। ଏହାସହ ବନ୍ଦ ଥିବା ମେଟ୍ରୋ ଷ୍ଟେସନ ସଂଖ୍ୟା ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଟକଣା ଲଗାଇବା ଏବଂ ସମ୍ପୂର୍ଣ୍ଣ ବନ୍ଦ କରିବା ମଧ୍ୟରେ ଫରକ ରହିଛି ବୋଲି ଅଦାଲତ କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍‌ଏ ବେବିଙ୍କ ଦ୍ୱାରା ଦାୟର ହୋଇଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ସାଂସଦ କପିଲ ସିବଲ କୋର୍ଟଙ୍କୁ କହିଥିଲେ ଯେ ସବୁ ଟ୍ରେନ ବାତିଲ ହେବା ସହ ମେଟ୍ରୋ ଷ୍ଟେସନ ବନ୍ଦ ରହିଛି, ଯାହାଦ୍ୱାରା କେହି କୁଆଡ଼େ ଯାଇପାରୁ ନାହାନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସଲିସିଟର ଜେନେରାଲଙ୍କୁ କହିଛନ୍ତି ଯେ ଆମେ ମେଟ୍ରୋ ଷ୍ଟେସନର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଚିନ୍ତିତ। ଆମର ଚିନ୍ତା କୌଣସି ନିର୍ଦ୍ଦିଷ୍ଟ ପ୍ରତିବାଦକାରୀ ବା ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ, ବରଂ ଗୁରୁଗ୍ରାମ, ଗ୍ରେଟର ନୋଏଡା, ପୂର୍ବ ଦିଲ୍ଲୀ ଏବଂ ଦକ୍ଷିଣ ଦିଲ୍ଲୀରୁ ନିଜ ଜୀବିକା ପାଇଁ ଆସୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ। ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଅଧିକାରକୁ ସମର୍ଥନ କରିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କୋର୍ଟ ଏକ ସୀମା ରେଖା ଟାଣିଛନ୍ତି। ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ନିୟାମକ ବ୍ୟବସ୍ଥା ଲାଗୁ କରିବାକୁ ନିଶ୍ଚିତ ଭାବେ ହକଦାର, ମାତ୍ର ଏହାର ଅର୍ଥ ନୁହେଁ ଯେ ସବୁ କିଛି ସ୍ଥଗିତ କରି ଲୋକଙ୍କୁ ଯାତାୟାତ ସୁବିଧାରୁ ବଞ୍ଚିତ କରାଯିବ। ସମସ୍ତଙ୍କ ପାଖରେ କାର୍ ବା ବ୍ୟକ୍ତିଗତ ଯାନ ନାହିଁ, ଲୋକେ ସାର୍ବଜନୀନ ପରିବହନ ଉପରେ ନିର୍ଭର କରନ୍ତି ବୋଲି କୋର୍ଟ କହିଛନ୍ତି। *(ପୃଷ୍ଠା ୭ରେ)*

## ୧୩ରେ ଲଘୁଚାପ ! ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଥାଇଲ୍ୟାଣ୍ଡ ଉପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ।

ସୂଚନା ଅନୁଯାୟୀ, ଆସନ୍ତା ୧୧ ତାରିଖ ବେଳକୁ ଏହି ଘୂର୍ଣ୍ଣିବଳୟ ଆଣ୍ଡାମାନ ସାଗର ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ଗଠନ ହୋଇପାରେ।ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷାର ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଛାତ୍ର ସଂସଦ ନିର୍ବାଚନ : ସରିଲା ନାମାଙ୍କନ, ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ଦିନ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉନ୍ମାଦନା ଦେଖାଦେଇଛି। ଖୁବକମ ସମୟରେ ନିର୍ବାଚନ ହେଉଥିବାରୁ ଏଥିପାଇଁ କଲେଜ କ୍ୟାମ୍ପସଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି । ଏହାରି ମଧ୍ୟରେ ଶୁକ୍ରବାର ବିଭିନ୍ନ କଲେଜରେ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଧର୍ମଶାଳା କଲେଜ, କେନ୍ଦୁଝର ଝୁମ୍ପୁରା ସ୍ଥିତ ପଞ୍ଚାୟତ କଲେଜରେ



ନିର୍ଦ୍ୱନ୍ଦ୍ୱରେ ଯଥାକ୍ରମେ ୧୭ ଓ ୧୩ଜଣ ଛାତ୍ରଛାତ୍ରୀ ନିର୍ବାଚିତ ହୋଇଥିବାର ସୂଚନା ମିଳିଛି। ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ, କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ବିଭିନ୍ନ ଦଳ ସମର୍ଥିତ ଛାତ୍ରଛାତ୍ରୀମାନେ *(ପୃଷ୍ଠା ୭ରେ)*




## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଲୋକଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟର ସାମଗ୍ରିକ ବିକାଶ, ଜନକଲ୍ୟାଣ ଏବଂ ପ୍ରଗତିଶୀଳ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହିତ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବା ଉପରେ ଉଭୟେ ଗୁରୁତ୍ୱାରୋପ କରିଥିଲେ।

## ଜାତିସଂଘରେ ସୀମାପାର ଆତଙ୍କବାଦ ବିରୋଧରେ ଭାରତ ଶୂନ୍ୟ ସହନଶୀଳତା ନୀତି ଦୋହରାଇଲା

ନ୍ୟୁୟର୍କ, ୯।୧୦

ସୀମାପାର ଆତଙ୍କବାଦ ବିରୋଧରେ ଭାରତ ନିଜର ଶୂନ୍ୟ ସହନଶୀଳତା ନୀତିକୁ ଜାତିସଂଘରେ *(ପୃଷ୍ଠା ୭ରେ)*

### ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା

# ଅଢେଇ ବର୍ଷରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଛବିକୁ ମଳିନ କରିସାରିଲେଣି

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ *(ପୃଷ୍ଠା ୭ରେ)*



## ସ୍ମିତ୍ ମଚ୍ଛାରଙ୍କୁ ଇସ୍ରାଏଲର ସର୍ବୋଚ୍ଚ ବେସାମରିକ ବୀରତ୍ୱ ସମ୍ମାନ

ନୂଆଦିଲ୍ଲୀ, ୯।୧୦

ଫ୍ଲାଏଦୁବାଇ ବିମାନରେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିବା ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କୁ ଇସ୍ରାଏଲ ସମ୍ମାନିତ କରିବ। ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ମଚ୍ଛାରଙ୍କୁ ନାଗରିକ ବୀରତ୍ୱ ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ। ସ୍ମିତ୍ ମଚ୍ଛାର ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି।

ରାଷ୍ଟ୍ରପତି ହର୍ଜୋଗ୍ ଜେରୁଜେଲମରେ ଛଅ ଜଣ ଇସ୍ରାଏଲ ଯାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସମୟରେ ମାଛରଙ୍କ ନାମ ଉଲ୍ଲେଖ କରିଥିଲେ। *(ପୃଷ୍ଠା ୭ରେ)*

# ଏଲ-ନିନୋ ଓ ଉତ୍ତପ୍ତ ସମୁଦ୍ର : ବଢ଼ାଇପାରେ ଜଳବାୟୁ ସଙ୍କଟ




ଜେନେଭା, ୯।୧୦

୨୦୨୭ରେ ପୃଥିବୀର ଜଳବାୟୁ ଉପରେ ଏଲ-ନିନୋ ଓ ସମୁଦ୍ରର ଅସ୍ୱାଭାବିକ ଉତ୍ତାପର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ପ୍ରଶାନ୍ତ ମହାସାଗରରେ ଏଲ-ନିନୋ ଶକ୍ତିଶାଳୀ ହେଉଥିବାବେଳେ ବିଶ୍ୱର ସମୁଦ୍ରଗୁଡ଼ିକର ତାପମାତ୍ରା ମଧ୍ୟ ରେକର୍ଡ ସ୍ତରରେ ରହିଛି। ଏହା ଫଳରେ ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ଗରମ, ମରୁଡ଼ି ଓ ପ୍ରବଳ ବର୍ଷା ଭଳି ପାଣିପାଗ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି।

ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଜାରି କରିଥିବା ଆକଳନ ଅନୁଯାୟୀ, ଏଲନିନୋ ଡିସେମ୍ବର ୨୦୨୬ ବେଳକୁ ଶିଖରରେ ପହଞ୍ଚିପାରେ। ଏହା ୨୦୨୭ ଫେବ୍ରୁଆରୀ ଯାଏ ଜାରି ରହିବାର ପ୍ରାୟ ୧୦୦ ପ୍ରତିଶତ ସମ୍ଭାବନା ରହିଛି। ଏହା ୧୯୫୦ ପରଠାରୁ ସବୁଠାରୁ ଶକ୍ତିଶାଳୀ ଏଲନିନୋ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ଅନ୍ୟପକ୍ଷରେ ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ଏନ୍‌ଓଏଏ) ମଧ୍ୟ ୨୦୨୭ ମାର୍ଚ୍ଚ ଯାଏ ଏହା ଶକ୍ତିଶାଳୀ ରହିବାର ଅଧିକ ସମ୍ଭାବନା ଦର୍ଶାଇଛି।

ସୂଚନାଯୋଗ୍ୟ, ପ୍ରଶାନ୍ତ ମହାସାଗରର ମଧ୍ୟଭାଗ ଓ ପୂର୍ବ ଭାଗରେ ଭୂମଧ୍ୟରେଖା ନିକଟସ୍ଥ ସମୁଦ୍ରଜଳ *(ପୃଷ୍ଠା ୭ରେ)*




ସୌଜନ୍ୟ : ସୋସିଆଲ ମିଡିଆ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୦ ଅକ୍ଟୋବର,୨୦୨୬ ଶନିବାର





# ସ୍ମାର୍ଟସିଟି ସ୍କୁଲରେ ଅସଜଡ଼ା ଭିତ୍ତିଭୂମି : ନିମ୍ନମାନର କାର୍ଯ୍ୟ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହାସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସୁନାହିଁ । ଏହା କୌଣସି ଅପହଞ୍ଚ ଇଲାକା ନୁହେଁ ଖୋଦ୍ ସ୍ମାର୍ଟସିଟି ରାଉରକେଲାରେ ଏଭଳି କେତେକ ବିଦ୍ୟାଳୟ ରହିଛି ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଅଛି । ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଅଧୀନ ୱାର୍ଡ ନଂ. ୨୦ର ମାଲଗୋଦାମ ବସ୍ତିର କୁଷ୍ଠ କଲୋନିରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ (ଦୁର୍ଗାପୁର-ଖ) ଏହାର ଉଦାହରଣ । ଭିତ୍ତିଭୂମି ସହ ଶିକ୍ଷକ ଅଭାବ ଏବଂ ଶୌଚାଳୟ ସମସ୍ୟା ଦେଇ ଗତି କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସରକାରୀ ପ୍ରାଥମିକ ବିଦ୍ୟାଳୟ (ଦୁର୍ଗାପୁର-ଖ) ୧୯୭୧ରେ ସ୍ଥାପନ କରାଯାଇଥିଲା । ପୂର୍ବରୁ ଏଠାରେ ୭୨ଜଣ ପିଲା ପଢୁଥିବାବେଳେ ଏବେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତି । ସେମାନଙ୍କ ମଧ୍ୟରେ ୨୬ ବାଳିକା ଓ ୨୦ ବାଳକ ରହିଛନ୍ତି । ପୂର୍ବରୁ ବିଦ୍ୟାଳୟରେ ୨ଜଣ ଶିକ୍ଷକ ଥିଲେ । ୩ ମାସ ତଳେ ଜଣେ ଶିକ୍ଷକ ଅବସର ନେବା ପରେ ଡେପୁଟେସନରେ ଏଠାକୁ ଅନ୍ୟ ଜଣେ ଶିକ୍ଷକ ଆସିଥିଲେ । ତେବେ ଉକ୍ତ ଶିକ୍ଷକ ମଧ୍ୟ ବିଦ୍ୟାଳୟରେ ଯୋଗ ଦେବା ପରେ ଆଉ ଆସୁ ନାହାନ୍ତି । ଫଳରେ କେବଳ ପ୍ରଧାନ ଶିକ୍ଷକ ସବୁ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି । ଜଣେ ଶିକ୍ଷକ ଏତେ ପିଲାଙ୍କୁ ପାଠ ପଢାଇବା କଷ୍ଟକର ହେଉଛି । ସେହିପରି ବିଦ୍ୟାଳୟରେ ଗୋଟିଏ କୋଠରି ରହିଛି । ଶ୍ରେଣୀ ଅନୁଯାୟୀ ସ୍ୱତନ୍ତ୍ର ଶ୍ରେଣୀଗୃହ ନାହିଁ । ଫଳରେ ଗୋଟିଏ ଛୋଟ ଶ୍ରେଣୀଗୃହରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲା ଏକାଠି ବସି ପାଠ ପଢୁଛନ୍ତି । ପୁଣି ସେହି ଛୋଟ କୋଠରିରେ ଅଫିସ କାର୍ଯ୍ୟ ମଧ୍ୟ ଚାଲୁଛି । ସେହିପରି ବେଞ୍ଚ ଓ ଡେସ୍କ ନ ଥିବାରୁ ସେମାନେ ତଳେ ପାଲ ପକାଇ ପଢ଼ିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ନାହିଁ । ଘର କାନ୍ଥ ଫାଟି ଆଁ କରିଛି । ବିଦ୍ୟାର୍ଥୀମାନଙ୍କ ପାଇଁ ଶୌଚାଳୟ କି ଖେଳ ପଡ଼ିଆ ନାହିଁ । ଶୌଚ ଲାଗିଲେ ପିଲାମାନେ ନିକଟସ୍ଥ ଗୋଷ୍ଠୀ ଶୌଚାଳୟକୁ ଯାଉଛନ୍ତି । ସେହିପରି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ପିଲାମାନେ ମଧ୍ୟାହ୍ନ ଭୋଜନ ପରେ ନିକଟସ୍ଥ ନଳକୂପକୁ ଯାଇ ହାତମୁହଁ ସଫା କରୁଛନ୍ତି । ପାଚେରି ନ ଥିବା ଯୋଗୁ ବିଦ୍ୟାଳୟ ଚାରିପାଖରେ ଅଳିଆ ଆବର୍ଜନା ପକାଇ ପରିବେଶକୁ ପ୍ରଦୂଷିତ କରାଯାଉଛି । ବିଭିନ୍ନ ସମୟରେ ସ୍ଥାନୀୟ ବୁଲା ପ୍ରାଣୀ ବିଦ୍ୟାଳୟ ପରିସରକୁ ପଶିଆସି ମଳ ମୂତ୍ର ତ୍ୟାଗ କରି ପରିବେଶ ପ୍ରଦୂଷିତ କରୁଛନ୍ତି । ବିଦ୍ୟାଳୟ ସମସ୍ୟାକୁ ନେଇ ଅଭିଭାବକମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ ।

# ଲଗାଣ ବର୍ଷା ପରେ ଧାନ ଫସଲରେ ଚକଡ଼ା ଆତଙ୍କ : ଚାଷୀଙ୍କ ଚିନ୍ତା ବଢ଼ିଲା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷା ପରେ ଝାରସୁଗୁଡ଼ା ଜିଲ୍ଲାରେ ଧାନ ଚାଷ ଏବେ ରୋଗପୋକ ସମସ୍ୟାର ସମ୍ମୁଖୀନ ହୋଇଛି । ବିଶେଷକରି ଧାନ ଗଛରେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି । କୋଲାବିରା, ଲଇକେରା, କିର୍ମିରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଗଛରେ ଚକଡ଼ା ପୋକର ଉପଦ୍ରବ ଧୀରେଧୀରେ ବଢୁଥିବା ଚାଷୀମାନେ କହିଛନ୍ତି ।

ଚକଡ଼ା ପୋକ ଆକ୍ରମଣ ଯୋଗୁଁ ପ୍ରଥମେ ଧାନ ଗଛ ହଳଦିଆ ପଡ଼ିଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଗଛ ଶୁଖି ମରିଯାଉଥିବା ଅଭିଯୋଗ ହେଉଛି । ଗୋଟିଏ ଜମିରୁ ଅନ୍ୟ ଜମିକୁ ଏହା ବ୍ୟାପିବାରୁ ଆଗାମୀ ଦିନରେ ଧାନ ଉତ୍ପାଦନ ପ୍ରଭାବିତ ହେବା ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି । କୋଲାବିରା ବ୍ଲକ ଗାୟତ୍ରୀ କୃଷକ ସଂଘର ସଭାପତି ହେମନ୍ତ ସାହୁ କହିଛନ୍ତି ଯେ, ଦୁଇ ମାସରୁ ଅଧିକ ସମୟ ଧରି ଲଗାଣ ବର୍ଷା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ପ୍ରତିଦିନ ବର୍ଷା ହେଉଥିବାରୁ ଚାଷୀମାନେ ଠିକ୍ ସମୟରେ ସାର ଓ କୀଟନାଶକ ପ୍ରୟୋଗ କରିପାରୁନାହାନ୍ତି । ଏବେ ଧାନ ଗଛରେ ଚକଡ଼ା ପୋକର ପ୍ରାଦୁର୍ଭାବ ଚିନ୍ତାକୁ ଆହୁରି ବଢ଼ାଇଛି । ଲଇକେରା ବ୍ଲକର ବରିଷ୍ଠ ଚାଷୀ ସୁଶାନ୍ତ ସାହୁଙ୍କ କହିବା ଅନୁସାରେ, ବର୍ତ୍ତମାନ ଅନେକ ଜମିରେ ଧାନ ଗଛ ହଳଦିଆ ଦେଖାଯାଉଛି । ଏହାର ନିରାକରଣ ପାଇଁ କୃଷି ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନନେଲେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ ବୋଲି ସେ କହିଛନ୍ତି । ସେହିପରି ଜିଲ୍ଲା କୃଷକ ସଂଗଠନର ବିରଞ୍ଚି ସାହୁ କହିଛନ୍ତି ଯେ, ଚାଷୀଙ୍କୁ ଆବଶ୍ୟକ ସମୟରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନାହିଁ । ଠିକ୍ ସମୟରେ ଉପଯୁକ୍ତ ସାର ଓ କୀଟନାଶକ ନମିଳିବା ଯୋଗୁଁ ଧାନ ଚାଷରେ ରୋଗପୋକ ସମସ୍ୟା ବଢୁଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ, ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ । ଧାନ ଚାଷରେ ଚକଡ଼ା ପୋକର ପ୍ରାଦୁର୍ଭାବ ରୋକିବା ସହ ଚାଷୀଙ୍କୁ ଆବଶ୍ୟକ କୀଟନାଶକ ଓ ପରାମର୍ଶ ଯୋଗାଇବାକୁ କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଘଟଗାଁରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି ଘରୋଇ ବସ୍

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ଘଟଗାଁ ବସ୍ ଷ୍ଟାଣ୍ଡରେ ବସ୍ ଛିଡ଼ା ନକରି ବଙ୍ଗଳା ଛକରେ ଛିଡ଼ା କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି ଘରୋଇ ବସ । ଯାହା ଫଳରେ ତୀର୍ଥ ଯାତ୍ରୀ ଆମ୍ବୁଲାନ୍ସ ଅନ୍ୟାନ୍ୟ ଘରୋଇ ଗାଡ଼ିଗୁଡ଼ିକ ଯିବାରେ ସମସ୍ୟା ହେଉଛି । ସୂଚନା ଥାଉକି ଘଟଗାଁରେ ଦୁଇଟି ବସ ଷ୍ଟାଣ୍ଡ ଥିଲେ ସୁଧା ବସ୍‌ଗୁଡ଼ିକ ଷ୍ଟାଣ୍ଡ ଭିତରୁ ବାହାରି ସିଧା ଯିବା ପରିବର୍ତ୍ତେ ବଙ୍ଗଳା ଛକରେ ଛିଡ଼ା କରି ଯାତ୍ରୀ ଉଠାଉଥିବା ଯୋଗୁ ଅନେକ ସମୟ ବଙ୍ଗଳା ଛକରେ ଟ୍ରାଫିକ ସମସ୍ୟା ଉପୁଜୁଛି । ଯାହା ଫଳରେ ଆମ୍ବୁଲାନ୍ସ ରୋଗୀ ନେଇଯିବା ଆସିବାରେ ବାଧା ସୃଷ୍ଟି ହେବା ସହ ତୀର୍ଥ ଯାତ୍ରୀମାନେ ତାରିଣୀ ଦର୍ଶନ ସାରି ଗୁଣ୍ଡିଚା ଘାଗୀ ବୁଲିବାକୁ ଯିବାରେ ମଧ୍ୟ ସମସ୍ୟା ଦେଖାଯାଉଛି । ଉକ୍ତ ଛକ ଦେଇ ବ୍ଲକ କାର୍ଯ୍ୟାଳୟ, ମୃତ୍ତିକା ସଂରକ୍ଷଣ ଅଫିସ, ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦିକୁ ସାଧାରଣ ଲୋକ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସମସ୍ୟା ଭିତରେ ଟ୍ରାଫିକ୍ ସମସ୍ୟାକୁ ଆହୁରି ଜଟିଳ କରୁଛନ୍ତି ମନ୍ଦିର ପାଚେରୀ କଡ଼ରେ ବସୁଥିବା କିଛି ଉଠା ଦୋକାନୀ ଓ ଗୁପ୍‌ଚୁପ୍ ବ୍ୟବସାୟୀ । ପୁଲିସ ପ୍ରଶାସନର ନୀରବତା ଅବହେଳା ଯୋଗୁ ଏଭଳି ହେଉଥିବା ସାଧାରଣରେ ଆଲୋଚନା ହେଉଛି । ପୁଲିସ ପ୍ରଶାସନ ତୁରନ୍ତ ଘଟଣା ପ୍ରତି ଦୃଷ୍ଟି ଦେଇ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ଜନ ସାଧାରରେ ଦାବି ହେଉଛି ।

# ୬ କୋଟିର ପିଚୁ ରାସ୍ତା ଧସୁଛି : ଭିଜିଲାନ୍ସ ତଦନ୍ତ ଦାବି କଲେ ଅଞ୍ଚଳବାସୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିର୍ମାଣ ହେବାର ଏକ ମାସ ନପୂରୁଣୁ ଧସୁଛି ୬କୋଟି ୩୨ଲକ୍ଷର ପିଚୁରାସ୍ତା, ଯାହାକୁ ନେଇ ତେଜୁଛି ଅସନ୍ତୋଷ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ଅଞ୍ଚଳବାସୀ । ଚିତ୍ରୋତ୍ପଳା ନଦୀ ବନ୍ଧର ବାମ ପାର୍ଶ୍ୱ ୪କି.ମି. ପାଟକୁରା ବ୍ରିଜ୍ ପାଖରୁ ମାଣ୍ଡିଆ ରାଘବପୁର ପର୍ଯ୍ୟନ୍ତ ନଦୀବନ୍ଧ ଉନ୍ନତିକରଣ ଓ ପିଚୁ ରାସ୍ତା ନିର୍ମାଣ ହୋଇଥିଲା । ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ । ଏକ ମାସ ହେବ ଏହି ନଦୀବନ୍ଧ ପୁନଃରୁଦ୍ଧାର ଓ ପିଚୁରାସ୍ତା କାର୍ଯ୍ୟରେ କୋଟିକୋଟି ଟଙ୍କାର ଘୋଟାଲା ହୋଇଥିବା ନେଇ ଜିଲ୍ଲା କୃଷକ ସଂଗଠନର ସଭାପତି ଗୟାଧର ଧଳ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଠିକାଦାର ଓ ରାସ୍ତାର ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ସ୍ଥାନୀୟ ବାଲି ମାଫିଆଙ୍କ ସାଲାସୁତୁରାରେ ତରବରିଆ ଭାବେ ରାସ୍ତା ନିର୍ମାଣ ହୋଇଥିବା ପାଇଁ ରାସ୍ତାର ଦୁଇପାର୍ଶ୍ୱରୁ ମାଟି ଧସିବା ସହ ପିଚୁରାସ୍ତା ଧସିପଡ଼ିଛି ଯାହାକୁ ନେଇ ଆତଙ୍କିତ ହୋଇପଡିଛନ୍ତି ମାଣ୍ଡିଆ ରାଘବପୁର ପୋଦନା ନରସିଂହପୁର ଆଦି ଗ୍ରାମର ସାଧାରଣ ଜନତା ।

# ସୁଗମତାର ମଡେଲ ହେବ କୋରେଇ ବ୍ଲକ୍

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମତା କ୍ଷେତ୍ରରେ ଯାଜପୁର ଜିଲ୍ଲା କୋରେଇ ବ୍ଲକକୁ ଏକ ମଡେଲ ବ୍ଲକ ଭାବେ ଗଢ଼ି ତୋଳିବାକୁ ପଦକ୍ଷେପ ନିଆଯାଇଛି । କୋରେଇ ବିଡିଓ ଅବନୀକାନ୍ତ ସାହୁ ବ୍ଲକର ସମସ୍ତ ସର୍ବସାଧାରଣ ଭବନକୁ ଦିବ୍ୟାଙ୍ଗଙ୍କ ପାଇଁ ସୁଗମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବ୍ଲକ ଅଧୀନରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ, ଚିକିତ୍ସାଳୟ, ରାଜସ୍ୱ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମେତ ସର୍ବସାଧାରଣଙ୍କ ବ୍ୟବହାରରେ ଥିବା ଭବନଗୁଡ଼ିକରେ ଆବଶ୍ୟକ ସୁଗମତା ସୁବିଧା ନିଶ୍ଚିତ କରାଯିବ । ଆସନ୍ତା ଡିସେମ୍ବର ୩ ପୂର୍ବରୁ କୋରେଇ ବ୍ଲକକୁ ସୁଗମ କରିବା ଦିଗରେ କାର୍ଯ୍ୟ ସଂପାଦନ କରାଯିବ ବୋଲି ବିଡିଓ ଶ୍ରୀ ସାହୁ ଘୋଷଣା କରିଛନ୍ତି । ଏହି ଉଦ୍ଦେଶ୍ୟରେ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଅବନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଦିବ୍ୟାଙ୍ଗଙ୍କ ପାଇଁ ସୁଗମତା ସଂପର୍କିତ ଏକ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ । କାର୍ଯ୍ୟକ୍ରମରେ ବ୍ଲକର ଲାଇନ୍ ବିଭାଗର ଅଧିକାରୀ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଙ୍ଗ୍ୱାର ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀମାନଙ୍କୁ ସୁଗମତାର ଗୁରୁତ୍ୱ, ଦିବ୍ୟାଙ୍ଗଙ୍କ ଅଧିକାର ଏବଂ ଭିନ୍ନକ୍ଷମ ଅଧିକାର ଆଇନର ବିଭିନ୍ନ ବ୍ୟବସ୍ଥା ସଂପର୍କରେ ସଚେତନ କରାଯାଇଥିଲା ।

ସୁଗମ ଓଡ଼ିଶା ଅଭିଯାନର ରାଜ୍ୟ ମୁଖ୍ୟ ତଥା ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀ ସୁଗମତା ମାନଦଣ୍ଡ ଓ ଦିବ୍ୟାଙ୍ଗ ଅଧିକାର ଆଇନ ୨୦୧୬ ସଂପର୍କରେ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । କୋରେଇ ବ୍ଲକକୁ ସୁଗମତାର ଏକ ମଡେଲ ଭାବେ ଗଢ଼ି ତୋଳିବା ପାଇଁ ବିଡିଓଙ୍କ ଏହି ପଦକ୍ଷେପକୁ ଦିବ୍ୟାଙ୍ଗ ଅଧିକାର କର୍ମୀ ଓ ସଚେତନ ନାଗରିକମାନେ ସ୍ୱାଗତ କରିଛନ୍ତି । ଏହା ସଫଳ ହେଲେ କୋରେଇ ବ୍ଲକ ଯାଜପୁର ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ପାଇଁ ସୁଗମତା ଓ ସମାନ ଅଧିକାରର ଏକ ମଡେଲ ଭାବେ ଉଦାହରଣ ସୃଷ୍ଟି କରିପାରିବ ବୋଲି ସାଧାରଣ ଆଲୋଚନା ହେଉଛି ।

# ଆବର୍ଜନାରେ ପୋତି ହେଉଛି ଗୋବରୀ, ନଦୀର ଆଶ୍ୱସ୍ତି ପାଇଁ ଗୁହାରି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ାର ଗୋବରୀ ନଦୀର ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ଜନସଚେତନତାର ବାର୍ତ୍ତା ଦିଆଯାଇଛି । ଏକଦା ଜନଜୀବନ ଓ ଜୀବିକାର ମୁଖ୍ୟ ଆଧାର ଥିବା ଗୋବରୀ ନଦୀ ଏବେ ଆବର୍ଜନାରେ ପୋତି ହେଉଥିବାରୁ ଏହାର ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ନଦୀ ଦିବସରେ ଗୋବରୀ ନଦୀ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ନଦୀ ମାତା ଗୋବରୀଙ୍କ ଆଳତି କରାଯିବା ସହ ନଦୀକୁ ଶାଢ଼ି ପିନ୍ଧାଇ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରାଯାଇଥିଲା । କାର୍ଯ୍ୟକ୍ରମ ମାଧ୍ୟମରେ ଗୋବରୀ ନଦୀରେ ଆବର୍ଜନା ନ ପକାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ନଦୀକୁ ସ୍ୱଚ୍ଛ ରଖିବା ସହ ଏହାର ପ୍ରାକୃତିକ ପରିବେଶ ଓ ଜଳଧାରାର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନାଗପୁର, ଦେପୁର, କଦଳୀବାଡ଼ି, ସାରଙ୍ଗ, ହଜାରିବଗିଚା ଓ ଆଳିଜଙ୍ଗା ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ । କେନ୍ଦ୍ରାପଡ଼ା ସହରରେ ଏଭଳି ଏକ ନିଆରା ନଦୀ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାରୁ ବୁଦ୍ଧିଜୀବୀ ଓ ବୟସ୍କମାନେ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ । ଟ୍ରଷ୍ଟର ସଭାପତି ଦମନ ମହାନ୍ତି କହିଥିଲେ, "ଜଙ୍ଗଲ ନାହିଁ, ନଦୀ ନାହିଁ; ଜଳ ନାହିଁ, ଜୀବନ ନାହିଁ ।" ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ଓ ନଦୀର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ସେ ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ଟ୍ରଷ୍ଟର ପରାମର୍ଶଦାତା ନିମାଇଁ ଚରଣ କର, ମୁଖପାତ୍ର ପ୍ରମୋଦ ନାୟକ, ପୂଜକ ହରେକୃଷ୍ଣ ପଡ଼ିଆରୀ, ମନୋଜ ନାୟକ, ସଂଗ୍ରାମ ଦାସ, ତପନ ସେନାପତି, ଜ୍ଞାନ ରଞ୍ଜନ ମହାନ୍ତି, ଅଜୟ କୁମାର ରାଉତ, ସନ୍ତୋଷ ତରାଇ, ରଞ୍ଜନ କୁମାର ମିଶ୍ର, ମନୋଜ ରାଉତ, ନରୋତ୍ତମ ବିଶ୍ୱାଳ, ରଘୁନାଥ ସ୍ୱାଇଁ ଓ ଜ୍ୟୋତିଷ ଗୌରାଙ୍ଗ ନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପୁରୀ ସମୁଦ୍ର ବାରମ୍ବାର କୂଳ ଲଙ୍ଘୁଛି : ପ୍ରତିକାର ଶୂନ୍

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ବିଗତ ୨୦ ବର୍ଷ ଭିତରେ ପୁରୀ ସମୁଦ୍ର ବାରମ୍ବାର କୂଳ ଲଙ୍ଘୁଛି । ଗଣମାଧ୍ୟମରେ ପ୍ରଚାର ପ୍ରସାର ଜୋର ହେଉଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ । ୨୦୧୬ ମସିହାରେ ଏହିଭଳି ଭୟଙ୍କର ସ୍ଥିତି ଦେଖିବାକୁ ମିଳିଥିଲା । ସମୁଦ୍ରକୂଳେ ଜିଓ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରାଯାଉନାହିଁ । ଉଚ୍ଚ ଜୁଆର କୂଳରେ ମାଡ଼ ହେବା ପରେ କିଛି ଖାଲି ଜାଗା ରହିଲେ ଢେଉ ଦୁର୍ବଳ ହେବ । ରାସ୍ତା ନିର୍ମାଣ, ପ୍ରାଚୀର ନିର୍ମାଣ ଓ ଚଲାପଥ ନିର୍ମାଣ ଯୋଗୁ ଜୁଆର କୂଳରେ ମାଡ଼ ହୋଇ ବାଲି ତାଡ଼ି ନେଉଛି । ସମୁଦ୍ରକୂଳେ ପ୍ରାକୃତିକ ଉପାୟରେ ଗଢି ଉଠିଥିବା ବାଲିବନ୍ତ ଅବକ୍ଷୟ ଯୋଗୁ ଜୁଆର ସହରମୁହାଁ ହେଉଛି । ପୁରୀ ସମୁଦ୍ରକୂଳ ଲଙ୍ଘିବାର ଅନେକ କାରଣ ରହିଛି । ସମୁଦ୍ରକୂଳରୁ ବାଲି ଉତ୍ତୋଳନ କରିନେବା, ସମୁଦ୍ରକୂଳରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ମଙ୍ଗଳା ମୁହାଣ ବାରମ୍ବାର ଦିଗ ପରିବର୍ତ୍ତନ କରିବା ଯୋଗୁ ପୁରୀ ସମୁଦ୍ରକୂଳ କ୍ଷୟ ହେଉଛି । ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ରର ଜଳ ବୃଦ୍ଧି ଫଳରେ ଉଚ୍ଚ ଜୁଆର ଆସି ପୁରୀ ସମୁଦ୍ରକୂଳ ଖାଇଯାଉଛି । ବାରମ୍ବାର ଲଘୁଚାପ, ଅବପାତ, ସାମୁଦ୍ରିକ ବାତ୍ୟା ଯୋଗୁ ପୁରୀ ସମୁଦ୍ର ଅଶାନ୍ତ ହେଉଛି । ବାତ୍ୟା ସମୟରେ ଢେଉର ଉଗ୍ର ରୂପ, ଭୟଙ୍କର ଗର୍ଜନ ଓ ଢେଉ କୂଳକୁ ମାଡ଼ି ଆସିବା ଯୋଗୁ ବାଲି ତାଡ଼ି ନେଉଛି । ସମୁଦ୍ରକୂଳରେ ବଡ଼ ବଡ଼ ହୋଟେଲ ନିର୍ମାଣ, ବୋରିଂ କରି ଭୂତଳଜଳ ଉତ୍ତୋଳନ ଯୋଗୁ ବାଲିରେ ଚାପ ସୃଷ୍ଟି ହେଉଛି । ଯାହାଫଳରେ ପ୍ରାକୃତିକ ଅସନ୍ତୁଳନ ସୃଷ୍ଟି ହେଉଛି । ସମୁଦ୍ର ପାଣି ଠାରୁ ସାତଶହ ଫୁଟ ଖାଲି ଜାଗା ନଥିବାରୁ ଢେଉ କୂଳରେ ମୋଡ଼ିହୋଇ ରାସ୍ତା ଖାଇଯାଉଛି । ସିଆରଜେଡ ଆଇନ ବାରମ୍ବାର ଉଲ୍ଲଙ୍ଘନ କରାଯାଉଛି । ମଙ୍ଗଳା ମୁହାଣରୁ ବାଲି ଉତ୍ତୋଳନ, ବାଲିବନ୍ତ ନଷ୍ଟ, ବ୍ୟାପକ ଝାଉଁଗଛ କାଟିବା, ମଙ୍ଗଳା ମୁହାଣ ବାରମ୍ବାର ଖୋଲିବା ଓ ପୋତିବା ଯୋଗୁ ଏହି ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି । ମଙ୍ଗଳା ନଦୀ କୂଳରେ ଚାରି-ପାଞ୍ଚଟି ବଡ଼ ହୋଟେଲ ଥିବାରୁ ମଙ୍ଗଳା ନଦୀର ଜଳ ୟୁ ଟର୍ଣ୍ଣ ପାଇଁ ସ୍ଥାନ ନପାଇ ଲାଇଟ ହାଉସ ପଟକୁ ମାଡ଼ି ଆସୁଛି । ନଦୀରେ ଯେତିକି ପଟୁ ମାଟି ଆସିବା କଥା ବ୍ରିଜ୍ ଓ ଆନିକଟ ନିର୍ମାଣ ଯୋଗୁ ତାହା ସମୁଦ୍ରକୁ ଆସିପାରୁନାହିଁ । ଯାହାଫଳରେ ସମୁଦ୍ରଢେଉ କୂଳରୁ ବାଲି ତାଡ଼ି ନେଉଛି । ବାଲିବନ୍ତ ନଷ୍ଟ ଯୋଗୁ ଭୂଗର୍ଭୀୟ ସ୍ଥିରତାରେ ଚହଲ ସୃଷ୍ଟି ହେଉଛି । ପ୍ରାକୃତିକ ବାଲିବନ୍ତ ଓ ହେନ୍ତାଳ ବଣ ନଥିବାରୁ ସମୁଦ୍ର ଢେଉ ସହର ମୁହାଁ ହେଉଛି । ମଙ୍ଗଳା ନଦୀର ଗତିପଥ ବାରମ୍ବାର ପରିବର୍ତ୍ତନ ଯୋଗୁ ସମୁଦ୍ରକୂଳରେ ଚାପ ସୃଷ୍ଟି ହେଉଛି । ପର୍ଯ୍ୟଟନର ବିକାଶ ଯୋଗୁ ସମୁଦ୍ରକୂଳେ ରାସ୍ତା ନିର୍ମାଣ, ବ୍ୟାପକ ଝାଉଁଗଛ କାଟିବା, ପ୍ରାଚୀର ନିର୍ମାଣ ଯୋଗୁ କୂଳର ବିନାଶ ଘଟୁଛି । ପୁରୀ ସମୁଦ୍ରକୂଳ ଖାଇବାରେ ଭୌଗୋଳିକ, ବୈଷୟିକ ଓ ବୈଜ୍ଞାନିକ କାରଣ ରହିଛି । ପୁରୀ ସମୁଦ୍ରକୂଳ ଢାଲୁ ପରି ସମୁଦ୍ର ଭିତରକୁ ରହିଛି । ପୁରୀ ବେଳାଭୂମିର ସୁବର୍ଣ୍ଣ ବାଲି କଣିକା ପାଣି ଶୋଷିନେବା ଓ ଛାଡ଼ିବା ଦକ୍ଷତା ରହିଥିବା ବେଳେ କୂଳରେ ଦୋକାନ ବଜାର ସ୍ଥାପନ ଯୋଗୁ ପ୍ରାକୃତିକ ସନ୍ତୁଳନ ବିଗୁଡୁଛି । ରାଜ୍ୟ ସରକାର ପୁରୀ ସମୁଦ୍ରକୂଳ ପ୍ରତି ଧ୍ୟାନ ଓ ପ୍ରତିକାର ନକଲେ ସମୁଦ୍ର ଭିତରେ ଦ୍ୱାରିକା ପରି ଶ୍ରୀକ୍ଷେତ୍ର ବୁଡ଼ି ଯିବାର ଆଶଙ୍କା ସମ୍ପର୍କରେ ବୁଦ୍ଧିଜୀବୀ ଓ ପରିବେଶବିତ୍ ଆଲୋଚନା କରୁଛନ୍ତି ।

# ଛାଡ଼ିଲା ବନ୍ୟା : ବଢ଼ିଲା ଚାଷୀଙ୍କ ଦୁର୍ଦ୍ଦଶା



**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାରେ ଗତ ସପ୍ତାହରେ ହାତୀ ଓ ତେଲ ନଦୀରେ ବନ୍ୟା ଆସିବାରୁ ନଦୀ କୂଳରେ ଥିବା ଶତାଧିକ ଏକର ଧାନଚାଷ ନଷ୍ଟ ହୋଇଯାଇଛି । ଗତ ମାସରେ ଚାଷୀ ଧାନରୁଆ କାମ ସାରି ଦ୍ୱିତୀୟ ଥର ଖତ ସାର ମଧ୍ୟ ପ୍ରୟୋଗ କରିଥିଲେ । ହେଲେ ଲଗାଣ ବର୍ଷା ଯୋଗୁ ହାତୀ ଓ ତେଲ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ଏହା ବନ୍ୟା ରୂପ ନେଇଥିଲା, ଯାହାର ସିଧାସଳଖ ପ୍ରଭାବ ପଡ଼ିଥିଲା ଚାଷୀଙ୍କ ଉପରେ । ବନ୍ୟା ଛାଡ଼ିବା ପରେ ଏବେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି । ଅନେକ ଚାଷଜମି ବାଲିଚର ହେବା ସହ ଧାନ ଫସଲ ପଚି ନଷ୍ଟ ହୋଇଯାଇଛି । କିଛି ଜମିରେ ଏବେ ମଧ୍ୟ ବନ୍ୟାପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ବିଶେଷକରି ହାତୀ ନଦୀରେ ବନ୍ୟା ଯୋଗୁ ଜୁନାଗଡ଼ ବ୍ଲକ୍‌ର ମୂର୍ଲାପଦର, ପରିଆଗାଁ, ଚିଙ୍ଗୁଡ଼ିସର, ପାଣିଗାଁ, ଝାରବନ୍ଧ, ପରିଆଗଡ଼, ଭଇଁରିଗୁଡ଼ା, ବାଗଡୁଙ୍ଗରୀ, ମିଚାଗାଁ, ଚିଚୈଗୁଡ଼ା ତଳମଲା, ମସିଗାଁ ଓ ସାହାଜକନା ପ୍ରଭୃତି ଗ୍ରାମର ପ୍ରାୟ ୮ ଶହ ଏକରରୁ ଊର୍ଦ୍ଧ୍ୱ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି । ହାତୀ ନଦୀରେ ଏହା ତୃତୀୟ ବନ୍ୟା ଥିଲା । ଧାରକରଜ କରି ୩ଥର ଚାଷୀ ଜମିରେ ଧାନ ରୋଇଥିବାବେଳେ ବନ୍ୟା ସେମାନଙ୍କ ସ୍ୱପ୍ନକୁ ଉଜାଡ଼ି ଦେଇଛି । ସେହିପରି ବନ୍ୟା ସମୟରେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ମଙ୍ଗଳପୁର ବ୍ୟାରେଜରୁ ୫ଟି ଗେଟ୍ ଖୋଲିଦେବା ପରେ ତଳମୁଣ୍ଡରେ ବନ୍ୟା ପାଣି ମାଡ଼ିଆସିବାରୁ ଧାନ ଫସଲ ଆମର ନଷ୍ଟ ହୋଇଗଲା । ଯଦି ସରକାର କ୍ଷତିପୂରଣ ନ ଦିଅନ୍ତି ତଥା ଇନ୍‌ସ୍ୟୁରାନ୍ସ କମ୍ପାନୀ ବୀମା ଟଙ୍କା ପ୍ରଦାନ ନ କରନ୍ତି ପରିବାର କେମିତି ଚଳିବ ବୋଲି ଅତି କ୍ଷୋଭର ସହ ସ୍ଥାନୀୟ ଚାଷୀ ହିମାଂଶୁ ପୂଜାରୀ, ଭବାନୀ ବିଶ୍ୱାଳ, ଗଦାଧର ବିଶ୍ୱାଳ, ଈଶ୍ୱର ପୂଜାରୀ ପ୍ରମୁଖ ପ୍ରକାଶ କରିଛନ୍ତି । ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଚାଷଜମିର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

# ମରଣଯନ୍ତା ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ : ଚମ୍ପୁଆ-ରିମୁଳି ରାସ୍ତାରେ ଖାଲଖମା, ତେଜୁଛି ଜନଅସନ୍ତୋଷ



**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯାନ୍ତା ସଦୃଶ ପାଲଟିଛି । ଏହି ରାସ୍ତା ଦେଇ ପ୍ରତିଦିନ ଯୋଡ଼ା ଓ ବଡ଼ବିଲ ଖଣି ଅଂଚଳରୁ ଲୁହାପଥର ବୋଝେଇ ହୋଇ ହଜାର ହଜାର ଭାରୀଯାନ, ଟ୍ରକ ଓ ଟ୍ରଲର ପଡ଼ୋଶୀ ଝାରଖଣ୍ଡ ରାଜ୍ୟକୁ ଚଳାଚଳ କରୁଛି । ମାତ୍ର ଅତି ଦୁଃଖର ବିଷୟ ଯେ, ରିମୁଳି ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାର ପିଚୁ ଭାଙ୍ଗିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ଏହି କାରଣରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ର ନିଦ ଭାଙ୍ଗୁ ନାହିଁ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ଚରମ ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚମ୍ପୁଆ ଏକ ଉପଖଣ୍ଡସ୍ତରୀୟ ମୁଖ୍ୟାଳୟ ହୋଇଥିବାରୁ ଏଠାକୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି । ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସରକାରୀ କର୍ମଚାରୀମାନେ ଠିକ୍ ସମୟରେ ନିଜ କାର୍ଯ୍ୟସ୍ଥଳରେ ପହଂଚି ପାରୁନାହାନ୍ତି । ସବୁଠାରୁ ଗୁରୁତର ବିଷୟ ହେଉଛି, ଜୀବନ ମରଣ ସହ ସଂଗ୍ରାମ କରୁଥିବା ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଏହି ଖରାପ ରାସ୍ତା ଓ ଟ୍ରାଫିକ ଜାମରେ ଦୀର୍ଘ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି ।

ଏ ସମ୍ପର୍କରେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, 'ରାସ୍ତା ବହୁତ ଖାଲଖମା ହୋଇଯାଇଛି । ଲଗାତାର ବର୍ଷା ଲାଗି ରହୁଥିବା ଯୋଗୁଁ ବୋଧହୁଏ ମରାମତି କାମ ହୋଇପାରୁନାହିଁ । ତେବେ କେମିତି ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇପାରିବ, ସେ ଦିଗରେ ମୁଁ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେଉଛି ।'

# ଚମ୍ପୁଆ ଏନଏସିରେ ନିମ୍ନମାନର ରାସ୍ତା ଓ ଡ୍ରେନ୍ କାମ : ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ହୋଇଥିବା ରାସ୍ତା ଏବଂ ଡ୍ରେନ୍ କାମ ଗୁଡିକ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । କାମ ଆରମ୍ଭରୁ ବିଭାଗ ପକ୍ଷରୁ ଠିକ୍ ଭାବରେ ତଦାରଖ ନ ହେବା କାରଣରୁ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଯୋଗୁଁ କିଛି ଦିନର ବର୍ଷା କିମ୍ବା ବ୍ୟବହାର ପରେ ରାସ୍ତା ଓ ଡ୍ରେନ୍ ଗୁଡ଼ିକ ନଷ୍ଟ ହେବାକୁ ବସିଲାଣି । ଲୋକଙ୍କ କଷ୍ଟାର୍ଜିତ ଟିକସ ଏବଂ ସରକାରୀ ପାଣ୍ଠିର ଏପରି ଅପବ୍ୟୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି । ତେଣୁ ଏହା ପଛରେ ରହିଥିବା ଦୁର୍ନୀତିଗ୍ରସ୍ତ ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀମାନେ ଏହି ନିମ୍ନମାନର କାମ ପାଇଁ ଦାୟୀ, ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହି ସମସ୍ତ ନିମ୍ନମାନର କାର୍ଯ୍ୟକୁ ଦୃଷ୍ଟିରେ ରଖି ଚମ୍ପୁଆ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଶେରଗଡ଼ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଶେରଗଡ଼ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଷଣ ମାସରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଶେରଗଡ଼ ବ୍ଲକ୍‌ର ୧୯୬ ଅଙ୍ଗନୱାଡ଼ି କେନ୍ଦ୍ରରେ ସିଡ଼ିପିଓ ମମତାଞ୍ଜଳି ପଣ୍ଡାଙ୍କ ନିର୍ଦ୍ଦେଶ ପ୍ରକାରେ ଖୁବ୍ ଉତ୍ସାହର ସହ ତିନିଦିନ ବ୍ୟାପୀ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଗୁଡିକ, ସର୍ବ ଅଞ୍ଚଳ ପରିଦର୍ଶୀକା ବାସନ୍ତୀ ଦାସ, ଦୀପ୍ତି ରାଣୀଧୋବା, ସଂଯୁକ୍ତା ପ୍ରଧାନ, କୁମାରୀ ହୀରା ପାତ୍ର, ପୋଷଣ ଭିସି ଶିବଶଙ୍କର ଆଚାରୀ, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସହଯୋଗରେ ସରସ ସୁନ୍ଦର ଭାବେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଦିବସରେ ଅଙ୍ଗନୱାଡି ଶିଶୁଙ୍କ ଅଭିଭାବକ ତଥା ପିତାମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠାମିଠା ରନ୍ଧାଖାଦ୍ୟର ପ୍ରଦର୍ଶନୀ କେନ୍ଦ୍ର କରାଯାଇ ତିନି ଜଣ ଶ୍ରେଷ୍ଠ ପ୍ରସ୍ତୁତକର୍ତ୍ତାଙ୍କୁ ପ୍ରମାଣ ପତ୍ର ପୋଷଣଝୁଡି ପ୍ରଦାନ କରାଯାଇଛି । ଦ୍ୱିତୀୟ ଦିବସରେ ଶିଶୁ ଓ ଅଭିଭାବକଙ୍କ ଉପସ୍ଥିତରେ ଖେଳକୁଦ, ନୃତ୍ୟ, ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ କେନ୍ଦ୍ର ପକ୍ଷରୁ ଶିଶୁମାନଙ୍କୁ ଫଳ, ମିଲେଟ ବିସ୍କୁଟ ଓ ଲସି ପ୍ରଦାନ କରାଯାଇଛି । ତୃତୀୟ ଦିବସରେ ଅଙ୍ଗନୱାଡ଼ି ଶିଶୁଙ୍କ ସହ ସେମାନଙ୍କ ଜେଜେ ଓ ଜେଜେ ମା'ଙ୍କ ସମାଗମ ହୋଇଥିଲା । ଶିଶୁ ମାନଙ୍କୁ ଜେଜେ ଓ ଜେଜେ ମା' ଗୀତ ଓ ଗପ ଶୁଣାଇ ଭାବର ଆଦାନ ଓ ଭାବ ବିନିମୟ କରିଥିଲେ । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଶିଶୁ ବିକାଶ ଓ ସୁଭଦ୍ରା ହିତାଧିକାରୀମାନେ ଉପକୃତ ହେବା ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ ।

# ପାର୍ବଣରେ ବଢ଼ିଲାଣି ବେଆଇନ ନିଶା କାରବାର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ କୋରାପୁଟ ଜିଲାର ଜୟପୁର ସହର ଅଞ୍ଚଳରେ ବଢ଼ିବାରେ ଲାଗିଛି ବେଆଇନ ନିଶା କାରବାର । କୋରାପୁଟ ଜିଲା ଏକ ଆଦୀବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଗାଁର ଗଳିକନ୍ଦିରେ ଖୋଲାଖୋଲି କୁଚିଆ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଛି । ତୁରନ୍ତ ଦେଶୀ ମଦ ବନ୍ଦ କରିବା ଦାବିରେ ଗତ ୨ ଦିନ ତଳେ ବୋରିଗୁମ୍ମା ଅଞ୍ଚଳର ଶତାଧିକ ମହିଳାଦ ବନ୍ଦ କରିବାକୁ ଦାବି କରିଥିଲେ । ଏନେଇ ବୋରିଗୁମ୍ମା ଥାନା ଓ ଅବକାରୀ ଥାନା ଅଧିକାରିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି କୁନ୍ଦୁରାରେ ମଦ କାରବାର ବନ୍ଦ କରିବା ପାଇ ଜନପ୍ରତିନିଧି ମାନେ ଚାଲାଣ ହେଉଥିବା ମଦକୁ ଧରି ଅବକାରି ବିଭାଗକୁ ଜିମା ଦେଉଛନ୍ତି । ପାର୍ବଣକୁ ଆଖି ଆଗରେ ରଖି ବେପାରୀମାନେ ମଦ ଗଚ୍ଛିତ ରଖିଥିବା ବେଳେ ଦିନ ଦ୍ୱିପହରରେ ବାଇକ୍ ଯୋଗେ ମଦ ଚାଲାଣ କରୁଥିବା ଲକ୍ଷ୍ୟ କରାଯାଇଛି । ଅଞ୍ଚଳରେ ଏଭଳି ବେଆଇନ ନିଶା କାରବାର ବଢୁଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ବିଭାଗର ଅବହେଳାକୁ ନେଇ ଏବେ ପ୍ରଶ୍ନ ଉଠୁଛି । ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଥିଲେ ମଧ୍ୟ ବେଆଇନ ମଦ ବେପାର ଉପରେ ଏହାର ସ୍ଥାୟୀ ପ୍ରଭାବ ପଡୁନଥିବା ଲକ୍ଷ୍ୟ କରାଯାଇଛି । ଚଢ଼ଉ ପରେ କିଛିଦିନ କାରବାର ବନ୍ଦ ରହୁଥିବା ବେଳେ ପୁଣି ପୂର୍ବଭଳି ବେପାର ଆରମ୍ଭ ହେଉଥିବା ଅଭିଯୋଗ ହେଉଛି । ଗାଁ ଗୁଡ଼ିକରେ ମଦର ଅବାଧ ପ୍ରବାହ ଯୋଗୁଁ ପାରିବାରିକ ଅଶାନ୍ତି ଗଣ୍ଡଗୋଳ ଭଳି ସାମାଜିକ ସମସ୍ୟା ବଢୁଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି । ଅଞ୍ଚଳର ଲୋକେ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । କୋରାପୁଟ ଜିଲ୍ଲା ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ବୈପାରିଗୁଡ଼ା, ଲମତାପୁଟ, ନନ୍ଦପୁର, ପଟାଙ୍ଗୀ, କୋରାପୁଟ,



ସେମିଳିଗୁଡ଼ା, ନାରାୟଣପାଟଣା, ବନ୍ଧୁ ଗାଁ, ଲକ୍ଷ୍ମୀପୁର ଅଞ୍ଚଳରେ ଗୋଟିଏ ଗୋଟିଏ ଦେଶୀ ମଦ ଭାଟି ରହୁଥିବାବେଳେ ମଦ ଭାଟିରୁ ମଦ ପ୍ରସ୍ତୁତ କରି ସହରକୁ ଚାଲାଣ ହେବା ସହ ବିଭିନ୍ନ ଗାଁରେ ବିକ୍ରି କରାଯାଉଥିବା ଜଣାଯାଇଛି । କୋରାପୁଟ ଜିଲ୍ଲାରେ ବିଷାକ୍ତ ବେଆଇନ ମଦ କାରବାର ଜୋର ସୋରରେ ଚାଲିଛି । ଗତ ଦିନରେ ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରାରେ ମହିଳାମାନେ ମଦ ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ଘେରାଉ କରି ଦାବି ପତ୍ର ପ୍ରଦାନ କରିଥିବା ବେଳେ ଜୟପୁରରେ ମଦ ବନ୍ଦ କରିବା ପାଇ ମହିଳାମାନେ ଆଗକୁ ଆସିଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ହାଡିଆ ପଞ୍ଚାୟତରେ ବେଆଇନ ମଦ ବିକ୍ରି ସହ ମଦ ବନ୍ଦ କରିବାକୁ ଶତାଧିକ ମହିଳା ବାହାରିଥିଲେ । ଏନେଇ ଜୟପୁର ସଦର ଥାନା ଓ ଅବକାରୀ ଥାନାକୁ ଘେରାଉ କରାଯାଇଥିଲା । ଜୟପୁର ସଦର ଥାନା ଅଧିକାର ଓ ଅବକାରୀ ଥାନା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ତେଣୁ ପୋଲିସ ଓ ଅବକାରୀ ବିଭାଗ ତରଫରୁ ଚଢ଼ଉ କରି ବେଆଇନ ମଦ କାରବାର ବନ୍ଦ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନରହରି ଭତ୍ରା, କିଶୋର ଚନ୍ଦ୍ର ମାଳି, ପତି ଭୁମିଆ ପ୍ରମୁଖ ଦାବି କରିଛନ୍ତି । ଯଦି ପୋଲିସ ଓ ଅବକାରୀ ପ୍ରଶାସନ କିଛି ପଦକ୍ଷେପ ନନେଲେ ଏସ୍‌ପିଙ୍କ ନିକଟରେ ଦ୍ୱାରସ୍ଥ ହେବୁ ବୋଲି ଚେତାବନୀ ଦେଇଛନ୍ତି । ତେଣୁ ପ୍ରଶାସନ ଚଢ଼ଉ କରି ପଦ କ୍ଷେପ ନେବା ସହ ରାଜ୍ୟ ସରକାର ମଧ୍ୟ ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇ ପଦକ୍ଷେପ ନେବା ପାଇ ସାଧାରଣରେ ମତ ପ୍ରକାଶ ପାଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅକ୍ଟୋବର, ୨୦୨୬ ଶନିବାର





# ସହର ମଧ୍ୟରେ ଡ୍ରେନ୍ ନିର୍ମାଣ:ସଙ୍କୁଚିତ ହେଉଛି ରାସ୍ତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ୫୭ କଡ଼ରେ ଚାଲିଥିବା ଡ୍ରେନ୍ ନିର୍ମାଣ କାମକୁ ନେଇ ଏବେ ବୁଦ୍ଧିଜୀବୀ ମହଲ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହରର ତହସିଲ ଅଫିସ ଛକ ଠାରୁ ଏସ୍‌ଡିପିଓ ଅଫିସ ସାମ୍ନା ଦେଇ ପୁରୁଣା ହସ୍ପିଟାଲ୍ ଛକ ପଟକୁ ବର୍ତ୍ତମାନ ନିର୍ମାଣ ହେଉଥିବା ଡ୍ରେନ୍ କାମକୁ ବିରୋଧ କଲେଣି ଜନସାଧାରଣ ତଥା ବୁଦ୍ଧିଜୀବୀ। ଦିନକୁ ଦିନ ସୋନପୁର ସହରର ଜନସଂଖ୍ୟା ଓ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବା ବେଳେ ରାସ୍ତା ଚଉଡ଼ା କରିବା ନିହାତି ଆବଶ୍ୟକ। ହେଲେ ଏଠାରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ରାସ୍ତା କଡ଼କୁ ଖୋଳି ଡ୍ରେନ୍ ନିର୍ମାଣ କରାଯିବା ଫଳରେ ମୁଖ୍ୟ ରାସ୍ତା ଆହୁରି ସଙ୍କୁଚିତ ହୋଇଯାଇଛି। ଫଳରେ ନିତିଦିନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ଓ ଦୁର୍ଘଟଣା ଆଶଙ୍କା ବଢ଼ିଛି। ରାସ୍ତା ଚଉଡ଼ା କରାଯିବା ସହ ଡ୍ରେନ୍ ନିର୍ମାଣ ହୋଇଥିଲେ ସହରବାସୀ ଉପକୃତ ହୋଇଥାନ୍ତେ ବରଂ ଏହା କେବଳ କାମ ପାଇଁ ଆସିଥିବା ଟଙ୍କା ଖାଇବା ପାଇଁ କାମ ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କଲେଣି। ସହରରେ ନୂତନ ଭାବରେ ନଳିନୀ ଛକ ଠାରୁ ମାଣିକେଶ୍ୱରୀ ମନ୍ଦିର ଛକ ଏବଂ ବଲାଙ୍ଗୀର ରାସ୍ତାରେ ବ୍ଲକ ଛକ ଠାରୁ ଝିଙ୍କୀ ଛକ ପଟକୁ ନିର୍ମାଣ ଡ୍ରେନ୍ ଯୋଗୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏହା ସହିତ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ମଧ୍ୟ ଆସିଛି। ରାସ୍ତା ଚଉଡ଼ା ନକରି ବରଂ ସଙ୍କୁଚିତ ହୋଇଥିବା ବେଳେ ଡ୍ରେନ୍ ନିର୍ମାଣରେ ସମାନ ଚଉଡ଼ା ରାସ୍ତା ନକରି ଯେଉଁଠି ଟ୍ରାନ୍ସଫର୍ମର କିମ୍ବା ଦୋକାନ ଗୃହ ଅଛି ସେହି ସ୍ଥାନରେ ରାସ୍ତା ଉପରକୁ ୫ ରୁ ୭ ଫୁଟ୍ ଉପରକୁ ମାଡ଼ି ଆସିଛି ଡ୍ରେନ୍। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଠିକା ସଂସ୍ଥା ଡ୍ରେନ୍ ପାଇଁ ଖୋଳାଯାଇଥିବା ଗାତରେ ବାଲି ଭର୍ତ୍ତି କରିବା ପରିବର୍ତ୍ତେ ମାଟି ଭର୍ତ୍ତି କରୁଛି। ଯାହା ଫଳରେ ଡ୍ରେନ୍‌ର ସ୍ଥାୟିତ୍ୱ ଓ ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ଭାରୀ ଯାନ ଯଦି ରାସ୍ତା କଡ଼କୁ ଯାଏ ତାହେଲେ ଧସିଯିବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ହସ୍ତକ୍ଷେପ କରି କାମର ଗୁଣବତ୍ତା ଯାଞ୍ଚ କରିବା ସହ ରାସ୍ତାକୁ କିପରି ସୁରକ୍ଷିତ ରଖାଯିବ ସେ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରେଭେନ୍ସାରେ ସରଗରମ ଛାତ୍ର ରାଜନୀତି

# ୮ ବର୍ଷ ପରେ ନିର୍ବାଚନ:ପ୍ରାର୍ଥୀ ଖୋଜାରେ ଛାତ୍ର ସଂଗଠନ

**କଟକ, ନ୍ୟୁଜ୍ ବ୍ୟୁରୋ**



ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ନିର୍ବାଚନୀ ବିଗୁଲ୍ ବାଜିବା ପରେ ବିଭିନ୍ନ ଛାତ୍ର ସଂଗଠନ ସକ୍ରିୟ ହୋଇପଡ଼ିଥିବା ବେଳେ ଆଗାମୀ ନିର୍ବାଚନରେ କାହାକୁ ପ୍ରାର୍ଥୀ କରାଯିବ, ସେନେଇ ମାନସ ମନ୍ଥନ ଆରମ୍ଭ ହୋଇଛି। ପ୍ରାର୍ଥୀ ଘୋଷଣା ହୋଇନଥିଲେ ମଧ୍ୟ କ୍ୟାମ୍ପସରେ ନିର୍ବାଚନୀ ପ୍ରଚାର ଧୀରେ ଧୀରେ ଜୋର୍ ଧରିଛି। ଛାତ୍ର ନେତାମାନେ କ୍ଲାସ୍ ରୁମ୍ ଠାରୁ ହଷ୍ଟେଲ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ ବଢ଼ାଇବାରେ ଲାଗିଛନ୍ତି। ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ ସହ ସୋସିଆଲ୍ ମିଡିଆରେ ପେଜ୍ ଖୋଲାଯାଇ ପ୍ରଚାର ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ରିଲ୍ସ ଓ ବିଭିନ୍ନ ପ୍ରଚାର ମୂଳକ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଉଛି। ରେଭେନ୍ସାର ଛାତ୍ର ରାଜନୀତିର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଥିବାରୁ ଏଥରର ନିର୍ବାଚନ ଉପରେ ବିଭିନ୍ନ ରାଜନୈତିକ ଦଳର ମଧ୍ୟ ନଜର ରହିଛି। ଅତୀତରେ ରେଭେନ୍ସାର ଛାତ୍ର ରାଜନୀତିରୁ ଅନେକ ଛାତ୍ରନେତା ପରବର୍ତ୍ତୀ ସମୟରେ ରାଜ୍ୟ ରାଜନୀତିରେ ନିଜର ସ୍ଥାନ ସୃଷ୍ଟି କରିଛନ୍ତି। ପୂର୍ବତନ ଛାତ୍ର ସଭାପତି ତଥା ବର୍ତ୍ତମାନର କଂଗ୍ରେସ ନେତା ହରିଶଙ୍କର ରାଉତ, ବିଜେଡି ବିଧାୟକ ବ୍ୟୋମକେଶ ରାୟ, ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ସମେତ ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ଭଳି ନେତାଙ୍କ ଛାତ୍ର ରାଜନୀତି ସହ ରେଭେନ୍ସାର ସମ୍ପର୍କ ରହିଛି। ଛାତ୍ର ବିଜେଡି ଏଥର ଆଗୁଆ ପ୍ରାର୍ଥୀଙ୍କ ନାମ ଘୋଷଣା ନକରି ନାମାଙ୍କନ ଦାଖଲ ଦିନ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଯୋଜନା କରିଛି। ସେହିପରି ଛାତ୍ର କଂଗ୍ରେସ ମଧ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର୍ କରିଛି। ପ୍ରାର୍ଥୀ ଚୟନ ହୋଇଥିଲେ ମଧ୍ୟ କେଉଁ ପଦବୀରେ କିଏ ଲଢ଼ିବେ, ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ପ୍ରଶ୍ନପତ୍ର ଲିକ୍, ବାରମ୍ବାର ନିଯୁକ୍ତି ପରୀକ୍ଷା ବାତିଲ୍ ଭଳି ପ୍ରସଙ୍ଗ ସହ ରେଭେନ୍ସା କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ସଂଗଠନ ପକ୍ଷରୁ ପ୍ରଚାର କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି। ଖୁବଶୀଘ୍ର ଏନେଇ ସମ୍ପୂର୍ଣ୍ଣ ଇସ୍ତାହାର ପ୍ରକାଶ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଏବିଭିପି ମଧ୍ୟ ରେଭେନ୍ସାରେ ନିଜର ସଂଗଠନକୁ ମଜଭୁତ କରିବାକୁ ଲାଗିପଡ଼ିଛି। କ୍ୟାମ୍ପସର ବିଭିନ୍ନ ସମସ୍ୟା ସହ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବା ପଛରେ ଏବିଭିପିର ଭୂମିକାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାକୁ ସଂଗଠନ ଯୋଜନା କରିଛି। 'ନେସନ୍ ଫାଷ୍ଟ' ନାରାକୁ ନେଇ ମଧ୍ୟ ପ୍ରଚାର କରାଯିବ ବୋଲି ଏବିଭିପିର ଗଣମାଧ୍ୟମ ସଂଯୋଜକ ବାସୁଦେବ ପାଣିଗ୍ରାହୀ କହିଛନ୍ତି। ୮ ବର୍ଷ ପରେ ଫେରୁଥିବା ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବେ ରେଭେନ୍ସା କ୍ୟାମ୍ପସରେ ଉତ୍ସାହ ବଢ଼ିଛି। ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା ଓ ନାମାଙ୍କନ ପରେ ନିର୍ବାଚନୀ ଲଢ଼େଇ ଆହୁରି ଜୋରଦାର୍ ହେବା ସମ୍ଭାବନା ରହିଛି।

# କଲେଜ ନିର୍ବାଚନ ପୂର୍ବରୁ କ୍ୟାମ୍ପସ୍‌ରେ ଫୁଟିଲା ବୋମା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**





ଯାଜପୁର ଜିଲ୍ଲାର ପ୍ରମୁଖ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। ଏକାଧିକ ସ୍ଥାନରେ ବୋମା ମାଡ ହୋଇଥିବା ଜଣାପଡିଛି। ପ୍ରିନ୍ସିପାଲଙ୍କ ବାସଭବନ ଆଗରେ ଏବଂ ହଷ୍ଟେଲରେ ପୃଥକ ପୃଥକ ଦୁଇଟି ସ୍ଥାନରେ ୭ଟି ବୋମା ମାଡ଼ କରାଯାଇଛି। ପରିଶେଷରେ ନିର୍ବାଚନ ବାତିଲ୍ ହେଲା । କଲେଜ ଗେଷ୍ଟହାଉସ୍ ଓ ପ୍ରିନସିପାଲ ରେସିଡେନ୍ସ ଫାଟକ ଆଗରୁ ଗୋଟିଏ ଅଫୁଟା ବୋମା ମଧ୍ୟ ଜବତ ହୋଇଛି। ଗୁରୁବାର ଭୋର୍ ୩ଟା ସମୟରେ ଏହି ବୋମା ମାଡ଼ ଘଟଣା ଘଟିଛି। ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। କଲେଜ କ୍ୟାମ୍ପସ୍‌ରେ ଯାଜପୁର ରୋଡ ପୋଲିସ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରୁ ଗୋଟିଏ ଅଫୁଟା ବୋମା ଜବତ କରିବା ସହ ସୁତୁଲି ଓ କିଛି ବାରୁଦ ଉଦ୍ଧାର କରିଛି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଯାଜପୁର ରୋଡ଼ ଆଦର୍ଶ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣା ପରେ ଛାତ୍ରମାନେ ଭୟଭୀତ ହୋଇ କଲେଜ ହଷ୍ଟେଲ ଛାଡି ପଳାଉଥିବା ଦେଖାଯାଇଛି। ଏହି ଘଟଣା ପରେ କଲେଜ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି। ଶାସକ ଓ ବିରୋଧୀ ଦଳର ୨ ଛାତ୍ର ଗୋଷ୍ଠୀ କଲେଜ ଫାଟକ ସମ୍ମୁଖରେ ଧାରଣା ଦେଇ ଘଟଣାର ତଦନ୍ତ ଦାବି କରିଛନ୍ତି। ୨ ଛାତ୍ର ଗୋଷ୍ଠୀ ଧାରଣା ସ୍ଥଳରେ ଆରୋପ ପ୍ରତ୍ୟାରୋପ କରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ହେବା ସମୟରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାସୁଝା କରି ଧାରଣରୁ ଉଠାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କଲେଜ ନିର୍ବାଚନ ପରିଚାଳନା କମିଟି ଓ ପ୍ରଶାସନ ମଧ୍ୟରେ ଘନ ଘନ ବୈଠକ କରାଯାଇ ନିର୍ବାଚନ ହେବକି ନାହିଁ ପରିଚାଳନା କମିଟିର ଅଧ୍ୟକ୍ଷ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ବୈଠକର ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଅନୁଯାଇ ଆଗାମୀ ନିଷ୍ପତ୍ତି ନିଆଯିବ ବୋଲି କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିର୍ବାଚନ ନାମାଙ୍କନ ପତ୍ର ଦାଖଲ ଶୁକ୍ରବାର ହେବାକୁ ଥିବାବେଳେ ଏହାର ଗୋଟିଏ ଦିନ ପୂର୍ବରୁ ଏଭଳି ଘଟଣା ଘଟିବାକୁ ନେଇ ବିଭିନ୍ନ ରାଜନୈତିକ ବୟାନ ବାଜି ଜାରି ରହିଛି। କଲେଜ କ୍ୟାମ୍ପସ୍‌ରେ ଅଣଛାତ୍ର ପ୍ରବେଶକୁ ନିଷିଦ୍ଧ କରିବାକୁ ଦୁଇ ଛାତ୍ର ଗୋଷ୍ଠୀ ପୋଲିସ ନିକଟରେ ଦାବି କରିଥିଲେ। ଘଟଣା ସମ୍ପର୍କରେ ଯାଜପୁର ରୋଡ ଥାନାଧିକାରୀ ଆଶିଷ କୁମାର ସାହୁଙ୍କୁ ପଚାରିବାରେ ସେ ବୋମାମାଡ଼ ଘଟଣାର ତଦନ୍ତ ଚାଲିଛି କଲେଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ କରାଯାଇଥିବା କହିଛନ୍ତି। ପରିଶେଷରେ ଅପରାହ୍ନ ୫ଟା ସମୟରେ ନିର୍ବାଚନକୁ ପ୍ରଶାସନ ବାତିଲ କରାଯାଇଛି ।

# ରବୀନ୍ଦ୍ର ମଣ୍ଡପରେ ବୌଦ୍ଧର ବିଲୁପ୍ତପ୍ରାୟ ଲୋକକଳା ପ୍ରଦର୍ଶନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଲୋକରଙ୍ଗୀ 'ଆମ କଳା ଆମ ଅସ୍ମିତା' ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ପାରମ୍ପରିକ ତଥା ବିଲୁପ୍ତପ୍ରାୟ ସିଂହବାଜା ଓ ଖଞ୍ଜଣୀ ଭଜନ ସମେତ ଦେବଗଡ଼ର ରାମଲୀଳା ଭବ୍ୟ ଭାବେ ପରିବେଷିତ ହୋଇଥିଲା। ଓଡ଼ିଶାର ପ୍ରାୟ ୩୦ଟି ବିଲୁପ୍ତପ୍ରାୟ ଲୋକକଳା ଦଳର ପ୍ରାୟ ୫୦୦ କଳାକାର ଏହି ରାଜ୍ୟସ୍ତରୀୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୌଦ୍ଧ ଜିଲ୍ଲାର କଳାକାରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଭୁବନେଶ୍ୱର ବିଧାୟକ ବାବୁ ସିଂହ, ନିର୍ଦ୍ଦେଶକ ତଥା ଶାସନ ସଚିବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜୟ କେତନ ଉପାଧ୍ୟାୟ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡଃ ଚନ୍ଦ୍ରଶେଖର ହୋତାଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ବୌଦ୍ଧର ପ୍ରଣାମ ନୃତ୍ୟାନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଭାଇନାଙ୍କ ନେତୃତ୍ୱରେ ସିଂହବାଜା, ଅଲେଖ ମହିମା ସାଂସ୍କୃତିକ କଳା ପରିଷଦ ପକ୍ଷରୁ ନରେନ୍ଦ୍ର ହାତୀ ଓ ସାଥୀଙ୍କ ଦ୍ୱାରା ଖଞ୍ଜଣୀ ଭଜନ ଏବଂ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସଂଘ, ଦେବଗଡ଼ ପକ୍ଷରୁ ନିର୍ଦ୍ଦେଶକ ଗଣେଶ୍ୱର ଝାଙ୍କରଙ୍କ ନିର୍ଦ୍ଦେଶନାରେ ରାମଲୀଳାର 'ସୀତା ଚୋରୀ' ନାଟକ ପରିବେଷିତ ହୋଇଥିଲା। ବୌଦ୍ଧର ଲୋକକଳାକୁ ରାଜ୍ୟସ୍ତରୀୟ ମଞ୍ଚରେ ପରିବେଷଣ କରିବା ପାଇଁ ପ୍ରଶାନ୍ତ କୁମାର ଭାଇନା ଓ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ କୁମାର ସାହୁଙ୍କ ଉଦ୍ୟମ ପ୍ରଶଂସନୀୟ। ପ୍ରାୟ ୫୦ଜଣ କଳାକାରଙ୍କ ଦଳର ଆବଶ୍ୟକ ବ୍ୟବସ୍ଥା ଓ ସମନ୍ୱୟରେ ସଠିକ୍ ପରିଚାଳନା ପାଇଁ ଶୋଭନ କରଡ଼ିଆ ଓ ରାମ କୁମ୍ଭାରଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ଥିଲା। ମନ୍ତ୍ରୀ ଶ୍ରୀ ସୂରଜ ପାରମ୍ପରିକ ଓ ବିଲୁପ୍ତପ୍ରାୟ ଲୋକକଳାର ସୁରକ୍ଷା, ସଂରକ୍ଷଣ ଓ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ଦିନରେ ଅନ୍ୟାନ୍ୟ ଲୋକକଳାକୁ ମଧ୍ୟ ରାଜ୍ୟସ୍ତରୀୟ ମଞ୍ଚରେ ସୁଯୋଗ ଦିଆଯିବ ବୋଲି କହିଥିଲେ। ବୌଦ୍ଧର ଲୋକକଳାର ଏହି ପ୍ରଦର୍ଶନ ଜିଲ୍ଲାର ସମୃଦ୍ଧ ଲୋକସଂସ୍କୃତିକୁ ରାଜ୍ୟସ୍ତରରେ ନୂଆ ପରିଚୟ ଦେଇଥିବାରୁ ଜିଲ୍ଲାବାସୀ ଓ କଳାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ଚାନ୍ଦପୁରରେ ବାଣ ବିସ୍ଫୋରଣ:ବାପ ପୁଅ ମୃତ, ୪ ଗୁରୁତର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଘଟିଛି ଅଘଟଣ। ଭୟାବହ ବାଣ ବିସ୍ଫୋରଣରେ ବାପପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ବ୍ୟକ୍ତି ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ୨ଜଣ ହେଲେ ମନୋରଞ୍ଜନ ସ୍ୱାଇଁ (୫୩) ଓ ତାଙ୍କ ପୁଅ ସୌମ୍ୟ ସାହିଲ ସ୍ୱାଇଁ (୨୫)। ଗୁରୁତର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମନୋରଞ୍ଜନଙ୍କ ଘରେ ଭଡାରେ ରହୁଥିବା ମୟୂରଭଞ୍ଜ ଜିଲ୍ଲାର ରାହୁଲ କୁମାର ମହନ୍ତ, ମିହିଳୋ ହାଇସ୍କୁଲରେ ଶିକ୍ଷକତା କରନ୍ତି। ସେ ବର୍ତ୍ତମାନ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ୩ ଜଣ ହେଲେ ମୃତ ମନୋରଞ୍ଜନଙ୍କ ପତ୍ନୀ ଲକ୍ଷ୍ମୀ ସ୍ୱାଇଁ, ବଡଭାଇ ତ୍ରୈଲୋକନାଥ ସ୍ୱାଇଁ ଓ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ସ୍ୱାଇଁ।



# କଟକରେ ଅବକାରୀ ବିଭାଗର ଚଢ଼ଉ:୫ଟି ମାମଲା ରୁଜୁ,୯୨ ଲିଟର ମଦ ଓ ସ୍କୁଟି ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଅବୈଧ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ କଟକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। କଟକ ସଦର ଅବକାରୀ ପରିସର ଅଧିନରେ ହୋଇଥିବା ଏହି ଚଢ଼ଉ ସମୟରେ ମୋଟ୍ ୫ଟି ମାମଲା ରୁଜୁ କରାଯିବା ସହ ୩୨ ଲିଟର ଦେଶୀ ମଦ, ୬୦ ଲିଟର ଅବୈଧ ଭାବେ ପ୍ରସ୍ତୁତ ଦେଶୀ ମଦ ଏବଂ ମଦ ପରିବହନରେ ବ୍ୟବହୃତ ଏକ ସ୍କୁଟି ଜବତ କରାଯାଇଛି। କଟକ ସଦର ଅବକାରୀ ପରିସର ପକ୍ଷରୁ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅଞ୍ଚଳ ଏବଂ ବିଜୁ ପଟ୍ଟନାୟକ ପାର୍କ ଛକ ନିକଟରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବିପୁଳ ପରିମାଣରେ ଅବୈଧ ମଦ ଜବତ ହୋଇଥିବା ବେଳେ ମଦ ପରିବହନରେ ବ୍ୟବହୃତ ସ୍କୁଟିଟିକୁ ମଧ୍ୟ ଅବକାରୀ ବିଭାଗ ଜବତ କରିଛି। କଟକ ସଦର ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିବା ବେଳେ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତେୱାରୀଙ୍କ ତତ୍ତ୍ୱାବଧାନରେ ଅଭିଯାନ ପରିଚାଳିତ ହୋଇଥିଲା। ଅବୈଧ ମଦ ପ୍ରସ୍ତୁତି, ପରିବହନ ଓ ବିକ୍ରୟ ଉପରେ ନଜର ରଖିବା ସହ ଏଭଳି କାରବାରକୁ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଓ ଯାଞ୍ଚକୁ ଅଧିକ ଜୋର୍‌ଦାର୍ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ନିୟମଗିରିରେ ବିକାଶର ରାସ୍ତାରେ ଦୁର୍ନୀତିର ଖାଲ:୪ ମାସରେ ଉଠିଲା ପିଚୁ, ଭୁଶୁଡ଼ିଲା କଲଭର୍ଟ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ନିୟମଗିରିର ଦୁର୍ଗମ ଅଞ୍ଚଳରେ ବିକାଶର ଚିତ୍ର ଏବେ ପୁଣି ପ୍ରଶ୍ନର ଘେରରେ। ରାସ୍ତା ହେଲା, କିନ୍ତୁ ଚାରି ମାସ ନପୂରୁଣୁ ଉଠିଗଲା ପିଚୁ। ଆଉ ଯେଉଁ କଲଭର୍ଟ ଦେଇ ଲୋକେ ଯାତାୟାତ କରୁଥିଲେ, ତାହାର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିବା ପରେ ଏବେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ ଅଞ୍ଚଳର ଏହି ଘଟଣା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟର ଗୁଣବତ୍ତା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଲଗାଇଛି। ବଡ଼ ଡେଙ୍ଗନେଲି ଗ୍ରାମ ନିକଟରେ ଥିବା କଲଭର୍ଟର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିବାରୁ ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ନିୟମଗିରିର ଗୁମା, ଲମ୍ବା, ଡଙ୍ଗାମାଟି, ବଡ଼ ଡେଙ୍ଗନେଲି, ସାରିଝଲା, ପଟାଙ୍ଗୀପଦର ଓ ଲାଖପଦର ଭଳି ଅନେକ ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ କଲଭର୍ଟ ଭୁଶୁଡ଼ିବା ପରେ ଚାରିଚକିଆ ଯାନ ଓ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଏପରିକି ଏକ ଟିପର ପ୍ରାୟ ତିନି ଘଣ୍ଟା ଧରି ଏଠାରେ ଅଟକି ରହିଥିବା ଜଣାପଡ଼ିଛି। ରାତିରେ ଅନ୍ଧାରରେ ଖାଲଖମା ଭରା ରାସ୍ତା ଦେଇ ବାଇକ୍ ଚାଳକ ଓ ପଥଚାରୀମାନେ ଯାତାୟାତ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ରାସ୍ତା ମରାମତି କାମକୁ ନେଇ। ଦୀର୍ଘଦିନ ଧରି ନିୟମଗିରିବାସୀଙ୍କ ଦାବି ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ କାନଶୁର ଘାଟିର ମଧ୍ୟଭାଗରୁ ପାର୍ସାଲି ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଆରଡ଼ି ବିଭାଗ ପକ୍ଷରୁ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ମାତ୍ର ଚାରି ମାସ ମଧ୍ୟରେ ଡିକେଡ଼ିଏ କାର୍ଯ୍ୟାଳୟରୁ ପାର୍ସାଲି ସେବାଶ୍ରମ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତାର ଭିତ୍ତି ଠିକ୍ ଭାବେ ପ୍ରସ୍ତୁତ ନକରି କେବଳ ମାଟି ଉପରେ ପିଚୁ ପକାଯାଇଥିବାରୁ ଏଭଳି ଅବସ୍ଥା ହୋଇଛି। ରାସ୍ତାର ଏଭଳି ଦୟନୀୟ ଅବସ୍ଥା ଯୋଗୁ ବାଇକ୍ ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏପଟେ ନିମ୍ନମାନର କାମ ପଛରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତରା ଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ଯଦି ଅଭିଯୋଗ ସତ, ତେବେ ସରକାରୀ ଅର୍ଥରେ ହେଉଥିବା କାମର ଗୁଣବତ୍ତା ଯାଞ୍ଚ କେଉଁଠି ହେଲା, କାମ ସରିବା ପରେ ବିଭାଗୀୟ ଅଧିକାରୀ କିପରି ଏହାକୁ ଅନୁମୋଦନ କଲେ-ତାହା ଏବେ ବଡ଼ ପ୍ରଶ୍ନ। ନିୟମଗିରିର ଆଦିବାସୀ ଲୋକଙ୍କ ପାଇଁ ଏହି ରାସ୍ତା କେବଳ ଯାତାୟାତର ମାଧ୍ୟମ ନୁହେଁ, ବରଂ ଡାକ୍ତରଖାନା, ସ୍କୁଲ, ବଜାର ଓ ସରକାରୀ ସେବା ପାଇବାର ମୁଖ୍ୟ ମାଧ୍ୟମ। ଦୀର୍ଘ ବର୍ଷ ଧରି ଦୁର୍ଗମତା ଯୋଗୁ ସରକାରୀ ସେବାରୁ ଦୂରେ ଥିବା ଏହି ଅଞ୍ଚଳରେ ରାସ୍ତା ଯୋଗାଯୋଗ ସୁଦୃଢ଼ ହେଲେ ସରକାରୀ ଯୋଜନା, ସ୍ୱାସ୍ଥ୍ୟ ଓ ଶିକ୍ଷା ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ଆଶା ରହିଥିଲା। କିନ୍ତୁ ରାସ୍ତା ନିର୍ମାଣର କିଛି ମାସ ମଧ୍ୟରେ ଯଦି ପିଚୁ ଉଠିଯାଏ ଓ କଲଭର୍ଟ ଭୁଶୁଡ଼ି ପଡ଼େ, ତେବେ ସରକାରୀ ବିକାଶର ଲାଭ ଲୋକଙ୍କ ପାଖରେ କେତେଦୂର ପହଞ୍ଚୁଛି, ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ନିୟମଗିରିବାସୀ ଏହି ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ, ଭୁଶୁଡ଼ିଥିବା କଲଭର୍ଟର ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଏବଂ ରାସ୍ତାର ସ୍ଥାୟୀ ଓ ଗୁଣାତ୍ମକ ପୁନଃନିର୍ମାଣ ଦାବି କରିଛନ୍ତି। ଏବେ ଦେଖିବାର କଥା, ନିୟମଗିରିର ଲୋକଙ୍କ ଜୀବନ ସହ ଜଡ଼ିତ ଏହି ରାସ୍ତା ଓ କଲଭର୍ଟ ପ୍ରସଙ୍ଗରେ ପ୍ରଶାସନ କେବେ ନେଉଛି ପଦକ୍ଷେପ, ଏବଂ ନିମ୍ନମାନର କାର୍ଯ୍ୟ ନେଇ ଉଠିଥିବା ଅଭିଯୋଗର ସତ୍ୟାସତ୍ୟ କେବେ ସାମ୍ନାକୁ ଆସୁଛି।

# ମଦ ଜବତ:୧୪ ଅଭିଯୁକ୍ତ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, କେନ୍ଦ୍ରାପଡ଼ା ଟାଉନ୍, ସଦର, ଡେରାବିଶ ଓ ଜମ୍ବୁ ମେରାଇନ୍ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପ୍ରଭାକରପୁର ଗ୍ରାମର ଦୀନବନ୍ଧୁ ରାଉତଙ୍କ ନିକଟରୁ ୨୭ ଲିଟର ଦେଶୀ ରନ୍ଧା ମଦ, ପ୍ରତାପ ଖିଲାରଙ୍କ ଠାରୁ ୭୨୦ ଲିଟର ଗୁଡ଼ପୋଚ ଏବଂ ବଚନ ଖିଲାରଙ୍କ ଠାରୁ ୫୮୦ ଲିଟର ଗୁଡ଼ପୋଚ ଜବତ କରାଯାଇଥିଲା। ସେହିପରି, ସାନ୍ତସାହୁ ଗ୍ରାମର ସନ୍ଦୀପ ସୁବ୍ରମଣ୍ୟାମଙ୍କ ନିକଟରୁ ୧୦ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦରପୁର ଗ୍ରାମର ଭିମ୍ବରା ମଲିକଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ, ଏଣ୍ଡରା ଗ୍ରାମର ଶ୍ରୀଧର ସାହୁଙ୍କ ଠାରୁ ୧୮ ଲିଟର ଦେଶୀ ମଦ, ଚାଲୁଣିଆ ଗ୍ରାମର ଦେବେନ୍ଦ୍ର ରାୟଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ, ଅଚ୍ଛୁତପୁର ଗ୍ରାମର ଶଶୀଧର ମଲିକଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ ଏବଂ ଆଳି ଗ୍ରାମର କାର୍ତ୍ତିକ ମଲିକଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏଥିସହିତ ବାଘିଲୋ ଗ୍ରାମର ଅକ୍ଷୟ କୁମାର ମଲିକଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ବୈଧର ମଲିକଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ନେମ୍ବରା ଗ୍ରାମର ଶିବନାରାୟଣ ଲେଙ୍କାଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ସଂଗ୍ରାମପୁର ଶାସନ ଗ୍ରାମର ସୁଲଚନ ସାହୁଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଏବଂ ଏଣ୍ଡର ଗ୍ରାମର ପ୍ରମିଳା ଲେଙ୍କାଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ଚଢ଼ଉରେ ସମୁଦାୟ ୨୪୬ ଲିଟର ମଦ ଏବଂ ୧୩୦୦ ଲିଟର ଗୁଡ଼ପୋଚ ଜବତ କରାଯାଇଥିବା ବେଳେ, ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ ଅଦାଲତରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ତ୍ରିବେଣୀ ମହନ୍ତ, ଦୀପକ କୁମାର ଜେନା, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
ତା୧୦।୧୦।୨୦୨୬, ଆଶ୍ୱିନ ଦ୨୪ନ, ଶନିବାର
ସୂର୍ଯ୍ୟୋଦୟ- ଘ ୫।୪୦।୪୫ ଚନ୍ଦ୍ରୋଦୟ- ପ୍ରାଘ୫।୩୧।୪୮
ଅମାବାସ୍ୟା ରାଘ ୯।୨୦ ପର୍ଯ୍ୟନ୍ତ। ହସ୍ତା ନକ୍ଷତ୍ର ରାଘ ୯।୪୫ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ଅହୋରାତ୍ର । ଚନ୍ଦ୍ରଶୁଦ୍ଧି- ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। ଘାତଚନ୍ଦ୍ର- ବୃଷ ରାଶିର। ଶ୍ରାଦ୍ଧ ନିର୍ଣ୍ଣୟ- ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ଆମିଷ ରାଘ ୯।୨୦ ଗତେ ପାଣିକଖାରୁ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୭।୧୮ ଗତେ ଦିଘ ୮।୪୦ ମଧ୍ୟେ। ଦିଘ ୧୧।୫୮ ଗତେ ଦିଘ ୧।୦୩ ମଧ୍ୟେ। ପର୍ବୋତ୍ସବ- ଆଶ୍ୱିନ ଅମାବାସ୍ୟା, ମହାଳୟା ଶ୍ରାଦ୍ଧ, ଚନ୍ଦ୍ର କ୍ଷୟ, ନିଶାପାଳନ, ଫୁଲ୍ଲୁରୀ ଓଷା।



**ମେଷ:** କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ମନରେ ସାହାସ ଆସିବ। ବନ୍ଧୁ ବାନ୍ଧବଙ୍କ ସହଯୋଗ ଲାଭ ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପରିବାରରେ ଶାନ୍ତି ଲାଭ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହ କଳହ ହୋଇପାରେ। ଆୟ ଓ ବ୍ୟୟ ହିସାବପତ୍ର ପାଇଁ ଦିନଟି ଅତି ଉତ୍ତମ। ଘାତଚନ୍ଦ୍ର ହେତୁ ସାବଧାନ ସହକାରେ ଚଳିବେ। ରୋଜଗାର ମଧ୍ୟମ ହେବ।



**ମିଥୁନ:** ମନରେ ବିରକ୍ତି ସହିତ ଦୁଶ୍ଚିନ୍ତା ବଢ଼ିବ। ବିନା କାରଣରେ କଳହ ଲାଗିପାରେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। କର୍ମକ୍ଷେତ୍ରରେ ଅଶାନ୍ତି । ଘରୋଇ ଜଞ୍ଜାଳ ଦେଖାଦେବ।



**କର୍କଟ:** ନିଜର ଆଧିପତ୍ୟ ବିସ୍ତାର କରିବେ। ବନ୍ଧୁ ବାନ୍ଧବଙ୍କ ପାଇଁ ଖର୍ଚ୍ଚାନ୍ତ ହେବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ରୋଜଗାରରେ ଉନ୍ନତି ହେବ। ଗୃହେ ଶାନ୍ତି ପ୍ରତିଷ୍ଠା ହେବାର ସୂଚନା।



**ସିଂହ:** ପରିବାରରେ ଅସହଯୋଗ ଯୋଗୁ ଚିନ୍ତିତ ହେବେ। ମନୋବଳ ଦୃଢ଼ ରଖି କାର୍ଯ୍ୟ କରିବେ। ନିଶ୍ଚିତ ଫଳ ପ୍ରାପ୍ତି ହେବ। ଶ୍ରମ ଜନିତ ଦୁର୍ବଳତା ଅନୁଭବ କରିବେ। ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ। ଆୟ ବଢ଼ିବ।



**କନ୍ୟା:** କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଉତ୍ତମ ଭୋଜନ ଲାଭ ହେବ। ରୋଜଗାର ଭଲ ହେବ।



**ତୁଳା:** ବାକିଥିବା କାମକୁ ଅଧିକ ଗୁରୁତ୍ୱ ଦେଇ ଶେଷ କରିବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ପଡ଼ୋଶୀମାନେ ଈର୍ଷା କରିବେ। ଦୂର ସ୍ଥାନକୁ ଯାତ୍ରା କରିବାକୁ ବାଧ୍ୟ ହେବେ। ପରିବାରରେ କଳହ ସୃଷ୍ଟି ହେବ।



**ବିଛା:** ଦୀର୍ଘ ଦିନରୁ ଅଟକି ରହିଥିବା କାମଟି ସୁରୁଖୁରୁରେ ହୋଇଯିବ। ସାମାଜିକ କାର୍ଯ୍ୟରେ ଯୋଗଦେବେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ କରିବେ। ଆୟ ଓ ବ୍ୟୟ ପୂର୍ବ ପରି ସମାନ ରହିବ। ଗୃହେ ଆନନ୍ଦ।



**ଧନୁ:** ସତ୍ୟ କଥା କହି ବିରୋଧୀ ହେବେ। ରୋଜଗାରର ପରିମାଣ ବଢ଼ିବ। ପରିବହନରେ ଉନ୍ନତି କରିବେ। ସମ୍ମାନିତ ହେବାର ଆଶା। ପାରିବାରିକ ସୁଖ ଶାନ୍ତି ଲାଭ କରିବେ। ଦେହ ଭଲ ରହିବ।



**ମକର:** ଯୋଜନା ମୁତାବକ କାମରେ ସଫଳତା ହାସଲ କରିବେ। କର୍ମକ୍ଳାନ୍ତି ଅନୁଭବ କରିବେ। ଆଳସ୍ୟତାପଣରୁ ପରିବାରରେ ଅଶାନ୍ତି। କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ। ରୋଜଗାର ଉତ୍ତମ ହେବ।



**କୁମ୍ଭ:** ଦୂରଯାତ୍ରା କରିପାରନ୍ତି। ବନ୍ଧୁ ସହଯୋଗ ପ୍ରାପ୍ତ ହେବ। ଆୟ ଅବ୍ୟାହତ ରହିବ। ଅଯଥା ଧନ କ୍ଷୟ ଚିନ୍ତାର କାରଣ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସୁଖ ଶାନ୍ତି ଲାଭ କରିବେ।



**ମୀନ:** ଦେହ ସୁସ୍ଥ ରହିବ। ଚାକିରୀ କ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ହେବ। ଗୃହରେ ସମସ୍ୟା ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁ ସହଯୋଗ ପ୍ରାପ୍ତି। ମନ ଭଲ ରହିବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୧୧।୧୦।୨୦୨୬, ଆଶ୍ୱିନ ଦ୨୫ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୪୧।୦୩ ଚନ୍ଦ୍ରୋଦୟ- ପ୍ରାଘ୬।୦୩।୫୩**
ପ୍ରତିପଦ ରାଘ ୯।୩୩ ପର୍ଯ୍ୟନ୍ତ। ଚିତ୍ରା ନକ୍ଷତ୍ର ରାଘ ୧୦।୩୪ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ଦିଘ ୧୦।୦୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମରକ, ମୀନ ରାଶିର। ଦିଘ ୧୦।୦୫ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। ଦିଘ ୧୦।୦୫ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୯।୩୩ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୨ ଗତେ ଦିଘ ୮।୫୨ ମଧ୍ୟେ। ଦିଘ ୧।୦୪ ଗତେ ଦିଘ ୩।୦୫ ମଧ୍ୟେ। **ପର୍ବୋତ୍ସବ-** ଶାରଦୀୟ ନବରାତ୍ର ଆରମ୍ଭ, ମା' ବିରଜା ଦେବୀଙ୍କ ରଥଯାତ୍ରା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଚନ୍ଦ୍ରରେ ପରମାଣୁ ଶକ୍ତିର ଦୌଡ଼

ଏବେ ଯୁଦ୍ଧକ୍ଷେତ୍ର ପାଲଟିବ ଜହ୍ନ। ଜହ୍ନରେ ଜଳିବ ନିଆଁ । ଭୟାନକ ଲଢ଼େଇ କରିବେ ସୁପର ପାୱାର । ପୃଥିବୀ ପରେମହାକାଶରେ ମୁହାଁ ମୁହିଁ ହେବେ ବିଶ୍ୱର ଟପ୍ ଦେଶ। ଯାହାକୁ ନେଇ ଏବେ ସବୁଠି ଭୟର ମାହୋଲ। କିଛି ଏମିତି ଖବରକୁ ଏବେ ଖୁବ୍ ଚର୍ଚ୍ଚା । 'ପରମାଣୁ ଶକ୍ତି'...ଏହି ଶବ୍ଦର ଉଲ୍ଲେଖ ମାତ୍ରକେ ହିଁ ଦେହରେ ଖେଳିଯାଏ ଶିହରଣ । ଅସୀମ ଶକ୍ତିର ଅଧିକାରୀ ଥିବା ରାଷ୍ଟ୍ରଗୁଡ଼ିକର କଥା ମନକୁ ଆସିଥାଏ। ତଥାପି, ଏହି ବିଶାଳ କ୍ଷମତା କେବଳ ପୃଥିବୀ ମଧ୍ୟରେ ସୀମିତ ହୋଇ ରହିବ ନାହିଁ। ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି ସବୁ ଦେଶ । ପରମାଣୁ ରିଆକ୍ଟରଗୁଡ଼ିକୁ ଚନ୍ଦ୍ରପୃଷ୍ଠକୁ ନେବା ପାଇଁଏକ ଆରମ୍ଭ ହୋଇଛି ମିଶନ । ଏହି ରେସରେ ଆଗରେ ଅଛନ୍ତି ଦୁଇଟି ଗୋଷ୍ଠୀ । ଗୋଟିଏ ପଟେ ଯୁକ୍ତରାଷ୍ଟ୍ର ଆମେରିକା। ଅନ୍ୟପଟେ ରହିଛିଏହାର ପାରମ୍ପାରିକପ୍ରତିଦ୍ୱନ୍ଦ୍ୱୀ ଦେଶ ଋଷ। ଏହା ବ୍ୟତୀତ, ଏହି ରେସରେ ଋଷ ସହିତ ଏହାର ଦୀର୍ଘଦିନର ସହଯୋଗୀ ତଥାପଡ଼ୋଶୀ ଦେଶ ଚୀନ୍ ମଧ୍ୟ ହୋଇଛି ସାମିଲ । ଚନ୍ଦ୍ରକୁ ନେଇ ମହାଶକ୍ତିମାନ ପ୍ରତିଯୋଗିତାଏବେ ନେଇଛି ନୂଆ ମୋଡ଼ । ଚନ୍ଦ୍ରପୃଷ୍ଠରେ କେବଳ ରୋଭର କିମ୍ବା ଲ୍ୟାଣ୍ଡର ନୁହେଁ, ପରମାଣୁ ଶକ୍ତିରେ ଚାଲିବାକୁ ଥିବା ରିଆକ୍ଟରସ୍ଥାପନ କରିବାପାଇଁ ଲକ୍ଷ୍ୟ ରଖିଛନ୍ତି ଆମେରିକା, ଋଷ ଓ ଚୀନ। ଟାର୍ଗେଟ ହେଉଛି ଚନ୍ଦ୍ରରେ ଦୀର୍ଘ ସମୟ ପାଇଁ ମାନବ ଘାଟି ଓ ବୈଜ୍ଞାନିକ ଗବେଷଣା କେନ୍ଦ୍ର ଗଢ଼ିବା। ତେବେ ଏହାକୁ ଦେଖିଲେ ମନରେ ଗୋଟାଏ ପ୍ରଶ୍ନ ଆସୁଛି କାହିଁକି ଚନ୍ଦ୍ରରେ ପରମାଣୁ ରିଆକ୍ଟର? କାରଣ ହେଉଛି ଚନ୍ଦ୍ରରେ ସୌର ଶକ୍ତି ଏକ ପ୍ରମୁଖ ଶକ୍ତି ଉତ୍ସ। ଦୀର୍ଘ ସମୟର ଅଭିଯାନ ଏବଂ ଭବିଷ୍ୟତର ଲୁନାର ବେସ୍ ପାଇଁ ନିରନ୍ତର ଓ ଭରସାଯୋଗ୍ୟ ବିଦ୍ୟୁତ ଆବଶ୍ୟକ। ପରମାଣୁ ଫ୍ୟୁଜନ ରିଆକ୍ଟର ଦିନ-ରାତି ଯୋଗାଇପାରିବ ବିଦ୍ୟୁତ । ଏହା ଜୀବନ, ଯୋଗାଯୋଗ, ଗବେଷଣା ଏବଂ ଭବିଷ୍ୟତରେ ଚନ୍ଦ୍ରରୁ ସମ୍ପଦ ଉତ୍ତୋଳନ ଭଳି କାମକୁ ମଧ୍ୟ କରିବ ସପୋର୍ଟ। ଏହାକୁ ନେଇ ରହିଛି ଆମେରିକାର ଖାସ ପ୍ଲାନ୍। ରିପୋର୍ଟ କହୁଛି ଯେ, ନାସା ଓ ଆମେରିକାର ଶକ୍ତି ବିଭାଗ ଚନ୍ଦ୍ର ପାଇଁ ବିକଶିତ କରୁଛନ୍ତି ଫିସନ୍ ସର୍ଫେସ୍ ପାୱାର୍ ସିଷ୍ଟମ୍। ଆମେରିକାର ଲକ୍ଷ୍ୟ ରହିଛି ୨୦୩୦ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଏକ ନ୍ୟୁକ୍ଲିୟର ରିଆକ୍ଟର ବିକଶିତ ଓ ମୁତୟନ କରିବା। ଏହାକୁ ଭବିଷ୍ୟତର ଚନ୍ଦ୍ର ଅଭିଯାନ ଓ ମଙ୍ଗଳ ମିଶନ ପାଇଁ ମଧ୍ୟ ଶକ୍ତି ଯୋଗାଣର ଏକ ମୁଖ୍ୟ ପ୍ରଯୁକ୍ତି ଭାବେ ଦେଖାଯାଉଛି। ଆମେରିକା ପରେ ଋଷ-ଚୀନର ମଧ୍ୟ ରହିଛି ମିଳିତ ଯୋଜନା । ଋଷ ଓ ଚୀନ ମଧ୍ୟଚନ୍ଦ୍ରରେ ଏକ ଇଣ୍ଟରନ୍ୟାଶନାଲ ଲୁନାର ରିସର୍ଚ୍ଚ ଷ୍ଟେସନ (ILRS) ଗଢ଼ିବା ଦିଗରେ ଆରମ୍ଭ କରିଛନ୍ତି କାମ । ଏହି ପ୍ରୋଜେକ୍ଟ ପାଇଁ ପରମାଣୁ ଶକ୍ତିକୁ ଭବିଷ୍ୟତର ଶକ୍ତି ଉତ୍ସ ଭାବେ ଦେଖାଯାଉଛି। ଋଷ ପକ୍ଷରୁ ୨୦୩୬ ସୁଦ୍ଧା ଚନ୍ଦ୍ରରେ ଏଭଳି ପାୱାର୍ ସିଷ୍ଟମ୍ ସ୍ଥାପନନେଇ ରହିଛି ଯୋଜନା। ତେବେ ଏହି ଯୋଜନା ଖୁବ୍ ଘାତକ ଏବଂ ଶକ୍ତିଶାଳୀ । ଚନ୍ଦ୍ରରେ ନ୍ୟୁକ୍ଲିୟର ରିଆକ୍ଟର ରହିବା ମାନେ ସେଠାରେ ପରମାଣୁ ବୋମା ରଖାଯିବା ନୁହେଁ। ଏଭଳି ରିଆକ୍ଟରର ମୁଖ୍ୟ ଉଦ୍ଦେଶ୍ୟ ବିଦ୍ୟୁତ ଉତ୍ପାଦନ। ତଥାପି ଲଞ୍ଚ ସମୟରେ ଦୁର୍ଘଟଣା, ରେଡିଓଆକ୍ଟିଭ୍ ଇନ୍ଧନର ସୁରକ୍ଷା, ରିଆକ୍ଟରର ନିୟନ୍ତ୍ରଣ ଭବିଷ୍ୟତରେ ଆଣିପାରେ ବିପଦ । ମହାକାଶରେ ନ୍ୟୁକ୍ଲିୟର ଟେକ୍ନୋଲୋଜୀରେର ବ୍ୟବହାର ବଢ଼ିଲେ ସୁରକ୍ଷା ଓ ଆନ୍ତର୍ଜାତୀୟ ନିୟମ ନେଇ ପ୍ରଶ୍ନ ମଧ୍ୟ ଉଠିବ। ଅନ୍ୟପଟେ ଭାରତ ଏହି ଦୌଡ଼ରେ ଏଯାଏଁ ଆମେରିକା କିମ୍ବା ଋଷ-ଚୀନ ଭଳି ଚନ୍ଦ୍ରରେ ନ୍ୟୁକ୍ଲିୟର ରିଆକ୍ଟର ସ୍ଥାପନର ଘୋଷଣା କରିନାହିଁ। ତେବେ ଭାରତର ଚନ୍ଦ୍ର ଯୋଜନା ଦୀର୍ଘମିଆଦୀ। ୨୦୪୦ସୁଦ୍ଧା ଭାରତୀୟ ମହାକାଶଚାରୀଙ୍କୁ ଚନ୍ଦ୍ରରେ ପହଞ୍ଚାଇବାଏବଂ ଭବିଷ୍ୟତରେ ଲୁନାର ଭିତ୍ତିଭୂମି ବିକଶିତ କରିବା ଭାରତର ମହାକାଶ ଭିଜନର ଅଂଶ। ଭାରତ ଘରୋଇ ପରମାଣୁ ଶକ୍ତି କ୍ଷେତ୍ରରେ ମଧ୍ୟ ଦ୍ରୁତ ଭାବେ କ୍ଷମତା ବଢ଼ାଉଛି। ସରକାର୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ବିଦ୍ୟୁତ କ୍ଷମତାନିର୍ମାଣ ନେଇ ରଖିଛନ୍ତି ଲକ୍ଷ୍ୟ। କ୍ଷୁଦ୍ର ମଡ୍ୟୁଲାର୍ ପରମାଣୁ ରିଆକ୍ଟର୍ (SMR) ଉପରେ ମଧ୍ୟ କାମ ଚାଲିଛି। ତେବେ ଚନ୍ଦ୍ରରେ ପରମାଣୁ ଶକ୍ତି ପହଞ୍ଚାଇବାର ଯୋଜନା କେବଳ ବିଦ୍ୟୁତ ଉତ୍ପାଦନର ପ୍ରଶ୍ନ ନୁହେଁ। ନିରନ୍ତର ଶକ୍ତି ମିଳିଲେ ଚନ୍ଦ୍ରରେ ଦୀର୍ଘକାଳୀନ ଗବେଷଣା କେନ୍ଦ୍ର, ମାନବ ବାସସ୍ଥାନ ଏବଂ ଭବିଷ୍ୟତର ଗଭୀର ମହାକାଶ ଅଭିଯାନ ପାଇଁ ଭିତ୍ତି ତିଆରି ହୋଇପାରେ। ତେଣୁ ଏହାକୁ ଆଗାମୀ ଦଶକର ମହାକାଶ ପ୍ରତିଯୋଗିତାର ଏକ ନୂଆ ଅଧ୍ୟାୟ ବୋଲି ଦେଖାଯାଉଛି। ଏହାକୁ ନେଇ ଏବେ ରହିଛି ସାରା ବିଶ୍ୱର ନଜର ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଶକ୍ତି ଓ ଭକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ସରଳ ରେଖା ଶକ୍ତି ଓ ଭକ୍ତି। କିନ୍ତୁ ଦ୍ରୌପଦୀ ଶକ୍ତିର ସଞ୍ଚାର କରିଥିଲା ତାର କଣ ହେଲା କଣ ସେ ତାର ନିଜ ଶକ୍ତି ଦ୍ୱାରା ବିଜୟ ହାସଲ କରିପାରିଲା ନା ସେ ସେହିଠାରେ ହାରମାନି ପୂର୍ଣ୍ଣ ସମର୍ପଣ ହୋଇ ଦୁଇ ହାତକୁ ଉପରକୁ ଟେକି ଦେଲେ। ମିଳିଗଲା ସବୁ କିଛି ଯୁଗ ଯୁଗ ପାଇଁ ମିଳିଗଲା । ଏହାର ତାତ୍ପର୍ଯ୍ୟ ଶକ୍ତି ଯେଉଁଠି ପରାଜୟ ହୁଏ ଭକ୍ତିର ସେଇଠି ବିଜୟପ୍ରାପ୍ତ ହୁଏ । ତେଣୁ ହେ ଭକ୍ତ ଅଂହକାର ମୁକ୍ତ ହୁଅ । ତୁମେ ସିନା ଦୁବ ହେଲେ ଦାରୁର ଦର୍ଶନ ପାଇବ । ଆଉ ନିଜକୁ ନିଜେ ଯଦି ଦ୍ରୁମ ଭଳି ବ୍ୟବହାର କରିବ ହାତୀର ବା କଣ ହେବ । ଶୁଣ୍ଢ ଟେକି ସେ ଜାଳସବୁ ଭାଙ୍ଗି ଖାଇଯିବ । ତେଣୁ ହେ ମାନବ, ହେ ଭକ୍ତ ହେ ଶିଷ୍ୟ ବେଦ, ପୁରାଣ, ଗୀତା ଏସବୁ ମିଥ୍ୟାନୁହେଁ । ଏହାହିଁ ସତ୍ୟ, ଯୁଗ ଯୁଗ ଧରି ଯେଉଁ ନିର୍ଯ୍ୟାସ ସାଧୁ ସନ୍ଥମାନେ ତୁମ ପାଇଁ ଥୋଇ ଦେଇ ଯାଇଛନ୍ତି । ସେହିଁ ଅମୃତର ସନ୍ତାନ ମାନେ ଅମୃତକୁ ଆଧାର କର । ସମୟକୁ ନଷ୍ଟ ନକରି ଭକ୍ତି ପ୍ରେମ ମାର୍ଗରେ ନିଜକୁ ସଜାଇ ଦେଖିବ କେତେ ଆନନ୍ଦ ତୁମେ ତୁମରି ଭିତରୁ ପାଉଛ କେବଳ ତୁମେ ହିଁ ଅନୁଭବ କରିପାରିବ । ହରିଓଁ ।

# ଶାରଦୀୟ ଦୁର୍ଗାମହୋତ୍ସବ ପରିପ୍ରେକ୍ଷୀରେ ଷୋଳପୂଜା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ଜଗତଜନନୀ ଦୁଷ୍ଟ ନିବାରିଣୀ, କଲ୍ୟାଣମୟୀ, ଦୁର୍ଗତି ନାଶିନୀ, ଦୁଃଖ ହାରିଣୀ ମାଆ ଦୁର୍ଗା ଦେବୀଙ୍କର ବର୍ଷକୁ ଦୁଇଥର ସାର୍ବଜନୀନ ପୂଜା ଓ ଆରାଧନା ମହୋତ୍ସବ ଆକାରରେ ଆୟୋଜିତ ହୋଇଥାଏ। ଆଶ୍ୱିନ ଓ ଚୈତ୍ର ମାସରେ ଦେବୀ ଦୁର୍ଗାଙ୍କର ପୂଜାକୁ ଯଥାକ୍ରମେ ଶାରଦୀୟ ଓ ବାସନ୍ତିକ ଦୁର୍ଗାପୂଜା ନାମରେ ନାମିତ କରାଯାଇଥାଏ। କିନ୍ତୁ ଶାରଦୀୟ ଦୁର୍ଗାପୂଜାର ଗ୍ରହଣୀୟତା ଓ ଲୋକପ୍ରିୟତା ଯଥେଷ୍ଟ ଅଧିକ ରହିଛି। ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାଧିପତି ଦଶାନନ ରାବଣକୁ ବଧ କରିବା ନିମନ୍ତେ ଶ୍ରୀ ଦୁର୍ଗାଙ୍କୁ ପୂଜା କରୁଥିଲେ। ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କର ଏହି ପୂଜା ଅକାଳ ବୋଧନ ବୋଲି କୁହାଯାଏ। କାରଣ ସେ ଶରତ ଋତୁରେ ଅକାଳରେ ଦେବୀ ଦୁର୍ଗାଙ୍କୁ ସ୍ମରଣ କରିଥିଲେ। ଶରତ ଋତୁରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରିଥାନ୍ତି। ଏହି ସମୟକୁ ଦେବତାମାନଙ୍କର ରାତ୍ର ରୂପେ ବିବେଚନା କରାଯାଏ। ସେମାନଙ୍କର ବିଶ୍ରାମ ଅଟେ। ଶ୍ରାବଣମାସରୁ ପୌଷ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କର ଦକ୍ଷିଣାୟାନ ଗତି ମାଘରୁ ଆଷାଢମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କର ଉତ୍ତରାୟଣ ଗତି ହୋଇଥାଏ। ଏହି ସମୟ ଦେବତାମାନଙ୍କର ପୂଜାର୍ଚ୍ଚନା କରିବାର ପ୍ରକୃଷ୍ଟ ସମୟ। ତେଣୁ ପ୍ରଭୁ ରାମଚନ୍ଦ୍ର ଆଶ୍ୱିନ ମାସରେ ଦକ୍ଷିଣାୟନ ସମୟରେ ଅକାଳରେ ଦେବୀ ଦୁର୍ଗାଙ୍କୁ ସ୍ତୁତି କଲେ। ପ୍ରଭୁ ରାମଚନ୍ଦ୍ର ଜାଣିପାରିଲେ ଦେବୀ ବିଲ୍ୱଦଳରେ କୁମାରୀ କନ୍ୟା ରୂପେ ଶାୟିତ ଅଛନ୍ତି। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ବିଲ୍ୱଧିବାସ ହୋଇ ଷଷ୍ଠୀଦିନ ଦେବୀଙ୍କୁ ପୂଜା କଲେ। ସପ୍ତମୀ ଦିନ ଷୋଡଶ ଉପଚାରରେ ପୂଜା କଲେ ମଧ୍ୟ ଦେବୀଙ୍କର ନିଦ୍ରାଭଙ୍ଗ ହେଲା ନାହିଁ। ଅଷ୍ଟମୀରେ ଯୋଗିନୀ ମାନଙ୍କୁ ଧରି ଶ୍ରୀରାମ ଚନ୍ଦ୍ର ଦେବୀଙ୍କୁ ବିଶେଷ ପୂଜା କଲେ। ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ ସନ୍ଧିକ୍ଷଣରେ ପ୍ରଭୁ ରାମଚନ୍ଦ୍ର ଦେବୀ ଦୁର୍ଗାଙ୍କୁ ପୂଜା କଲେ। ଏହାକୁ ସନ୍ଧିପୂଜା କୁହାଯାଏ। ଚାମୁଣ୍ଡା ଦେବୀଙ୍କ ସହାୟତାରେ ଶ୍ରୀରାମଚନ୍ଦ୍ର ଏହି ସନ୍ଧିପୂଜା କରିଥିଲେ। ଏହି ପୂଜା ପରେ ଅର୍ଥାତ ନବମୀ ଦିନ ଦେବୀ ଜାଗ୍ରତ ହେଲେ ଏବଂ ପୁନର୍ବାର କୁମାରୀ ରୂପେ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ ଦେଲେ। ତେଣୁ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ରହିଛି। ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀଙ୍କୁ କୁମାରୀ ରୂପେ ପୂଜା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଶ୍ରୀ ରାମକୃଷ୍ଣ ପରମହଂସ ଓ ତାଙ୍କ ସୁଯୋଗ୍ୟ ଶିଷ୍ୟ ତଥା ଭାରତୀୟ ସାଂସ୍କୃତିକ ଜାଗରଣର ଅନ୍ୟତମ ବିରାଟ ସ୍ରଷ୍ଟା ସ୍ୱାମୀ ବିବେକାନନ୍ଦ ଏହାର ବହୁଳ ପ୍ରଚାର ଓ ପ୍ରସାର କରିଥିଲେ। ରାଣୀ ରାସମଣି ଦେବୀଙ୍କ ଦ୍ୱାରା କୁମାରୀ ପୂଜାର ବହୁଳ ଜନାଦୃତି ଲାଭ କରିଥିବାର ଜଣାଯାଏ। ରଜବତୀ ହୋଇନଥିବା ୮ବର୍ଷରୁ ୧୦ ବର୍ଷର ସାନ କୁମାରୀ କନ୍ୟାମାନଙ୍କୁ ଆଖିରେ କଜ୍ୱଳ, କପାଳରେ ଚନ୍ଦନ, ପାଦରେ ଅଳତା, ନୂତନ ଶାଢୀ ପିନ୍ଧାଇ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇ ପୂଜା କରାଯାଏ। ଏହାକୁ କୁମାରୀ ଲକ୍ଷ୍ମୀପୂଜା ବୋଲି ମଧ୍ୟ କୁହାଯାଏ। ଅନେକ ପୂଜା ମଣ୍ଡପରେ କୁମାରୀ ପୂଜା ମଧ୍ୟ କରାଯାଏ। କଟକ ଜିଲ୍ଲାର ପୁନଙ୍ଗ ଗ୍ରାମର ଘୋଷ ଘର ପୂଜା ମଣ୍ଡପରେ କନ୍ୟାପୂଜା ବହୁ ପୁରାତନ ବୋଲି ଗବେଷକମାନେ ମତବ୍ୟକ୍ତ କରିଥାନ୍ତି। ନେପାଳରେ କୁମାରୀ ପୂଜାର ବୈଶିଷ୍ଟ୍ୟ ସ୍ୱତନ୍ତ୍ର। କୁମାରୀ ଦେବୀଙ୍କ ପ୍ରତି ନେପାଳରେ ଯଥେଷ୍ଟ ଭକ୍ତି ଓ ସମ୍ମାନ ରହିଛି। ଶ୍ରୀକ୍ଷେତ୍ର ସେବାୟତ ପରିବାରର କୁମାରୀ କନ୍ୟା ସ୍ୱତନ୍ତ୍ର ନେତ ପର୍ବ ପାଳନ କରନ୍ତି। ଭଲ ଘର ଓ ବର ପ୍ରାପ୍ତି ନିମନ୍ତେ ୨୧ ଦିନ ଧରି ଶାରଦୀୟ ଦୁର୍ଗାପୂଜା ପରିପ୍ରେକ୍ଷୀରେ ମାର୍କଣ୍ଡ ପୋଖରୀ ସେବାୟତ ପରିବାରର କୁମାରୀ କନ୍ୟାମାନେ ପୂଜା କରନ୍ତି। ସମଗ୍ର ଆଶ୍ୱିନ ମାସ କୁମାରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଏକମାସ ଧରି କୁମାରୀମାନେ ଜହ୍ନିଓଷା ସହିତ କୁମାର ପୂର୍ଣ୍ଣିମା ପାଳନ କରନ୍ତି। ଶାରଦୀୟ ଦୁର୍ଗାପୂଜା ଦଶହରା ନାମରେ ଅଧିକ ପରିଚିତ। ଦଶଟି ଦୃଷ୍ଟଶକ୍ତିକୁ ମାତୃଶକ୍ତି ଦ୍ୱାରା ହରଣ କରାଯାଉଥିବାରୁ ତେଣୁ ଏହାକୁ ଦଶହରା ବୋଲି କୁହାଯାଏ। ମାତୃଶକ୍ତିକୁ ଆରାଧନା କରି ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରି ଦଶମୀ ତିଥିରେ ବିଜୟଲାଭ କରିଥିବାରୁ ଏହାକୁ ବିଜୟା ଦଶମୀ କୁହାଯାଏ। ବିଜୟା ଦଶମୀର ଅବ୍ୟବହିତ ପୂର୍ବରୁ ଆଦ୍ୟାଶକ୍ତି ଦୁର୍ଗା ଦେବୀ ମହିଷାସୁରକୁ ବଧ କରି ଦେବତା ଓ ଜଗତର ମଙ୍ଗଳ ସାଧନ କରିଥିଲେ। ଦେବୀଙ୍କ ସହ ଦାନବମାନଙ୍କର ଷୋଳ ଦିନ ଧରି ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଯୁଦ୍ଧ ଲାଗିରହିଥିଲା। ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା। ମହାନବମୀ ରାତ୍ରରେ ଅମଙ୍ଗଳ ଛାୟା ଅପସରି ଶୁକ୍ଳ ଦଶମୀରେ ମଙ୍ଗଳର ବାର୍ତ୍ତା ଓ ଶୁଭ ସଙ୍କେତ ଧରାଧାମରେ ପ୍ରତୀୟମାନ ହେଲା। ଏହିଦିନ ଜଗତର ଦୁଃଖ ଲାଘବ ହୋଇଥିବାରୁ ଏହାକୁ "ଦୁଃଖଦା ଦଶମୀ"ନାମରେ ଅଭିହିତ କରାଯାଏ। ସାରଳା ଦାସ ଚଣ୍ଡି ପୁରାଣରେ "ଦୁଃଖଦା ଦଶମୀ"ସମ୍ବନ୍ଧରେ ଅତି ମାର୍ମିକ ଶୈଳିରେ ବର୍ଣ୍ଣନା କରିଛନ୍ତି। ଦୁଃଖଦା ଦଶମୀ ଦିନ ଦେବତାମାନେ ମହାଦଶାରୁ ମୁକ୍ତି ପାଇବା ନିମନ୍ତେ ଦୁର୍ଗତୀ ନାଶିନୀ ଦୁର୍ଗାଦେବୀଙ୍କର ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଇଥାଏ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପି ପୂଜା ଆୟୋଜିତ ହୁଏ। ଦେବୀ ପୀଠମାନଙ୍କରେ ଏହା ଷୋଳ ପୂଜା ନାମରେ ଖ୍ୟାତ। କୃଷ୍ଣପକ୍ଷ ଅଷ୍ଟମୀରୁ ଷୋଳପୂଜା ଆରମ୍ଭ ହୁଏ। ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ମୂଳାଷ୍ଟମୀ ନାମରେ ପରିଚିତ ଅଟେ। ଏହି ଦିନର ମହତ୍ତ୍ୱ ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟି କୋଣରୁ ଯଥେଷ୍ଟ ଗୁରୁତ୍ୱ ରଖିଥାଏ। ମୂଳାଷ୍ଟମୀ ଦିନ ଷୋଳପୂଜା ଆରମ୍ଭ ହୁଏ। ଏହିଦିନ ପଶ୍ଚିମ ଓଡିଶାରେ ମାଆମାନେ ନିଜ ପୁତ୍ରର ଶୁଭ ମନାସୀ "ପୁଅଜିଉଁତିଆ"ବ୍ରତ ପାଳନ କରନ୍ତି। ଏହିଦିନ ମଧ୍ୟ ଉପକୂଳ ଓଡିଶାରେ ଦୁତୀୟା ଓଷା ମାଆମାନେ ପାଳନ କରନ୍ତି। ପୁଅମାନଙ୍କର ମଙ୍ଗଳ କାମନା କରି ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀରେ ମଣ୍ଡପରେ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପନ ହୁଏ। ଶୁକ୍ଳ ଅଷ୍ଟମୀରେ ମହାଷ୍ଟମୀ ପୂଜା ମାଆଙ୍କ ନିକଟରେ ଅନୁଷ୍ଠିତ ହୁଏ। ମହାଦଶମୀ ଦିନ ମାଆ ଦୁର୍ଗାଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୁଏ। ଦଶହରା ପରଦିନ ପୁରୀରେ ଦୁର୍ଗା ଦେବୀଙ୍କର କ୍ରୋଧାନ୍ୱିତ ଶକ୍ତି ଗୋସାଣୀ ଯାତ୍ରା ରୂପେ ପାଳିତ ହୁଏ ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ। ମୂଳାଷ୍ଟମୀଠାରୁ ଷୋଳଦିନ ବ୍ୟାପି ସମସ୍ତ ଶକ୍ତିପୀଠ ମାନଙ୍କରେ ମାଆଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମାଆଙ୍କର ପ୍ରତିଦିନ ସ୍ୱତନ୍ତ୍ର ବେଶମାନ ଆୟୋଜନ କରାଯାଇଥାଏ। ଶାରଦୀୟ ଦୁର୍ଗାପୂଜା ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାଆଙ୍କର ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ଲାଭ ନିମନ୍ତେ ଶକ୍ତିପୀଠମାନଙ୍କୁ ଶୁଭାଗମନ କରଥାନ୍ତି।

# ମା' ଆସୁଛନ୍ତି

## ଦଶହରାର ଆଗମନୀ-ପରମ୍ପରାର ମାଟିରେ ଆଧୁନିକତାର ଆଲୋକ

ତପନ ରଥ
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
୭୯୭୮୫୪୫୮୮୦

ଶରତର ନୀଳ ଆକାଶରେ ଯେତେବେଳେ ଧଳା ବାଦଲର ଭେଳା ଭାସିଯାଏ, କାଶତଣ୍ଡୀର ଫୁଲ ପବନରେ ମୁଣ୍ଡ ହଲାଏ ଏବଂ ସକାଳର ଶିଶିର ଘାସ ଉପରେ ମୁକ୍ତା ପରି ଝଲମଲ କରେ, ସେତେବେଳେ ପ୍ରକୃତି ନିଜେ ଯେପରି କହିଉଠେ—'ମା' ଆସୁଛନ୍ତି।

ଦଶହରା କେବଳ ଏକ ପର୍ବ ନୁହେଁ। ଏହା ଓଡ଼ିଆ ଜୀବନର ଏକ ଦୀର୍ଘ ସାଂସ୍କୃତିକ ସ୍ମୃତି। ଏହାର ମଧ୍ୟରେ ରହିଛି ଶକ୍ତି ଉପାସନାର ପ୍ରାଚୀନ ପରମ୍ପରା, ଲୋକବିଶ୍ୱାସର ଗଭୀରତା, ମାଟିର ଶିଳ୍ପୀଙ୍କ ହାତର ସ୍ପର୍ଶ, ଢୋଲ ମୃଦଙ୍ଗର ତାଳ, ଧୂପ- ଦୀପର ସୁଗନ୍ଧ ଏବଂ ଏକ ସମାଜକୁ ଏକାଠି କରିବାର ଅଦୃଶ୍ୟ ଶକ୍ତି। ପୂଜା ଆରମ୍ଭର ଦିନଗୁଡ଼ିକରେ ଗାଁଠୁ ସହର ପର୍ଯ୍ୟନ୍ତ ପରିବେଶରେ ଏକ ଅଦୃଶ୍ୟ ଉତ୍ସାହ ଜମାଟ ବାନ୍ଧେ । କେଉଁଠି ମଣ୍ଡପର ଶେଷ ପର୍ଯ୍ୟାୟର କାମ ଚାଲିଛି, କେଉଁଠି ମୂର୍ତ୍ତିରେ ଶେଷ ରଙ୍ଗର ସ୍ପର୍ଶ, ଆଉ କେଉଁଠି ପୂଜା ପାଇଁ ଆବଶ୍ୟକ ସାମଗ୍ରୀର ଆୟୋଜନ। ମା'ଙ୍କ ଆଗମନ ପାଇଁ ମଣିଷ ନିଜ ମନ, ହୃଦୟ ଓ ଘରକୁ ହିଁ ସଜାଇବାକୁ ଆରମ୍ଭ କରେ।

**ଶକ୍ତି ଉପାସନାର ପୁରୁଣା ପାଦଚିହ୍ନ**

ଭାରତୀୟ ଧାର୍ମିକ ଚେତନାରେ ଦେବୀ ଉପାସନାର ଇତିହାସ ଅତ୍ୟନ୍ତ ପ୍ରାଚୀନ। ଶକ୍ତିକୁ ନାରୀତ୍ୱ, ସୃଷ୍ଟି, ସୁରକ୍ଷା ଓ ସଂହାରର ମୂଳ ଶକ୍ତି ଭାବେ ଦେଖିବାର ପରମ୍ପରା ଯୁଗଯୁଗ ଧରି ଭାରତୀୟ ସଂସ୍କୃତିକୁ ପ୍ରଭାବିତ କରିଆସିଛି।ଓଡ଼ିଶାରେ ମଧ୍ୟ ଶକ୍ତି



ଆରାଧନାର ନିଜସ୍ୱ ଏକ ଦୀର୍ଘ ଐତିହ୍ୟ ରହିଛି। ଏଠାରେ ଦେବୀ କେବଳ ପୁରାଣର ପୃଷ୍ଠାରେ ବନ୍ଦୀ ନୁହନ୍ତି; ସେ ଲୋକଜୀବନର ଅଂଶ। ଗାଁର ଗ୍ରାମଦେବୀଠାରୁ ସହରର ଭବ୍ୟ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ତାଙ୍କ ଉପସ୍ଥିତି ଓଡ଼ିଆ ସମାଜର ଧାର୍ମିକ ଓ ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରେ। ପୁରାତନ ମନ୍ଦିର, ଶକ୍ତିପୀଠ, ଲୋକପରମ୍ପରା ଓ ପର୍ବପର୍ବାଣୀରେ ଦେବୀ ଆରାଧନାର ଯେଉଁ ବିଭିନ୍ନ ରୂପ ଦେଖିବାକୁ ମିଳେ, ତାହା ଓଡ଼ିଶାର ସଂସ୍କୃତିର ଏକ ବଳିଷ୍ଠ ଓ ଜୀବନ୍ତ ପ୍ରମାଣ।

**ନବମାତୃକା—ଶକ୍ତିର ନଅଟି ରୂପ**

ଦଶହରା ପୂଜାର ଆଧ୍ୟାତ୍ମିକ ପରିସରରେ ନବମାତୃକା ଉପାସନାର ମଧ୍ୟ ଏକ ବିଶେଷ ସ୍ଥାନ ରହିଛି। ମାତୃଶକ୍ତିର ବିଭିନ୍ନ ରୂପକୁ ଏକାଧାରରେ ସ୍ମରଣ କରିବାର ଏହି ପରମ୍ପରା ମଣିଷକୁ ଏକ ଗଭୀର ଆଧ୍ୟାତ୍ମିକ ଅର୍ଥ ସହ ଯୋଡ଼ିଥାଏ।ନଅଟି ରୂପରେ ଦେବୀଙ୍କ ଆରାଧନା ମାଧ୍ୟମରେ ଶକ୍ତିର ବିଭିନ୍ନ ପ୍ରକାଶକୁ ଅନୁଭବ କରାଯାଏ। କେଉଁଠି ସେ ମାତୃମୟୀ, କେଉଁଠି ରକ୍ଷାକାରିଣୀ, କେଉଁଠି ଅସୁରନାଶିନୀ, ଆଉ କେଉଁଠି ଜ୍ଞାନ ଓ ଚେତନାର ପ୍ରତୀକ।ଏହି ଉପାସନାର ଅନ୍ତର୍ନିହିତ ବାର୍ତ୍ତା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ— ଅନ୍ଧକାର ଯେତେ ଗଭୀର ହେଉ, ମଣିଷର ଭିତରେ ଆଲୋକ ଜାଳିବାର ଶକ୍ତି ରହିଛି।

**ମାଟିରୁ ମା'— ଶିଳ୍ପୀର କଳ୍ପନାର ଜୀବନ୍ତ ପ୍ରତିମା ଙ୍କ ସୃଜନ**

ଦଶହରା ଆସିଲେ ମାଟିର କାରିଗରଙ୍କ ଜୀବନରେ ମଧ୍ୟ ଏକ ଅଲଗା ଚଞ୍ଚଳତା ଆସେ। ନଦୀକୂଳର ମାଟି, ନଡ଼ା, ବାଉଁଶ ଓ ଖଡ଼ିର ସାହାଯ୍ୟରେ ଯେଉଁ ମୂର୍ତ୍ତିର ଆକାର ନେବା ଆରମ୍ଭ ହୁଏ, ତାହା ଶେଷରେ ରଙ୍ଗ, ଅଳଙ୍କାର ଓ ଶିଳ୍ପୀର କଳ୍ପନାରେ ଜୀବନ୍ତ ହୋଇଉଠେ।ଏଠାରେ ଧର୍ମ ସହିତ ମିଶିଯାଏ ଶିଳ୍ପ। ପୂଜା ମଣ୍ଡପ ଏକ ଆସ୍ଥାର ସ୍ଥାନ ହେବା ସହିତ ଏକ ସାମୟିକ କଳା ଗ୍ୟାଲେରୀ ର ରୂପ ନିଏ। ଶିଳ୍ପୀଙ୍କ ହାତରେ ମାଟି କେବଳ ମୂର୍ତ୍ତି ହୁଏ ନାହିଁ; ତାହା ଏକ ସମାଜର ସ୍ୱପ୍ନ, ସୃଜନଶୀଳତା ଓ ସାମୂହିକ ରୁଚିର ଆଇନା ପାଲଟିଯାଏ।

**ଗାଁର ଦଶହରାରୁ ସହରର ଥିମ୍ ପୂଜା**

ସମୟ ବଦଳିଛି। ଦଶହରା ମଧ୍ୟ ବଦଳିଛି। ଦିନେ ଯେଉଁଠି ପାରମ୍ପରିକ ମଣ୍ଡପ, ମାଟିର ମୂର୍ତ୍ତି ଓ ସରଳ ସାଜସଜ୍ଜା ହିଁ ଥିଲା ପୂଜାର ପରିଚୟ, ଆଜି ସେଠାରେ ଆଲୋକସଜ୍ଜା, ଥିମ୍, ପରିବେଶ ଠାରୁ ଐତିହ ସମ୍ବଦୀୟ ମଣ୍ଡପ, ଡିଜିଟାଲ ପ୍ରଚାର ଓ ନୂଆ ପିଢ଼ିର ସୃଜନଶୀଳତା ଯୋଡ଼ି ହୋଇଛି।ମୋବାଇଲ ଫୋନର କ୍ୟାମେରାରେ ମା'ଙ୍କ ମୁହଁ ବନ୍ଦୀ ହେଉଛି, ସୋସିଆଲ ମିଡିଆରେ ପୂଜାର ଛବି ଓ ଭିଡିଓ ମୁହୂର୍ତ୍ତକ ମଧ୍ୟରେ ଦୂରଦୂରାନ୍ତରେ ପହଞ୍ଚିଯାଉଛି। ଯେଉଁ ପର୍ବ କେବେ ଗୋଟିଏ ପଡ଼ା କିମ୍ବା ଗାଁର ସୀମା ମଧ୍ୟରେ ରହୁଥିଲା, ଆଜି ସେହି ପର୍ବ ଡିଜିଟାଲ ମାଧ୍ୟମରେ ବିଶ୍ୱର ବିଭିନ୍ନ କୋଣରେ ଥିବା ଓଡ଼ିଆଙ୍କ ଘରେ ପହଞ୍ଚୁଛି। ତଥାପି ଏହି ପରିବର୍ତ୍ତନର ମଧ୍ୟରେ ଏକ ଅଦୃଶ୍ୟ ବନ୍ଧନ ଅବିଚ୍ଛିନ୍ନ ରହିଛି—ମା'ଙ୍କ ପ୍ରତି ଭକ୍ତି ଓ ସମାଜକୁ ଏକାଠି କରିବାର ଆକାଂକ୍ଷା।

**ଉତ୍ସବରେ ଫେରିଆସେ ସମ୍ପର୍କର ଉଷ୍ମତା**

ଦଶହରାର ଆଉ ଏକ ବଡ଼ ଆକର୍ଷଣ ହେଉଛି ଏହାର ସାମାଜିକ ଚରିତ୍ର। ପୂଜା ମଣ୍ଡପ କେବଳ ଦେବୀଙ୍କ ଆସନ ନୁହେଁ; ଏହା ଲୋକଙ୍କ ମିଳନସ୍ଥଳୀ।ବର୍ଷସାରା ବ୍ୟସ୍ତ ଥିବା ମଣିଷମାନେ ଏହି ସମୟରେ ପୁଣି ପରସ୍ପରକୁ ଭେଟନ୍ତି। ଦୂର ସହରରେ ଚାକିରି କରୁଥିବା ପୁଅ ଘରକୁ ଫେରେ, ବାହାରେ ରହୁଥିବା ଝିଅ ପରିବାର ସହ ଯୋଡ଼ି ହୁଏ । ପୁରୁଣା ବନ୍ଧୁତ୍ୱରେ ପୁଣି ଉଷ୍ମତା ଫେରେ। ପଡ଼ୋଶୀଙ୍କ ମଧ୍ୟରେ ନୂଆ ପରିଚୟ ହୁଏ।ଏହି ଅର୍ଥରେ ଦଶହରା ହେଉଛି ସମ୍ପର୍କର ମଧ୍ୟ ଏକ ପର୍ବ। ଦେବୀଙ୍କ ଆରାଧନା ସହ ମଣିଷ ମଣିଷକୁ ଖୋଜି ପାଇବାର ଏକ ଅପୂର୍ବ ମୁହୂର୍ତ୍ତ ।

**ଆଧୁନିକତା ମଧ୍ୟରେ ପରମ୍ପରାର ନୂଆ ଅର୍ଥ**

ଆଧୁନିକ ସମୟ ଆମ ଜୀବନର ଗତି ବଢ଼ାଇଦେଇଛି। ସହର ବଢ଼ିଛି, ଜୀବନଶୈଳୀ ବଦଳିଛି, ପରିବାରର ଗଠନ ବଦଳିଛି। କିନ୍ତୁ ପର୍ବପର୍ବାଣୀ ମଣିଷକୁ ତାହାର ମୂଳ ସହ ଯୋଡ଼ି ରଖିବାର ଏକ ଅଦ୍ଭୁତ କ୍ଷମତା ଆଜିବି ବଜାଇ ରଖିଛି । ଆଜିର ଦଶହରା ସେଥିପାଇଁ କେବଳ ଅତୀତକୁ ସ୍ମରଣ କରିବାର ପର୍ବ ନୁହେଁ; ଏହା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସେତୁ। ପରମ୍ପରାର ମାଟିରେ ଆଧୁନିକତାର ରଙ୍ଗ ଲାଗୁଛି, କିନ୍ତୁ ମୂଳ ଚିତ୍ରଟି ହଜିଯାଉନାହିଁ। ବରଂ ନୂଆ ପିଢ଼ି ନିଜ ଭାଷାରେ, ନିଜ ଶୈଳୀରେ ପୁରୁଣା ପରମ୍ପରାକୁ ନୂଆ ଭାବେ ଅନୁଭବ କରୁଛି। ଏହି ପରିବର୍ତ୍ତନ ହିଁ ଜୀବନ୍ତ ସଂସ୍କୃତିର ଲକ୍ଷଣ। ଯେଉଁ ପରମ୍ପରା ସମୟ ସହିତ କଥା କହିପାରେ, ସେହି ପରମ୍ପରା ହିଁ ପିଢ଼ି ପରେ ପିଢ଼ି ବଞ୍ଚିରହେ।

**ମା' ଆସୁଛନ୍ତି...**

ସନ୍ଧ୍ୟା ନଇଁ ଆସୁଛି। ପୂଜାମଣ୍ଡପର ଆଲୋକ ଗୋଟିଏ ପରେ ଗୋଟିଏ ଜଳିଉଠୁଛି। ଦୂରରୁ ଶୁଣାଯାଉଛି ଢୋଲ ମୃଦଙ୍ଗର ମୃଦୁ ଶବ୍ଦ। ଧୂପର ଧୂଆଁ ପବନରେ ମିଶି ପରିବେଶକୁ ସୁଗନ୍ଧମୟ କରିଦେଉଛି। ମାଟିର ପ୍ରତିମାର ଆଖିରେ ଶିଳ୍ପୀ ଦେଇଥିବା ଶେଷ ସ୍ପର୍ଶ ଯେପରି ଏବେ ଅପେକ୍ଷା କରୁଛି ପ୍ରାଣପ୍ରତିଷ୍ଠାର। କେଉଁଠି ପୁରୁଣା ମନ୍ତ୍ରୋଚ୍ଚାରଣ, କେଉଁଠି ଆଧୁନିକ ଆଲୋକର ଝଲକ; କେଉଁଠି ମାଟିର ଗନ୍ଧ, କେଉଁଠି ସହରୀ ଉତ୍ସବର ଚମକ। ଏହି ଦୁଇଟି ଦୃଶ୍ୟ ପରସ୍ପରର ବିରୋଧୀ ନୁହେଁ— ବରଂ ଏକେ ସଂସ୍କୃତିର ଦୁଇଟି ମୁହଁ। ଦଶହରା ଆସେ, ପୁଣି ଚାଲିଯାଏ। ମଣ୍ଡପ ଭାଙ୍ଗିଯାଏ, ଆଲୋକ ଲିଭିଯାଏ, ଢୋଲ ମୃଦଙ୍ଗ ନିରବ ହୋଇଯାଏ। କିନ୍ତୁ ମଣିଷର ମନରେ ରହିଯାଏ ମା'ଙ୍କ ମୁହଁ, ଧୂପର ଗନ୍ଧ, ଶରତର ଆକାଶ ଓ ଏକାଠି ହୋଇଥିବା ଲୋକମାନଙ୍କ ଉଷ୍ମତା। ସେଥିପାଇଁ ଦଶହରାର ଆଗମନୀ କେବଳ ଦେବୀଙ୍କ ଆଗମନୀ ନୁହେଁ—ଏହା ନିଜ ମୂଳକୁ ପୁଣିଥରେ ଫେରିବାର ଆଗମନୀ। ମାଟିରୁ ମୂର୍ତ୍ତି ଗଢ଼ିଉଠେ, ମୂର୍ତ୍ତିରେ ଦେବୀଙ୍କ ଭାବ ଜାଗ୍ରତ ହୁଏ, ଆଉ ଦେବୀଙ୍କ ଆରାଧନା ମାଧ୍ୟମରେ ମଣିଷ ନିଜ ଅନ୍ତରର ଆଲୋକକୁ ଖୋଜିପାଏ। ସମୟ ବଦଳେ, ପୂଜାର ରୂପ ବଦଳେ, ପରମ୍ପରାର ଆୟୋଜନ ମଧ୍ୟ ବଦଳିଯାଏ; କିନ୍ତୁ ମଣିଷର ହୃଦୟରେ ଶକ୍ତି, ଶ୍ରଦ୍ଧା, ମମତା ଓ ସମ୍ପର୍କର ଦୀପଟି ସଦା ଦୀପ୍ତିମାନ ହୋଇ ଜଳୁ ଥାଏ । କାରଣ, ଦଶହରା କେବଳ ମାଟିର ମୂର୍ତ୍ତିରେ ଦେବୀଙ୍କ ପ୍ରାଣପ୍ରତିଷ୍ଠାର ପର୍ବ ନୁହେଁ; ଏହା ଆମ ମନରେ ଥିବା ଅନ୍ଧକାରକୁ ଦୂର କରି ସତ୍ୟ, ଶକ୍ତି ଓ ମାନବିକତାର ଆଲୋକକୁ ଜାଗ୍ରତ କରିବାର ଏକ ପବିତ୍ର ଅବସର। ଯେଦିନ ଆମ ଅନ୍ତରରେ ସେହି ଆଲୋକ ପ୍ରଜ୍ୱଳିତ ହବ, ସେଦିନ ହିଁ ସାର୍ଥକ ହବ ଦଶହରାର ସତ୍ୟ ଆଲୋକର ପ୍ରାଣପ୍ରତିଷ୍ଠା।

# ମାନନୀୟ ଅପରାଧ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଗଣତନ୍ତ୍ରରେ ଲୋକପ୍ରତିନିଧି ମାନେ ଜନତାଙ୍କ ଆଶା, ଆକାଂକ୍ଷା ଏବଂ ବିଶ୍ୱାସର ପ୍ରତୀକ ବୋଲି କୁହାଯାଏ। ସାଂସଦ ଏବଂ ବିଧାୟକ ମାନଙ୍କୁ ସମ୍ମାନପୂର୍ବକ "ମାନନୀୟ" ବୋଲି ମଧ୍ୟ କୁହାଯାଇଥାଏ। କାରଣ ସେମାନେ ଆଇନ୍ ପ୍ରଣୟନ କରିଥାନ୍ତି, ଶାସନକୁ ଦିଗ୍‌ଦର୍ଶନ ଦେଇଥାନ୍ତି। ସମାଜ ଏମାନଙ୍କ ଠାରୁ ଆଦର୍ଶର କଥା ମଧ୍ୟ ଆଶା କରିଥାଏ, କିନ୍ତୁ ଯେତେବେଳେ ଅଧିକ ନିର୍ବାଚିତ ଜନପ୍ରତିନିଧିଙ୍କ ବିରୁଦ୍ଧରେ ଗମ୍ଭୀର ଅପରାଧିକ ମାମଲା ଥିବା କଥା ଜଣାପଡେ . ସେତେବେଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ରାଜନୀତିରେ ଅପରାଧ/ଅପରାଧିଙ୍କ ପ୍ରବେଶ ସ୍ୱୀକାର୍ଯ୍ୟ ହୋଇଯାଇଛି? ୨୦୨୪ ଲୋକସଭା ନିର୍ବାଚନ ପରେ ଆସୋସିଏସନ ଫର ଡ଼େମୋକ୍ରାଟିକ୍ ରିଫର୍ମସ(ଏଡ଼ିଆର) ପକ୍ଷରୁ ଏ ପ୍ରସଙ୍ଗରେ ବିଶ୍ଳେଷଣ କରାଯାଇଥିଲା।ବିଶ୍ଳେଷଣରୁ ଜଣାପଡ଼ିଛି ଯେ ୫୪୩ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୨୫୧ ଅର୍ଥାତ୍ ପାଖାପାଖି ୪୬ ପ୍ରତିଶତ ସାଂସଦ ନିର୍ବାଚନ ବେଳେ ଦେଇଥିବା ସତ୍ୟପାଠରେ ସେମାନଙ୍କ ନାମରେ ଅପରାଧିକ ମାମଲାଥିବା କଥା ଘୋଷଣା କରିଥିଲେ। ଏହି ୨୫୧ଙ୍କ ମଧ୍ୟରୁ ୧୭୦ ସାଂସଦ ଅର୍ଥାତ୍ ୩୧ ପ୍ରତିଶତଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଛି।ଏସବୁ ଅପରାଧ ମଧ୍ୟରେ ରହିଛି ହତ୍ୟା, ହତ୍ୟା ପାଇଁ ଉଦ୍ୟମ, କଳାକାର, ଅପହରଣ ଏବଂ ମହିଳାଙ୍କ ବିରୁଦ୍ଧରେ ଅପରାଧ ଭଳି ଗୁରୁତର ମାମଲା।ଏକଥା ମଧ୍ୟ ସ୍ପଷ୍ଟ ଭାବେ ବୁଝିବା ଆବଶ୍ୟକ ଯେ କାହାରି ବିରୁଦ୍ଧରେ ଅପରାଧିକ ମାମଲା ଦାଏରା ହେଲେ ଦୋଷ ପ୍ରମାଣିତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ୨୦୨୪ ରେ ୨୭ ନିର୍ବାଚିତ ସାଂସଦ ନିଜର ସତ୍ୟପାଠରେ ସେମାନଙ୍କ ବିରୁଦ୍ଧରେ ହୋଇଥିବା ମାମଲା ପ୍ରମାଣିତ ହୋଇଛି ବୋଲି ମଧ୍ୟ ଦର୍ଶାଇଥିଲେ। ଏହି ସ୍ଥିତି କେବଳ ଗୋଟିଏ ଦଳର ବା ବିଚାରଧାରାର ସମସ୍ୟା ନୁହେଁ। ପ୍ରାୟତଃ ସବୁ ଦଳର ନିର୍ବାଚିତ ପ୍ରତିନିଧି ମାନେ ନିର୍ବାଚନ ବେଳେ ଦେଇଥିବା ସତ୍ୟପାଠରୁ ଅପରାଧିକ ମାମଲା କଥା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ଯେ ସମସ୍ୟା ବ୍ୟାପକ ରାଜନୈତିକ ବ୍ୟବସ୍ଥା ଏବଂ ନିର୍ବାଚନୀ ପ୍ରକ୍ରିୟା ସହ ଯୋଡ଼ିହୋଇରହିଛି। ଏଣୁ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଧାରିବା ଅନିର୍ବାର୍ଯ୍ୟ ହୋଇପଡ଼ିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ରାଜନୈତିକ ଦଳମାନେ ଅପରାଧିକ ପୃଷ୍ଠଭୂମିଥିବା ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଉଛନ୍ତି କେମିତି? ନିର୍ବାଚନ ଲଢ଼ିବା ଓ ଜିତିବାର କ୍ଷମତା, ସ୍ଥାନୀୟ ପ୍ରଭାବ, ଆର୍ଥିକ ସଂଶାଧନ, ଜାତିଗତ ବା ସାମାଜିକ ସମୀକରଣ ଏବଂ ସଂଗଠନାତ୍ମକ ଶକ୍ତି ନିର୍ବାଚନ ରେ ଜିତିବାର କ୍ଷମତା ରଖିଥାଏ। କିନ୍ତୁ ପ୍ରାର୍ଥୀଚୟନ ବେଳେରାଜନୈତିକ ଦଳ ମାନେ ଏହାକୁ ଅନ୍ତିମ ଆଧାର ବୋଲି ଗ୍ରହଣ କରିବା ଅନୁଚିତ। ଲୋକଙ୍କର ଜାଣିବାର ଅଧିକାର ରହିଛି ଯେ ଅପରାଧିକ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ଟିକେଟ ଦେବା ପାଇଁକାହିଁକି ନିଷ୍ପତ୍ତି ନିଆଗଲା। ମାନ୍ୟବର ସୁପ୍ରିମ୍ ଏପ୍ରସଙ୍ଗରେ କହିଛନ୍ତି ଯେ ରାଜନୈତିକ ଦଳମାନେ ଅପରାଧ ପୃଷ୍ଠଭୂମୀର ବ୍ୟକ୍ତିଙ୍କ ସମସ୍ତ ତଥ୍ୟ ଅବଗତ କରାଇବେ ଓ ଏଭଳି ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାର କାରଣ ମଧ୍ୟ ଦର୍ଶାଇବେ। ମାନ୍ୟବରକୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ କାରଣ କେବଳ ନିର୍ବାଚନରେ ବିଜୟର ସମ୍ଭାବନା ଉପରେ ଆଧାରିତ ହେବାଉଚିତ ନୁହେଁ ବରଂ ପ୍ରାର୍ଥୀଙ୍କ ଯୋଗ୍ୟତା, ଉପଲବ୍ଧି ଏବଂ ପ୍ରାର୍ଥୀ ହେବା ପାଇଁ ଉପଯୁକ୍ତତା ହେବାଉଚିତ୍। କୋର୍ଟଙ୍କ କହିବାର ଉଦେଶ୍ୟ ହେଉଛି ଭୋଟରମାନଙ୍କୁ ସୂଚୀତ ବିକଳ୍ପଜଣାଇବା ଆବଶ୍ୟକ। କିନ୍ତୁ କେବଳ ସୂଚନା ସାର୍ବଜନିକ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ରାଜନୀତିର ଅପରାଧିକରଣକୁ ରୋକିବା ପାଇଁ ନିର୍ବାଚନ ବ୍ୟବସ୍ଥା ଏବଂ ନ୍ୟାୟିକ ବ୍ୟବସ୍ଥାକୁ ସୁଧାରିବାର ଆବଶ୍ୟକତା ରହିଛି। ନ୍ୟାୟାଳୟ ଦ୍ୱାରା ଅପରାଧ ସିଦ୍ଧ ବା ପ୍ରମାଣିତ ହେଲେ ସଂପୃକ୍ତ ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦିଆଯିବା ଉପରେ ପ୍ରତିବନ୍ଧ ଲଗାଯିବା ଆବଶ୍ୟକ। କିନ୍ତୁ ମିଥ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଅନୁଚିତ ଭାବେ ନିର୍ବାଚନ ଭାବେ ନିର୍ବାଚନରେ ଭାଗନେବାରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ। ସାଂସଦ/ବିଧାୟକଙ୍କ ନାମରେ ଥିବା ଅପରାଧିକ ମାମଲାର ଶୁଣାଣି ତ୍ୱରିତ କରାଯିବା ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ମଧ୍ୟ ରହିଛି। ସର୍ବୋପରି ରାଜନୈତିକ ଦଳ ମାନଙ୍କର ଉତ୍ତର ଦାୟିତ୍ୱ ନିର୍ଦ୍ଧାରିତ କରାଯିବା ଆବଶ୍ୟକ। ପ୍ରଶ୍ନ କେବଳ ଏହା ନୁହେଁ ଯେ କେତେ ମାନନୀୟଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରହିଛି। ପ୍ରଶ୍ନ ହେଉଛି ଏଭଳି ପ୍ରାର୍ଥୀଙ୍କ ଚୟନଙ୍କୁ ରୋକିବା ଏବଂ ସେମାନଙ୍କ ପୃଷ୍ଠଭୂମିର ନିରପେକ୍ଷ ତଦନ୍ତ କରିବା ପାଇଁ ରାଜନୈତିକ ବ୍ୟବସ୍ଥା କେମିତି ରହିଛି? "ମାନନୀୟ"ଶବ୍ଦ କେବଳ ସମ୍ମାନର ସମ୍ବୋଧନ ନୁହେଁ ବରଂ ଜନତାଙ୍କ ପ୍ରତିଉତ୍ତର ଦାୟିତ୍ୱର ପ୍ରତୀକ ଅଟେ। ରାଜନୀତିକରେ ଅପରାଧିଙ୍କ ପ୍ରଭାବ ବୃଦ୍ଧି ଗଣତନ୍ତ୍ରର ଗରିମା। ଆଇନ୍‌ର ଶାସନ ଏବଂ ଜନତାଙ୍କ ବିଶ୍ୱାସ ପାଇଁ ଏକ ବଡ଼ ଚାଲେଞ୍ଜ। ମାନନୀୟ ଶବ୍ଦର ମର୍ଯ୍ୟଦା ବଜାୟରଖିବା ଦିଗରେ ରାଜନୈତିକ ଦଳ, ନ୍ୟାୟପାଳିକା, ନିର୍ବାଚନ କମିଶନ ଏବଂ ଭୋଟର-ସମସ୍ତଙ୍କର ଦାୟିତ୍ୱ ରହିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## କାଶତଣ୍ଡୀ

*ସଂଯୁକ୍ତା ଦାଶ*



ଭାଦ୍ରବ ତା'ର ଶେଷ ବାରି ବିନ୍ଦୁ
ନଈର ନିର୍ଜନ ପଠାରେ ସାଇତି ଦେଲା
ଆଶ୍ୱିନର ପ୍ରଥମ କାକର ବିନ୍ଦୁ
କେଉଁ ଅନାଗତର ପ୍ରତୀକ୍ଷାରେ
ନିଜକୁ ହଜାଇ ଦେଲା
ଶରତର ଶଙ୍ଖ ଧବଳ ଆକାଶରୁ
କିଏ ଶୁଭ୍ରତା ଛଡାଇ ନେଲା ?
ପାର୍ବଣ ଋତୁର ଆବାହନ ପାଇଁ ପ୍ରକୃତିକୁ
କିଏ ଧଳା କାଗଜରେ ଚିଠିଟେ ଲେଖିଲା ?



ରଙ୍ଗହୀନା ସେ ଗନ୍ଧହୀନା ସେ
ନଥାଏ କେଉଁ ପୁଷ୍ପ ବାଟିକାରେ
ନା କିଏ ଗୁନ୍ଥିଦିଏ ତାକୁ ସଯତ୍ନରେ
ମଲ୍ଲି ଗୋଲାପ ଚମ୍ପା ମନ୍ଦାର
ଅବା ପଦ୍ମ କଇଁ ଗଙ୍ଗଶିଉଳିଙ୍କ ଭିତରୁ
ଯୋଜନ ଦୂରରେ ସେ ବାଛି ନେଇଛି ସ୍ଥାନ ତାର
କେବେ ପଚାରିନି କାହାକୁ କାହିଁକି
ଭିନ୍ନ କରି ତାକୁ ଗଢିଲେ ଈଶ୍ୱର ।।

ତେବେ... ସେ ଜାଣିଛି...
ତା ଦେହରେ ଅଛି ଆଲୋକର ଉଜ୍ଜ୍ୱଳତା
ମେଘର ଶୁଭ୍ରତା
ଜହ୍ନର ସ୍ନିଗ୍ଧତା
ମଳୟର ଶୀତଳତା
ନଈର ତରଳତା
ସେ ଫୁଟିଲେ ଗାଁ ତୋଫା ଦିଶେ
ନଈର କାଚକେନ୍ଦୁ ପାଣି
ଆକାଶ ଠାରୁ ଅଧିକ ନୀଳ ଦିଶେ
ଅତଳରୁ ଅନ୍ତରୀକ୍ଷ ଯାଏଁ ସଞ୍ଚରିଯାଏ
ଆଶା ଆକାଂକ୍ଷା ଆଉ ଅଖଣ୍ଡ ବିଶ୍ୱାସ
କାଶତଣ୍ଡୀ ସତେ ଅବା ଅନନ୍ତ ପ୍ରତିଶ୍ରୁତିର
ଏକ ଦିବ୍ୟ ପରିପ୍ରକାଶ ।।

ସହଜ ନୁହେ କାଶତଣ୍ଡୀ ହେବା
ଦୋଳାୟିତ ମୁଦ୍ରାର ନମ୍ରତାରେ
ଆବାହନୀ ସଙ୍ଗୀତ ଗାଇବା
ପୁଣି ଶ୍ୱେତ ଚାମରର ଅବନମିତ ଭଙ୍ଗିମାରେ
ନବଦିନାତ୍ମକ ପାର୍ବଣ ଶେଷରେ
ମୃଣ୍ମୟୀଙ୍କ ସହ ନିଜ ଅନ୍ତିମ ନିଃଶ୍ୱାସକୁ ବିସର୍ଜି ଦେବା ।।

*ମୋ- ୮୪୨୦୮୯୬୫୪୬*

## ପେନ୍ଥାଏ ଅଶିଣ

*ଦେବାଶିଷ ଚକ୍ରବର୍ତ୍ତୀ*



**ମେଘ**
ଆକାଶ ଛାତିରେ ଭାସୁଥିବା ମେଘ
ବେଳେବେଳେ ଝରେ ବରଷା ହୋଇ
ସୁଖ ଯେଉଁପରି କଦବା କେମିତି
ଦୁଃଖୀର ମନକୁ ଦିଏ ଭିଜେଇ ।

**ଜହ୍ନିଫୁଲ**
ଉଦାସପଣକୁ ଚୋରି କରେ ସିନା
ଜହ୍ନିଫୁଲର ସୁନେଲି ହସ
ମନରେ ହସ କି ଚହଟି ପାରିବ
ହୃଦୟରେ ଥିଲେ ସ୍ୱାର୍ଥର ବିଷ ?

**କଇଁ**
ଜୋଛନା ଜଳରେ ଗାଧୋଇ ପାଧୋଇ
ଆଖି ମେଲି ଯେବେ ଚାହିଁଇ କଇଁ
ମନେକି ହୁଏନି ପ୍ରିୟର ପଥକୁ
ଆତୁର ହୋଇ କେ ରହିଛି ଚାହିଁ ।

**କାଶ**
ମହାମାୟୀଙ୍କର ଚରଣ କମଳେ
ଲାଖିଛି କି ତାର ମନ ଭଅଁର
ଥିରି ପବନରେ ଦୋହଲି ସଦା ସେ
ଢାଳୁଅଛି ତେଣୁ ରୂପା ଚଅଁର ?

**ଜହ୍ନ**
କୁଆଁର ପୁନେଇ ଆକାଶରେ ଜହ୍ନ
ଶୋହେ ସିନା ରୂପା ଥାଳିଆ ପରି
କୁଆଁରୀ ମନରେ ଜହ୍ନ କି ଉଇଁବ
ବିଷାଦ ବଉଦ ରହିଲେ ଘେରି ?

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*



## କାଶତଣ୍ଡୀ ଓ ପାର୍ବଣ

*ପ୍ରଣୀତା ମିଶ୍ର*

ଘନ କଳାମେଘ ଅପସରି ଯେବେ
ନେଲା ପ୍ରାବୃଟ ମେଲାଣି
ଆସେ ସରିସରି ଚତୁର୍ମାସ୍ୟା ବ୍ରତ
କହିଲା ପ୍ରକୃତି ରାଣୀ ।
ପାର୍ବଣ ପାର୍ବଣ ବାସେ ମହମହ
ହେଲା ଗଜାନନ ପୂଜା
ଜପତପ କରି ପକ୍ୱ ଶ୍ମଶ୍ରୁଧାରୀ
ଉଡ଼େ କାଶତଣ୍ଡୀ ଧ୍ୱଜା ।
ଧବଳ ବେଶରେ ଶୁଦ୍ଧପୂତ ଭାବେ
ମୃଦୁ ହିଲ୍ଲୋଳରେ ହଲି
ପିତୃପକ୍ଷଟାରେ କରଇ ତର୍ପଣ
ଗୃହାଙ୍ଗନ ସତେ ଭୁଲି ।
ଜଟାଜୁଟଧାରୀ ଋଷି ପ୍ରାୟ ବେଶ
ବିରାଜେ ବିଲ ପଠାରେ
ଅଗମ୍ୟ ସ୍ଥଳରେ ରହିଥାଏ ଧ୍ୟାନେ
ଗ୍ରାମ ନଗର ପ୍ରାନ୍ତରେ ।
ଶୋଭାର ପସରା ତା ପରଶେ ଧରା
ବିରାଜେ ମଣ୍ଡଳେ ଶାନ୍ତି
ଧବଳ ରଙ୍ଗରେ କେତେ ଉଜ୍ଜ୍ୱଳତା
ବାରତା ପ୍ରୀତି ଓ ମୈତ୍ରୀ ।
ଅଟକେ ଦର୍ଶକ କ୍ଷଣେ ସମ୍ମୋହିତ
ପାରେ ନାହିଁ ଆଖି ଫେରି
ବୟସର ଭାରେ ଦିବ୍ୟଜ୍ଞାନୀ ତପୀ
ଶୁଭ୍ର ଜଟା ମୁଣ୍ଡେ ଧରି ।
ଧଳା ଚାମରକୁ ହଲାଇ ଅନିଳେ
କରୁଥାଏ ଆବାହନ
ଯୋଡହସ୍ତ ଭରେ ମୁନିଟିଏ ପ୍ରାୟ
ଉପାନ୍ତରେ ବିଦ୍ୟମାନ ।
ଫୁଙ୍କିଦିଏ ମନ୍ତ୍ର କାନେ କାନେ ପରା
ଆସିଯିବେ ଦଶଭୁଜା
ସଜାଗ ହୁଅରେ ପୁରପଲ୍ଲୀବାସୀ
କରିବାକୁ ଶକ୍ତି ପୂଜା ।
କାଶତଣ୍ଡୀ ମେଳେ ଆସଇ ପାର୍ବଣ
ହରଷ ଉଲ୍ଲାସ ଧରି
ମେଲାଣି ନିଅନ୍ତି ମା'ମଣ୍ଡପରୁ
ଯାଏ କାଶତଣ୍ଡୀ ଫେରି ।

*ଭୁବନେଶ୍ୱର*

## ସମୁଦ୍ର

*କବିତା ମହାନ୍ତି*



ମୁଁ ଆସିଥିଲି
ଆକାଶେ ଦୁଃଖ
ସମୁଦ୍ରେ ଦରଜ ନେଇ
ବୁହାଇଦେବି ସମୁଦ୍ର ଜୁଆରେ
ମନ ହାଲକା କରି ଫେରିଯିବି
ମୋର ନିତି ଦିନିଆ ସଂସାରକୁ

କ୍ଷଣକ ପାଇଁ ବି ସେ ସ୍ଥିର ନଥିଲା
ତା ଛାତିରେ ଅହରହ ଜୁଆର ଭାଙ୍ଗୁଥିଲା
ସେ ବି ଚାହୁଁ ଥିଲା
ଆକାଶ ସାଙ୍ଗେ ମିଶି ଯିବ
ତାର ଛାତି ତଳ ଦରଜକୁ
ଆକାଶକୁ ବାଣ୍ଟି ଦେବ

ଆକାଶ ନଇଁ ପଡୁଥିଲା
ଦୂର ଦିଗବଳୟରେ
ତାକୁ ବି ଡର କାହିଁ
କାହିଁ କେଉଁଠୁ କଳା ବାଦଲ ଭାସି ଆସିଲା
ଢାଳି ଦେଇଗଲା ମେଘ

କେହି କାହାର ମନ ଖୋଲି
କହି ପାରିଲେନି
ନିଜ ନିଜ ଦୁଃଖ ଦରଜକୁ ଛାତିରେ ଧରି
ସେମାନେ ବି ହସୁଥିଲେ

ସମୁଦ୍ର ବେଳାରେ ଛାଡି ଥିବା ମୋ ପାଦ ଚିହ୍ନ
ଦଲକାଏ ଢେଉରେ ମିଶିଗଲା ସମୁଦ୍ରରେ

ପଛକୁ ଚାହିଁ ମୁଁ ବି ଫିକ୍ କରି ହସିଦେଲି
ସମୁଦ୍ର ଠାରୁ ସମୁଦ୍ରେ ଭଲ ପାଇବା ନେଇ
ଲେଉଟାଣି ପାଦରେ ଫେରୁଥିଲି ।

*ଶୈଳ ନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*

## ଆଞ୍ଜୁଳାଏ ପାର୍ବଣ ଗୀତି

*ସୁଜିତ୍ କୁମାର ମିଶ୍ର*



**ମହିଷାସୁର**
ବନ୍ଧ କଲ ଦେବୀ ମହିଷାସୁରକୁ
ଧର୍ମ ସଂସ୍ଥାପନା ପାଇଁ,
ମରତେ ବଢୁଛି ମହିଷାଙ୍କ ଦ୍ରୋହ
ଦେଖା କିଆଁ ତୁମ ନାହିଁ ?

**ଦେବୀ**
ସୁନା ଚାନ୍ଦି ମେଢ଼େ ପୂଜା ଅର୍ଚ୍ଚନାରେ
ଶୋଭା ପାଅ ତୁମେ ଦେବୀ,
ଘନ ଅନ୍ଧକାରେ କାମନା ତାତିରେ
ଦେବୀ ଶ୍ରୀହୀନର ଛବି ।

**ଦଶହରା**
ଦେବୀ ତୁମେ ଆଉ ଭକ୍ତ ଭକ୍ତା ଗଣ
ପାଳୁଅଛ ଦଶହରା,
ପାଳିବାକୁ କଣ ମନା ଦଶହରା
ଭୋକେ ଯିଏ ବେସାହାରା ?

**କାଶତଣ୍ଡୀ**
ଶରତ ଆଗତେ ଦେବୀ ଭରିଦିଅ
ହସ କାଶତଣ୍ଡୀ ମୁଖେ,
ମାନବୀ ଦେବୀ ତ ଲୁହ ଜୁଡୁବୁଡୁ
କେମିତି ରହୁଛ ସୁଖେ ?

**ବିସର୍ଜନ**
ସଂସାର ତିମିର ବଢି ବଢି ଦେବୀ
ଆସୁରିକ ଉତ୍ପୀଡ଼ନ,
ପାରିଛକି କରି ବିଷୟୀ ମନକୁ
ବିଶ୍ୱ ହିତେ ବିସର୍ଜନ ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## 'ତୁମ ବିନା'

*ଅଖିଳ କୁମାର ମିଶ୍ର*

ତୁମେ ଚାଲିଯିବା ଦିନ ମୋ ଜୀବନ ଅଟକି ନଥିଲା...
କିନ୍ତୁ ମୋ ହୃଦୟର ଏକ ଅଂଶ ସେଠାରେ ଠପ୍ ହେଇଯାଇଥିଲା ।

'ଠିକ୍ ଅଛି... ଛାଡ... ଭୁଲି ଯାଅ'
ତୁମର କଥାରେ କି ତୀବ୍ର ଆଘାତ୍ ଥିଲା ମୁଁ ଜାଣିନାହିଁ,
କିନ୍ତୁ ସେଗୁଡ଼ିକ ମୋର ସ୍ୱପ୍ନ ପାହାଡକୁ ଭାଙ୍ଗି ପକାଇଲା ।

ତୁମ ବିନା ଦିନ ବିତିଯାଏ,
ରାତି ବିତେ, ଉଡାଜାହାଜ ମାନେ ଆକାଶରେ ଯାଆନ୍ତି,
'ତୁମର କଣ ହୋଇଛି ?'
'ଉଦାସ ଦିଶୁଚ କିଆଁ' ବୋଲି
ଯିବା ଆସିବା ଲୋକ ପଚାରନ୍ତି ।

ମୁଁ ନିଜକୁ ବହୁତ ଥର କହିଲି,
କବିତା ଲେଖିଲି, ସିନେମା ଦେଖିଲି,
ସଭାରେ ଭାଷଣ ଦେଲି, ଗୀତ ବି ଗାଇଲି
ତୁମର ସ୍ମୃତିକୁ ଲିଭାଇ ଦେବାକୁ...
କିନ୍ତୁ ଅନ୍ତରଙ୍ଗର ଚିତ୍ର ଲିଭି ନଥିଲା,
କେବଳ ମୋର ନିଦସବୁ ଭାଙ୍ଗିଥିଲା ।

ଏତେ ସହଜରେ ଭୁଲିଯିବା କଣ ସମ୍ଭବ ?

ମୋର ହୃଦୟ ଏବେବି ଜୋର୍‌ରେ ସ୍ପନ୍ଦିତ ହୁଏ
ପିଟି ହୁଏ ଅହରହ ଅତୀତର ଡାକରେ,
କିନ୍ତୁ ସେଥିରେ ଆଜି କୌଣସି ଆନନ୍ଦ ହିଁ ନାହିଁ–
କେବଳ ଯନ୍ତ୍ରଣା ଓ ନିସଙ୍ଗତାର କାନ୍ଥ ଦର୍ପଣ ।

*ଅତିରିକ୍ତ ମହାନିର୍ଦ୍ଦେଶକ*
*ପତ୍ର ସୂଚନା ବ୍ୟୁରୋ, ଭାରତ ସରକାର, ଭୁବନେଶ୍ୱର*

## ମୁଁ ଯେବେ ନଥିବି

*ଡ. ଦୀପକ କୁମାର ମିଶ୍ର*

ମୁଁ ଯେବେ ନଥିବି
ସଂଳାପମାନେ ମୃଦୁଆଳାପ କରୁଥିବେ ନିଜ ଭିତରେ
ଅନ୍ତତଃ କହୁଥିବେ
କେହିଜଣେ ତ ଥିଲା
ଯିଏ କହୁଥିଲା ପ୍ରେମ ଓ ପରାସ୍ତର କଥା ।

କହିବେ, ଅସ୍ତିତ୍ୱକୁ ସ୍ୱୀକାର ନକରି
ଲୋକଟି ଜବାବ୍ ଦେଉଥିଲା ଅଗ୍ନିସ୍ଫୁଲିଙ୍ଗର ବାକ୍ୟବାଣରେ
ଆଉ କହୁଥିଲା ପାହାଡ଼ ତରଳେଇ
କେମିତି ମୁଖରା ଶୂନ୍ୟତା ବୋହିଯାଏ
ନିର୍ଝରିଣୀ ନଈଟିଏ ହୋଇ ।

କେଉଁଠି ନା କେଉଁଠି ସ୍ଥାନ ପାଇବ କଥୋପକଥନରେ
କେମିତି ବ୍ୟକ୍ତିଜଣକ ସୂକ୍ଷ୍ମକଳାର ଯାଦୁବିଦ୍ୟାରେ
ହୃଦୟର ସିନ୍ଦୁକରେ ସାଉଣ୍ଟୁଥିଲା ଭଙ୍ଗାସ୍ୱପ୍ନର ବାଲିଘର
ଯାହା ଭୁସୁଡ଼ିଗଲେ ବି ଫରକ ପଡ଼େନା
ସ୍ୱାର୍ଥପର ପାଖ ସମୁଦ୍ରକୁ ।

ସୁଁ ସୁଁ ସଙ୍ଗୀତର ତାଳେ ତାଳେ
ଦୋହଲୁଥିବା ଦୁଃଖର ବତୀଘରଟିକୁ ସେ କେମିତି ବୁଝାଏ
ଝଡ଼ର ଗତିପଥ
ଲଙ୍ଗରବିହୀନ ଜାହାଜକୁ ଅପହରଣ କରି
କେମିତି ରଖିଦିଏ ନିରାପଦର ନିରୋଳା ବେଳାଭୂଇଁରେ....
ଏକଥା ବି କେହିଜଣେ ନିଶ୍ଚିତ କହିବ ।

ମୁଁ ଯେବେ ନଥିବି ତୁମେ କହିବ ହିଁ କହିବ
ତୁମେ କେତେ ଭଲପାଅ ମତେ
ହେଲେ ତୁମ ପ୍ରତ୍ୟୋତ୍ତରରେ ମୁଁ ନିଶ୍ଚିତ ନୀରବ ଥିବି
ବାସ୍ତବରେ ସବୁଦିନ ପାଇଁ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

## ଫେରନ୍ତା ପକ୍ଷୀର ନୀଡ଼



**ଶ୍ରୀମାନି ପ୍ରିୟଦର୍ଶିନୀ ଦାସ**

ଦିନ ବଦଳେ, ଋତୁ ବଦଳେ, ବଦଳିଯାଏ ବର୍ଷ ପରେ ବର୍ଷ । ସମୟ ସ୍ରୋତରେ ଅନେକ କିଛି ବଦଳିଲେ ମଧ୍ୟ ବଦଳେନି ଚାରୁ । ପଶ୍ଚିମ ମେଦିନୀପୁରରୁ ଆସି କିଛି ବର୍ଷ ତଳେ ଓଡ଼ିଶାର ଏକ କ୍ଷୁଦ୍ର ଗାଆଁଟିରେ ଅସ୍ଥାୟୀ ବାସିନ୍ଦା ହୋଇ ରହିଯାଇଛି ସେ । ନିତି ଭାବୁଥାଏ ଆଉ କହୁଥାଏ ତା'ର ଦୁର୍ଭାଗ୍ୟର କଥା । ଯେମିତି ଦୁର୍ଭାଗ୍ୟଟା ଛାଇ ହୋଇ ତା' ପଛେ ପଛେ ଚାଲିଛି । ତା' ଲୁନାଟା ଗାଁ ଭିତରକୁ ପ୍ରବେଶ କରିବା ମାତ୍ରେ ଦୂରରୁ ଦେଖି ପକେଇ ଦାଣ୍ଡ ମଝିରେ କେତେ ଲୋକ ଠିଆ ହୁଅନ୍ତି । ଶାଳ ପତ୍ରର ଦନାରେ ପରଶି ଦିଏ ତା'ର ହାତ ତିଆରି ଦହିବରା । ଆମିଷ ବାର ଥିଲେ ସେ ଭଲ ତାଜା ମାଛ ଆଣେ । ବାକି ସମୟରେ ଗାଁ ଗାଁ ବୁଲି ପ୍ରସାଧନ ସାମଗ୍ରୀ ସବୁ ବିକେ । ତାକୁ କିଏ କୁହନ୍ତି ଦହିବରା ବିକୁଆ, ତୋ ହାତ ତିଆରି ଦହିବରା ଖୁବ୍ ସ୍ୱାଦିଷ୍ଟ । ଆଉ କିଏ କୁହନ୍ତି ତୁ ମାଛ ବେପାର କର, ତୁ ଭଲ ସଜମାଛ ଆଣୁଛୁ । କେଉଁ ବେପାର ସେ କରିବ, ନିଷ୍ପତ୍ତି ନେଇପାରେନି । ଜୀବନ ଯେମିତି ତାକୁ ନିର୍ଦ୍ଦିଷ୍ଟ ପଥ ଦେଖାଇବାକୁ ଭୁଲି ଯାଇଛି । ଦିନେ ସେ ମାଛ ବେପାର କରିବା ଛାଡିଦେଲା । ମାଛ ଗନ୍ଧରେ କାଳେ ତା'ର ମନେପଡେ ମାଛ ରନ୍ଧୁଣୀ ଝିଅ କଥା ।

ତା' ଗଭାରେ ମଲ୍ଲୀ ଗଜରାର ସୁଗନ୍ଧରେ ଚାରିଦିଗ ମହକି ଉଠେ । ଦୁଇ ଭ୍ରୂଲତା ମଝିରେ ବଡ ବିନ୍ଦିଟା ବାଦଲ ଫାଙ୍କରୁ ଉଙ୍କି ମାରୁଥିବା ଜହ୍ନ ପରି ଦିଶେ । ଚେହେରାର ରଙ୍ଗ କଳା, କିନ୍ତୁ ସେ ଦିଶେ ବଙ୍ଗଳା ଅଭିନେତ୍ରୀ ରଚନା ବାନାର୍ଜୀଙ୍କ ପରି । ସାହିଟା ଯାକ କୁନି କୁନି ପିଲା ତା' ଚାରିପଟେ ଗହଳି କରି ଠିଆ ହୁଅନ୍ତି । ସମସ୍ତଙ୍କ ଆଖିରେ କୌତୁହଳ ଓ ଆଶ୍ଚର୍ଯ୍ୟ । ସମସ୍ତେ ଏକାସାଙ୍ଗରେ ପଚାରନ୍ତି 'ତୁମେ ସେଇ ନା ! ଯିଏ ଟିଭି ଭିତରେ ରହି କଥା କୁହ, ନାଚ ଆଉ ଆମ ପରି କଇଁ କଇଁ ହୋଇ କାନ୍ଦ । ଖୁବ୍ ଛୋଟ ଦିଶ ଆମ ମାନଙ୍କ ଠାରୁ ମଧ୍ୟ । ମୋ ଜ୍ୟାମିତି ବାକ୍ସରେ ଥିବା ସ୍କେଲ୍‌ରେ ମୁଁ ମାପି ଜାଣିଛି । କିନ୍ତୁ ଏଠି ଏତେ ବଡ ଦିଶୁଛ କେମିତି ? ଡେଙ୍ଗା ହେବାପାଇଁ ତୁମେ ବର୍ଣ୍ଣଭିଟା ପିଅ ବୋଧେ ?' ପିଲାଙ୍କ ପ୍ରଶ୍ନ ଶୁଣି ଚାରୁ ତା' ହସ ରୋକି ନପାରି କୁହେ– ଗଣି କହିପାରିବ ମୋ ମୁହଁରେ କେତୋଟି କଳାଜାଇ ଅଛି ? ଯିଏ ଠିକ୍ କହିବ ତାକୁ କାଲି ଫ୍ରିରେ ଦହିବରା ମିଳିବ । କିଏ ତା' ମୁହଁକୁ ନିରେଖି ଦେଖେ, ଆଉ କିଏ ଗଣିବାକୁ ଚେଷ୍ଟା କରି ହାରିଯାଏ । ପାଦରୁ ମୁଣ୍ଡ ଯାଏଁ ତା' କଳାରଙ୍ଗର ଶରୀରକୁ ଉପହାସ କରି ପିଲାଏ କୁହନ୍ତି ଏଁ ଏତେ କଳାରଙ୍ଗରେ ଆଉ କଳାଜାଇ ଜଣାପଡ଼ିବ କି ! ସଭିଏଁ ହସନ୍ତି । କିଛି ମୁହୂର୍ତ୍ତ ପାଇଁ ଲାଗେ ସତେ ଯେମିତି ସେ ହସରେ ପୁରା ଗାଁଟା ଫାଟି ପଡୁଛି ।

ଆବଶ୍ୟକ ନଥିଲେ ମଧ୍ୟ ମନଖୋଲା ହସଟେ ଦେଖିବା ପାଇଁ ତାଠାରୁ ମୁଁ କିଛି ନା କିଛି କିଣି ନେଉଥିଲି । ଚାରୁ ଆଣିଥିବା ଜିନିଷରେ ହାତ ଛୁଆଁଇଲେ କୁହେ ତୁ କିଣିଲେ ଝିଅ ମୋର ଏ ହୃଦୟଟା ଭୋରେ ଯାଏ । ମନେ ହୋଏ ଜେନୋ ଆମର ଝିଅ ଚକୋର ସାମନେଇ ଅଛେ । ତା' ଅଧା ବଙ୍ଗଳା ଅଧା ଓଡ଼ିଆ ଶୁଣି ମୁଁ ହସିଦିଏ । ମାର୍ଗଶୀର ମାସ ତା'ର ଅତି ପ୍ରିୟ । ମାର୍ଗଶୀରରେ ତା' ଝିଅ ଜନ୍ମ ବୋଲି ସେ ବେଶି ଖୁସି ହୁଏ । ସେ ଚାଷକାମ ଭଲ ଭାବରେ ଜାଣେ । ସୁନା ରଙ୍ଗର ପାଚିଲା ଧାନ କିଆରୀ ଦେଖି ତା' ଛାତି କୁଣ୍ଢେମୋଟ ହୁଏ । ଶୀତୁଆ ସକାଳର ଧାନ କିଆରୀର ବାସ୍ନାରେ ଘରଟିଏ ସେଇଠି କରି ରହିଯିବାକୁ ତା'ର ଇଚ୍ଛା ହୁଏ । ମାର୍ଗଶୀରରେ ଘର ଅଗଣାରେ ପଡ଼ିଥିବା ଝୋଟି ଚିତାକୁ ଘଡ଼ିଏ ଚାହିଁ ରହେ । ଚିତା ଭିତରେ ସେ କ'ଣ ଖୋଜେ ମୁଁ ଜାଣିପାରେନି । କେତୋଟି ବଙ୍ଗଳା ଶବ୍ଦ ମୁଁ ତା' ଠାରୁ ହିଁ ଶିଖିଥିଲି । ସମସ୍ତଙ୍କ ସହ କଥା ହେବାବେଳେ ସେ ବାରମ୍ବାର ବ୍ୟବହାର କରୁଥିବା 'ଖୁବ୍ ଭାଲୋ' ଶବ୍ଦଟି ମୋତେ ଏତେ ଭଲ ଲାଗିଗଲା ଯେ ସେଇ ଶବ୍ଦଟି ମୁଁ ମଧ୍ୟ କହିବା ଆରମ୍ଭ କରିଦେଲି । 'ତୋ' ଆରମୋଆ ଠାରୁ ଶିଖିଛୁ କିଲୋ !' ସାଙ୍ଗମାନେ ଥଟ୍ଟା କରନ୍ତି ହସିହସି ।

ଭିଡ ନଥିବାବେଳେ ସେ ଢେର୍ ଗପେ । କାମଧନ୍ଦା ଛାଡ଼ି ଦାଣ୍ଡପିଣ୍ଡାରେ ସମସ୍ତେ ସପଟେ ପାରିଦେଇ ତାକୁ ଘେରି ବସନ୍ତି । ତା' ଜୀବନର କେଉଁ ଖବର କାହାକୁ ଅଛପା ନାହିଁ । ସେ ବଙ୍ଗାଳୀ ମାନଙ୍କ ଘରକରଣା କଥା କୁହେ । ସଉତୁଣୀ ତା'ର ଝିଅକୁ ମାଛ ଭଜା ଖଣ୍ଡେ ଦେଉଥିବ କି ନାହିଁ କହି କାନ୍ଦକାନ୍ଦ ହୋଇଉଠେ । ଏପଟ ସେପଟକୁ ଚାହିଁ ପୁରୁଷ ଲୋକ କେହିନଥିଲେ ଧୀରେ ଧୀରେ ଶାଢ଼ି ଉଠାଇ ସ୍ୱାମୀ ଠାରୁ ଖାଇଥିବା ମାଡ଼ର ପୁରୁଣା କ୍ଷତ ଚିହ୍ନ ସବୁ ଗୋଟି ଗୋଟି କରି ଦେଖାଏ । ସେଇ ଦାଗ ଗୁଡ଼ିକ ଯେମିତି କହି ଉଠନ୍ତି ତା'ର ଅତୀତର କଥା । ସମସ୍ତଙ୍କ ଠାରୁ ଆହା ପଦେ ଶୁଣି ଫିକ୍ କରି ହସେ । ନିଜେ ନିଜକୁ ଆଶ୍ୱସନା ଦେଇ କୁହେ ଅଭାବ ଅସୁବିଧା ତ ସମସ୍ତଙ୍କର ଅଛି । ଧୈର୍ଯ୍ୟର ସହ ସେସବୁ ଅଣଦେଖା କରି ଆଗକୁ ବଢ଼ିଲେ ହେଲା । ବଙ୍ଗରୁ ଓଡ଼ିଶା ତ ଆସିନି । ପଞ୍ଜୁରୀ ଭିତରୁ ବାହାରି ମୁକ୍ତ ପକ୍ଷୀଟିଏ ହୋଇ ଉଡ଼ି ବୁଲୁଛି ଏକା ଏକା । ମୋ ଭାଗ୍ୟଫଳ ଶୂନ୍ ସିନା, ଦେଖିବ ଦିନେ ସବୁକିଛି ଠିକ୍ ହୋଇଯିବ । ମାଆ ପକ୍ଷୀ ମୁଁ, ଯେତେ ଦୂର ଉଡ଼ି ଆସିଥିଲେ ମଧ୍ୟ ଫେରିବି ମୁଁ ଝିଅ ପାଖକୁ । ନୀଡ଼ରେ ତା' ବାପ ଅଛି କିନ୍ତୁ, ଛୋଟ ପକ୍ଷୀଟି ମୋର ଅସୁରକ୍ଷିତ । କଥା ସରିବା ପରେ ଆଖି କୋଣରେ ଜମି ଆସୁଥିବା ଲୁହକୁ ପୁଣି ହସରେ ଲୁଚେଇ ଦିଏ । ତା' ଚାରିପଟେ ବସିଥିବା ସ୍ତ୍ରୀଲୋକ ମାନେ ନୀରବ ହୋଇଯାଆନ୍ତି । ସେଇ ନୀରବତା ମଧ୍ୟରେ ଗୋଟେ ଅସହାୟ ମାଆର ନିଜ ଝିଅ ପାଖକୁ ଫେରିବାର ଆଶା ଜଳଜଳ ହୋଇ ଦିଶେ ।

ସ୍ମାର୍ଟ୍ ଫୋନ୍ ବ୍ୟବହାର ସିଏ ଜାଣି ନଥିଲା । କାହାଠାରୁ ଶୁଣିଥିଲା, ସ୍ୱାମୀ ତା'ର ଦ୍ୱିତୀୟ ସ୍ତ୍ରୀକୁ ଧରି ସୋସିଆଲ୍ ମିଡିଆରେ ସର୍ଟ ଭିଡିଓ ଅପ୍‌ଲୋଡ୍ କରୁଛି ଏବଂ ଲକ୍ଷ ଲକ୍ଷ ଲୋକ ସେସବୁ ଦେଖୁଛନ୍ତି । କେଉଁଠୁ କେଜାଣି ଟଙ୍କା ଯୋଗାଡ କରି ଗାଆଁର ଦୁଇଜଣ ପୁଅଙ୍କ ଠାରୁ ବୁଝି ଭଲ ମଡେଲର ଫୋନ୍‌ଟେ କିଣିଥିଲା । ଅପରାହ୍ନରେ କଲିଂ ବେଲ୍ ବାଜିଲା । କବାଟ ଖୋଲି ଦେଖିଲି ଝାଳରେ ଓଦା ହୋଇ ସେ ଛିଡ଼ା ହୋଇଛି । ଆଲୋ ଝିଅ ବ୍ୟସ୍ତ ନାହୁଁ ତ ? ଏଇ ଫୋନ୍‌ଟାରେ ସୋସିଆଲ ମିଡ଼ିଆ ଟିକେ ଖୋଲି ଦିଅନ୍ତୁ ନାହିଁ ? 'ତା' ହାତରୁ ଫୋନ୍‌ଟା ନେଇ ଫେସ୍‌ବୁକ୍‌ରୁ ହ୍ୱାଟସ୍‌ଆପ୍ ଯାଏଁ ସବୁ ଇନ୍‌ଷ୍ଟଲ୍ କରେ । ସେ କହିଥିବା ତା' ସ୍ୱାମୀର ନାଁ ଟା ଖୋଜି ଖୋଜି ଫଲୋ କରେ । ଫେସ୍‌ବୁକ୍‌ରେ ତା' ସ୍ୱାମୀର ସର୍ଟ ଭିଡିଓ ଦେଖି ହସି ହସି ପେଟ ଦରଜ ହୁଏ । ଜୋକର ଠାରୁ ମଧ୍ୟ ବିକୃତ ଦିଶୁଥିବା ମଣିଷଟିକୁ କେମିତି କେଜାଣି ପସନ୍ଦ କରିଥିଲା ଚାରୁ । ଲୋକଟିର ପୁଣି ଦ୍ୱିତୀୟ ବିବାହ ! ଚାରୁ ଆଖିରେ ଲୁହ ଭର୍ତ୍ତି, ଏକଲୟରେ ସେ ଅନ୍ୟ ଏକ ଭିଡ଼ିଓରେ ଦେଖୁଥାଏ ଘରର ଗୋଟେ କୋଣରେ ବସି ଭାତ ଗାଳୁଥିବା ତା'ର ଝିଅକୁ ! ବାହାରେ ସେତେବେଳେ ବହୁତ୍ ଜୋର୍‌ରେ ବର୍ଷାର ଶବ୍ଦ ଶୁଭୁ ଥିଲା । ସେ କୋହଭରା କଣ୍ଠରେ କହିଲା' ଏଇ ମୋ ବର, ଯିଏ ବାହାଘର ଭୋଜିରେ ପାମ୍ପଡ ଟିକେ ହୋଇନଥିଲା ବୋଲି ବେଦୀ ଉପରୁ ଠିଆ ହୋଇପଡ଼ିଥିଲା । କି ଭୂତ ସବାର ହୋଇଥିଲା ମୋ ଭାଇ ମୁଣ୍ଡରେ କେଜାଣି ! ଗୋଡ ତଳେ ପଡି ହାତଯୋଡ଼ି ପୁଣି ବେଦୀରେ ତାକୁ ବସେଇ ଥିଲେ । ଓଡ଼ିଶା ଆସିବା ପୂର୍ବରୁ ସଉତୁଣୀ କହିଥିଲା– ଥାଉ ଝିଅ ଏଇଠି । ପାଠ ପଢୁଛି । ଅଲଗା ରାଇଜ କେତେବେଳେ କୋଉ କଥା । ସେଠାରେ ନାହିଁ ନଥିବା ଅସୁବିଧା ହେବ । ଝିଅ ଥିଲେ ଏଠି ଘର ସୁନ୍ଦର ଦିଶିବ । ମୋବାଇଲ୍ ସ୍କ୍ରିନ୍‌କୁ ଚାହିଁ ସେ ପୁଣି କହିଲା– ସେମାନଙ୍କୁ ବିଶ୍ୱାସ କରି ଝିଅକୁ ସେଠି ଛାଡ଼ି ଆସିଲି ଯେ, ଏବେ ଦେଖୁଛି ଝିଅ ମୋର ସେଠି କେତେ ସୁବିଧାରେ ଅଛି ! ଏଇଥିପାଇଁ ମୋତେ ସ୍ମାର୍ଟ୍ ଫୋନ୍ ବ୍ୟବହାର କରିବାକୁ ମନା କରେ ତା'ର ବାପ । ଆହା... କେତେ ଯେ କଷ୍ଟ ନହେଉଥିବ କୁନି ଚଢ଼େଇଟିକୁ ମୋର ! ଏ ଅସରନ୍ତି ଦୁଃଖର ଅନ୍ତ କାହିଁ ! ଆଖିରୁ ତା'ର ଝରି ପଡ଼ିଲା ଦୁଇ ଧାର ଲୁହ । ମାଆ ପକ୍ଷୀ ଯେତେ ଦୂର ଉଡ଼ିଆସିଲେ ମଧ୍ୟ ତା' ମନଟା ସବୁବେଳେ ନୀଡ଼ରେ ଛାଡି ଆସିଥିବା କୁନି ପକ୍ଷୀଟିର ପାଖରେ ହିଁ ଥାଏ । ତା' ଆଖିର ଲୁହ ମୋ ଆଖିକୁ ବ୍ୟାପେ । ଛୋଟ ଝିଅଟିକୁ ଏପରି ଅବସ୍ଥାରେ ଦେଖି ଦେଖି ଛାତି ଭିତରେ ମୋର ଅଜଣା ଯନ୍ତ୍ରଣା ଅନୁଭବ ହୁଏ ।

କାର୍ତ୍ତିକ ମାସର ପଞ୍ଚୁକ ଦିନ ଭୋର୍ ସମୟରେ ସେ ଆସି ଆମ ଗାଁରେ ଡାକ ଛାଡ଼ିଲା । ଘଣ୍ଟାରେ ସେତେବେଳେ ପାଞ୍ଚଟା ବାଜିଥିଲା । ଶୀତ ବେଶୀ ହେଉଥାଏ । ଭକ୍ତିମୟ ପରିବେଶରେ ସବୁ ମନ୍ଦିର ମୁହାଁ । ଗାଁ ଝିଅମାନେ ଚଉଁରା ମୂଳେ ମୁରୁଜ ପକାଇବାରେ ବ୍ୟସ୍ତ । ରଙ୍ଗବେରଙ୍ଗୀ ମୁରୁଜରେ ଗାଁ ଦିଶୁଥିଲା ରଙ୍ଗୀନ । ସମସ୍ତଙ୍କ ଠାରୁ ଫେରିଆସି ମୋ ପଛରେ ଛିଡ଼ା ହୋଇ ଦେଖୁଥାଏ ଜଗନ୍ନାଥ ମୁରୁଜ । ତୋ ହାତରେ ତ ଜଗା ବଡ ସୁନ୍ଦର ଦିଶୁଛି । ଧୀରେ ଧୀରେ ତାଙ୍କ ମୁହଁଟି କେତେ ସୁନ୍ଦର ହୋଇ ଫୁଟି ଉଠୁଛି । କ'ଣ ଟିକେ ରଖିବୁ କି ? ତୋ ହାତ ଛୁଆଁରେ ମୋର ଆଜି ଭଲ ବେପାର ହୁଅନ୍ତା । ମୁଁ ଆଜି.... ତା' କଥା ଶୁଣି ଅନ୍ୟମନସ୍କ ହୋଇଗଲି । ମୁରୁଜ ଅଳ୍ପ ଖରାପ ହୋଇଗଲା । କଥା ପୁରା କରିବାକୁ ନଦେଇ ରାଗ ଓ ବିରକ୍ତିରେ କହିଲି – ହଁ ବଡ଼ ଠାକୁର ପରା, କେମିତି କାହା ହାତରେ ସୁନ୍ଦର ନ ଦିଶିବେ ଯେ ! ତାଙ୍କୁ ଯେମିତି ଗଢିଲେ ସେ ସୁନ୍ଦର । ତୁ ଏବେ ଯା, ପରେ ଆସିବୁ । ସେ ଫେରିଗଲା, ଯେମିତି ଆସିଥିଲା ସେମିତି । ତା' ପାଦର ଶବ୍ଦ ଧୀରେ ଧୀରେ ମୋ କାନ ଠାରୁ ଦୂରେଇ ଗଲା ।

ଚାରୁଟା ଆଜି ଆସିଲାନି ଯେ ! କହିଥିଲା ପରା ହବିଷ ଡାଲମା ଖାଇବ ବୋଲି । ପିଲାଏ ତ ସକାଳୁ ନାକେଦମ୍ କଲେଣି ଦହିବରା ଟିକେ ଖାଇବେ । କିଏ ଆଉ ଚାରୁ ଭଳି ଦହିବରା ତିଆରି କରି ଜାଣେ । ସେ ଦହିବରାର ସ୍ୱାଦରେ ତ ମାଟିର ମହକ ଥାଏ । ଗାଁ ଲୋକ ତାକୁ ଏତେ ଭଲ ପାଉଥିଲେ, ସେ ଭଲ ପାଇବାର ମୂଲ୍ୟ କ'ଣ ଏଇଆ । କାହାକୁ କିଛି ନ ଜଣେଇ ହଠାତ୍ ଚାଲିଯିବା ? ଏମିତି ଯିବାର ଥିଲା ଯଦି ଏତେ ମାୟା ଲଗାଇଲା କାହିଁକି ! କେହି କେହି ତାକୁ ହ୍ୱାଟସ୍ ଆପ୍‌ରେ ମେସେଜ୍ ପଠାଇ ଦେଇ କହୁଥିଲେ ତା'ର ଲାଷ୍ଟ ସିନ୍ ଗତକାଲି । ଫୋନ୍ କଲେ ମଧ୍ୟ ସୁଇଚ୍ ଅଫ୍ । ସେ କଣ ସିମ୍ ବଦଳେଇ ଦେଲା, ନା ଅନ୍ୟ କେଉଁଠିକୁ ବେପାର କରିବାକୁ ଚାଲିଗଲା ! ତା' ଅନୁପସ୍ଥିତିଟା ସାରା ଗାଁରେ ଚର୍ଚ୍ଚିତ ବିଷୟ ଥିଲା ।

ଜହ୍ନ ଆଲୁଅ ପଡ଼ିବ ବୋଲି ରୁମ୍‌ର ଝରକା ଖୋଲିଦେଲି । ଜହ୍ନଟା ମୋତେ ଚାରୁ ମଥାର ବିନ୍ଦି ପରି ପ୍ରତୀୟମାନ ହେଲା । କାହାକୁ କହିବାକୁ ସାହସ କରିପାରୁନଥିଲି ମୋ'ରି ପାଇଁ, କେବଳ ମୋ'ରି ପାଇଁ ସେ ଆଜି ଗାଁକୁ ଆସିଲାନି । ଗତକାଲି କରିଥିବା ବ୍ୟବହାର ପାଇଁ କ୍ଷମା ମାଗିବି ବୋଲି ହ୍ୱାଟସ୍ ଆପ୍‌ରେ ମେସେଜ୍‌ଟେ ପଠାଇଦେଲି । ସମସ୍ତେ କହିବା ପରି ତା'ର ଲାଷ୍ଟ୍ ସିନ୍‌ଟା ଗତକାଲି ହିଁ ଥିଲା । ଆସନ୍ତାକାଲିକୁ ସେସବୁ ଅତୀତ ହୋଇଯିବ । ସେ କ'ଣ ମୋ ଉପରେ ରାଗିଛି ? ସେ କ'ଣ ଏ ଗାଁକୁ ଆଉ ଆସିବ ନାହିଁ ? ସାରା ରାତିଟା ମୁଁ ଶୋଇପାରିଲିନି । ତା' ହସିଲା ମୁହଁଟା ଆଖି ଆଗରେ ନାଚି ଉଠୁଥିଲା । ଭାରି ଦୋଷୀ ଦୋଷୀ ଲାଗୁଥିଲା ମୋତେ ।

କଲେଜରୁ ଫେରିବା ରାସ୍ତାରେ ତା' ଭଡ଼ା ଘରର ଠିକଣା ଖୋଜି ଦିନେ ସେଠି ପହଞ୍ଚିଲି । ବଡ ତାଲାଟିଏ ଝୁଲୁଥିଲା । ସେଠି ନୀରବ ପରିବେଶ ଯେମିତି ଅନେକ କିଛି କହୁଥିଲା । ବିପରୀତ ଦିଗରେ ଜଗନ୍ନାଥ ମନ୍ଦିର । ମୋର ପାଦ ଦୁଇଟି ଅନାୟାସ ଭାବେ ମନ୍ଦିର ଆଡ଼କୁ ଆଗେଇ ଗଲା । ମନ୍ଦିର ପାଖରେ ଥିବା ନିମ୍ବ ଗଛ ମୂଳରେ ରଖାହୋଇଥିଲା ମାଆ କାଳୀଙ୍କ ଫଟୋଟିଏ । ହଠାତ୍ ଜଣେ ସ୍ତ୍ରୀଲୋକ ମୋ କାନ୍ଧରେ ହାତ ରଖି କହିଲେ– ଚାରୁ ବଙ୍ଗାଳୁଣୀ ପୂଜୁଥିଲା, କହିଦେଇ ଯାଇଛି ଅପୂଜା ନ ରଖିବା ପାଇଁ । କୁଆଡ଼େ ସେ ଯାଇଛି କେଜାଣି । ସନ୍ଧ୍ୟା ହୋଇ ଆସୁଛି । ଘରକୁ ଶୀଘ୍ର ଶୀଘ୍ର ଚାଲିଯାଅ । ଏ ଗାଁରେ ବିଲୁଆଙ୍କ ଉପଦ୍ରବ ବେଶୀ । ସତକୁ ସତ ଦୂରରୁ ରହିରହି ବିଲୁଆ ବୋବେଇଲେ । ଲୁହ ଭିଜା ଆଖିରେ ଘର ଆଡ଼କୁ ପୁଣିଥରେ ଚାହିଁଲି । ବନ୍ଦ କବାଟ ଓ ଝୁଲୁଥିବା ତାଲା ସହ ଅନେକ ଅକୁହା କଥାକୁ ମନରେ ରଖି ଘରକୁ ଫେରି ଆସିଲି ।

ସକାଳୁ ସଞ୍ଜ ଯାଏଁ ମେଘ ବର୍ଷୁଛି । ଚାରୁ ଆଜି ଟିକେ ଅଧିକ ମନେ ପଡୁଥିଲା । ସେ ହୁଏତ ଭୁଲି ଯାଇଥିବ ମୋତେ, ମୁଁ କିନ୍ତୁ ଭୁଲି ପାରିନି ତାକୁ । ଝିଅ କରିଥିଲା ମୋତେ । ଝିଅଟେ କେବେ ମାଆକୁ ଭୁଲିପାରେ ! 'ଆ ଦେଖିବୁ କହି' ଗାଁ ଦାଣ୍ଡକୁ ହାତ ଧରି ଭିଡ଼ି ନେଲା ସାନଭାଇ । ତିନି ବର୍ଷ ପରେ ଦେଖୁଥିଲି ତାକୁ । ପୂର୍ବ ଅପେକ୍ଷା ସେ ଟିକେ ଅଧିକ ସୁନ୍ଦର ଦିଶୁଥିଲା । ହସହସ ମୁହଁ । କୋଳରେ ସମସ୍ତଙ୍କ ମୁହଁକୁ ଚାହିଁ କିରିକିରି ହୋଇ ହସୁଥିଲା ତା'ର ଗୁଲୁଗୁଲିଆ କୁନିପୁଅ । ଜଣକ ପରେ ଜଣେ ତାକୁ ନିଜ କୋଳକୁ ନେଇ ଗେଲ କରୁଥାନ୍ତି । ଚାରୁ ତାକୁ ଆନନ୍ଦରେ କହୁଥାଏ, ଦେଖିଲୁ ତ ଆଉ ଗୋଟେ ପରିବାର ତୋ'ର । ପୁଅଟିକୁ ମୁଁ କୋଳରେ ଧରିବା କ୍ଷଣି ଚାରୁ କେମିତି କାନ୍ଦକାନ୍ଦ ଦିଶିଲା । 'ତୋ ବଡ ଦିଦି ସିଏ' ଶୁଣି ମାତ୍ର ଦୁଇ ବର୍ଷର କୁନି ପୁଅଟି କ'ଣ ବୁଝିଲା କେଜାଣି ମୋ ଡାହାଣ ଗାଲକୁ ତା' କୁନିକୁନି ହାତରେ ଧରି ସ୍ନେହଭରା ଚୁମ୍ବନଟେ ଦେଲା ।

କିଛି କହିବା ପୂର୍ବରୁ ସେ ମୋ ହାତ ଦୁଇଟିକୁ ଧରି ଦୀର୍ଘ ନିଃଶ୍ୱାସ ପକେଇ କହୁଥିଲା– ମୋତେ କ୍ଷମା କରିଦେବୁ । ସେଦିନ ତୋ' ମୁରୁଜରେ ଜଗାକୁ ଦେଖି ପୁରୀ ଚାଲି ଯାଇଥିଲି । ଫୋନ୍‌ଟା ଚୋରି ହୋଇଗଲା । ସେଇଠି ମୋତେ ମନର ମଣିଷ ମିଳିଗଲେ । କାଳେ ଏଠି ଲୋକ ନିନ୍ଦା କରିବେ ତେଣୁ କଲିକତା ଯାଇ ବିବାହ କଲି । ପ୍ରଥମ ସ୍ୱାମୀର କିଛି ଆପତ୍ତି ନଥିଲା । ଖୁସିର ନୀଡ଼ଟିଏ ଗଢି ପାରିଛି ଏଥର । ତୁମେମାନେ ଏତେ ମନେ ପଡ଼ିଲ ଯେ ଫେରିବାକୁ ବାଧ ହେଲି । ଏକା ନୁହଁ ଆଉ ତିନୋଟି ପକ୍ଷୀଙ୍କୁ ନେଇ । ଏଥର ମୁଁ ତିନୋଟି ଛାଇ ପାଇଗଲି । ମୁଣ୍ଡବାଳ ଗୁଡ଼ିକୁ ଆଙ୍ଗୁଠିରେ କୁଣ୍ଡାଇ ପୁଣି କହିଲା, ଜଗା ଦର୍ଶନ ସାରି ପହର ଦିନ କଲିକତା ଯାଉଛି; ପୁଣି କେବେ ଫେରିବି ଜଣାନାହିଁ ।

ଶୂନ୍ୟ ବ୍ୟାଗଟି ତାର ଭର୍ତ୍ତି ହୋଇଯାଏ ଗାଆଁ ଲୋକଙ୍କ ବାଡି ପରିବା, ହାତ ତିଆରି ଆଚାର ପାମ୍ପଡ ସହ ଅମାପ ଭଲ ପାଇବାରେ । ମୋ ହାତରେ ଧରାଇ ଦେଲା ଫଟୋଟିଏ । ଫଟୋଟି ଦେଖି ମୋର ଆଖି ଲୁହ ବୋଲ ମାନିଲେନି । ଫ୍ୟାମିଲି ଫଟୋଟିରେ ଚାରିଜଣଙ୍କ ସହ ମୋ ଫଟୋଟି ଯୋଡ଼ିକରି ଏଡିଟ୍ କରାଯାଇଛି । କହିପାରିଲିନି ଏଥର ଶେଷଦେଖା ବୋଲି । ସେମିତି ଦେଖାଉଥାଉ ତା'ର ହ୍ୱାଟସ୍ ଆପ୍‌ରେ ଲାଷ୍ଟ ସିନ୍ ଗତକାଲି । ସେ ଫେରୁଥାଉ ଏମିତି ସବୁଥର ନୂଆ ସକାଳରେ ନୂଆ ଖୁସିର ସନ୍ଧାନ ସହ । ଦୂରରେ ଛିଡ଼ା ହୋଇ ଡାକ ଛାଡୁଥିଲା ତା'ର ଝିଅ; ନୂଆ ବାପର ହାତଧରି । ଚାଲି ଯାଉଥିଲା ଚାରୁ ଗଢ଼ିଥିବା ତା'ର ନୂଆ ନୀଡକୁ । ପଛକୁ ଚାହିଁ ରହିଥିଲା ହଳେ କୁନି କୁନି କୃତଜ୍ଞ ଆଖି ।

*ଜଗନ୍ନାଥପୁର, ଗୋବିନ୍ଦପୁର, କଣ୍ଟାପଡ଼ା*
*କଟକ, ପିନ୍- ୭୫୪୦୦୩*

## ଭାରତର ନୂଆ କ୍ରିକେଟ୍ ବିସ୍ମୟ ତନ୍ମୟ

# ଗୋଟିଏ ଟେଷ୍ଟରେ ୧୪ ୱିକେଟ ନେଇ ରଚିଲେ ଇତିହାସ



**ଅହମ୍ମଦାବାଦ**

କ୍ରିକେଟ ପଡ଼ିଆରେ ଭାରତୀୟ ଯୁବ ସ୍ପିନର ତନ୍ମୟ ବଲୋଦାଙ୍କ କମାଲ। ଅଷ୍ଟ୍ରେଲିଆର ଅଣ୍ଡର-୧୯ ଦଳ ବିପକ୍ଷରେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍‌ରେ ନିଜର ଘାତକ ବୋଲିଂରେ ବିପକ୍ଷ ଦଳକୁ ଅଡୁଆରେ ପକାଇଛନ୍ତି ତନ୍ମୟ। ଗୋଟିଏ ମ୍ୟାଚ୍‌ରେ ଉଭୟ ଇନିଂସ୍‌କୁ ମିଶାଇ ସେ ୧୪ଟି ଉଇକେଟ ନେଇଛନ୍ତି। ଏହି ପ୍ରଦର୍ଶନ ଯୁଥ ଟେଷ୍ଟ କ୍ରିକେଟ୍‌ରେ ଏକ ନୂଆ ରେକର୍ଡ ବୋଲି ଦାବି କରାଯାଉଛି।

ଅଷ୍ଟ୍ରେଲିଆ ବିପକ୍ଷ ଏହି ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ତନ୍ମୟ ୨୫ ଓଭର ବୋଲିଂ କରି ମାତ୍ର ୩୨ ରନ ଦେଇ ୬ଟି ଉଇକେଟ ନେଇଥିଲେ। ଏଥିରେ ୧୧ଟି ମେଡେନ ଓଭର ରହିଥିଲା। ତାଙ୍କର ଏହି ଦମ୍‌ଦାର ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୧୭୪ ରନ୍‌ରେ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ତନ୍ମୟଙ୍କ ଜଲୱା ଜାରି ରହିଥିଲା। ସେ ୧୯.୫ ଓଭର ବୋଲିଂ କରି ୪୧ ରନ ଦେବା ସହ ୮ଟି ଉଇକେଟ ହାସଲ କରିଥିଲେ। ଏହି ଇନିଂସ୍‌ରେ ସେ ୫ଟି ମେଡେନ ଓଭର ମଧ୍ୟ ପକାଇଥିଲେ। ଫଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୧୫୧ ରନ୍‌ରେ ସୀମିତ ରହିଥିଲା।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ଟେଷ୍ଟରେ ଭାରତ ପ୍ରଥମ ଇନିଂସ୍‌ରେ ୩୧୫ ରନ କରିଥିଲା। ଏହାଦ୍ୱାରା ଭାରତକୁ ୧୪୧ ରନ୍‌ର ଅଗ୍ରଣୀ ମିଳିଥିଲା। ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ୧୫୧ ରନ୍‌ରେ ଅଲଆଉଟ ହେବା ପରେ ଭାରତ ସମ୍ମୁଖରେ ମାତ୍ର ୧୧ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଭାରତୀୟ ଦଳ ମାତ୍ର ୫ଟି ବଲ୍‌ରେ ଏହି ଲକ୍ଷ୍ୟ ହାସଲ କରି ୧୦ ୱିକେଟରେ ବିଜୟୀ ହୋଇଥିଲା।

# ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରୁ ଓହରିଲା ପାକିସ୍ତାନ

**ନୂଆଦିଲ୍ଲୀ**

ପାକିସ୍ତାନ ଦଳ ଭାରତରେ ହେବାକୁ ଥିବା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛି। ଜାଲନ୍ଧର ଏବଂ ମୋହାଲିରେ ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଛଅଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସ୍ଥାନରେ ବାଂଲାଦେଶକୁ ସାମିଲ କରାଯାଇଛି। ହକି ଇଣ୍ଡିଆ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଏହି ଛଅ ଦଳ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ଜାପାନ, ଚୀନ, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ଅଂଶଗ୍ରହଣ କରିବେ। ପଞ୍ଜାବରେ ପ୍ରାୟ ଦୁଇ ଦଶନ୍ଧି ପରେ ଏହି ଟୁର୍ଣ୍ଣାମେଣ୍ଟ ଜରିଆରେ ଅନ୍ତର୍ଜାତୀୟ ହକିର ପ୍ରତ୍ୟାବର୍ତ୍ତନ ହେଉଛି।

ଫେବୃୟାରୀ ୨୦୧୬ ପରଠାରୁ ଭାରତୀୟ ପୁରୁଷ ହକି ଦଳ ସିନିୟର ଏବଂ ଜୁନିୟର ସ୍ତରରେ ପାକିସ୍ତାନଠାରୁ ଗୋଟିଏ ହେଲେ ବି ମ୍ୟାଚ୍ ହାରି ନାହିଁ। ଚାମ୍ପିଅନ୍ସ ଟ୍ରଫି ଖେଳିବା ପାଇଁ ଭାରତ ଆସିଲେ ଏହାର ପରିଣାମ କ'ଣ ହେବ, ସେକଥା ପାକିସ୍ତାନକୁ ମଧ୍ୟ ଭଲ ଭାବେ ଜଣାଥିଲା। ୨୦୨୩ ମସିହାରେ ଭାରତର ଆତିଥେୟତାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ପାକିସ୍ତାନ ଦଳ ସେମିଫାଇନାଲ୍‌ରେ ମଧ୍ୟ ପହଞ୍ଚିପାରି ନଥିଲା। ଅନ୍ୟପଟେ ଭାରତ ଏହି ଟାଇଟଲ୍ ଜିତିଥିଲା। ଭାରତ ପୁଲ୍ ମ୍ୟାଚ୍‌ରେ ପାକିସ୍ତାନକୁ ୪-୦ ରେ ପରାସ୍ତ କରିଥିଲା।



ଗତ ମାସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମୋହାଲିରେ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିବା ସହ ପାକିସ୍ତାନର ଅଂଶଗ୍ରହଣ ନେଇ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଲା ନାଥ ସିଂଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ବାଂଲାଦେଶ ଏବଂ ଓମାନକୁ ରିଜର୍ଭ ଦଳ ଭାବେ ରଖାଯାଇଥିଲା।

ଏହି ଘୋଷଣାର ମାତ୍ର ଦୁଇ ଦିନ ପରେ ପାକିସ୍ତାନ ହକି ମହାସଂଘ ଭାରତରେ ଖେଳିବାକୁ ମନା କରିଦେଇଥିଲା ଏବଂ ଏହି ଟୁର୍ଣ୍ଣାମେଣ୍ଟକୁ କୌଣସି ଏକ ନିରପେକ୍ଷ ସ୍ଥାନରେ ଆୟୋଜନ କରିବା ପାଇଁ ଏଏଚ୍ଏଫ୍ ନିକଟରେ ଦାବି କରିଥିଲା। ମୁମ୍ବାଇରେ ୨୦୦୮ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ହକି ସିରିଜ୍ ଖେଳାଯାଇ ନାହିଁ। ପାକିସ୍ତାନ ଶେଷ ଥର ପାଇଁ ୨୦୨୩ ମସିହାରେ ଭାରତରେ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଖେଳିଥିଲା, ଯେଉଁଥିରେ ଛଅଟି ଦଳ ମଧ୍ୟରୁ ଏହି ଦଳ ପଞ୍ଚମ ସ୍ଥାନରେ ରହିଥିଲା। ଗତ ବର୍ଷ ଭାରତରେ ଅନୁଷ୍ଠିତ ହୋଇଥିବା ଏସିଆ କପ୍ ଏବଂ ଜୁନିୟର ଏସିଆ କପ୍‌ରେ ମଧ୍ୟ ପାକିସ୍ତାନ ଅଂଶଗ୍ରହଣ କରିନଥିଲା।

ଜାପାନରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ହକି ଦଳ ଏପର୍ଯ୍ୟନ୍ତ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଚାରିଥର ଜିତିବାରେ ସଫଳ ହୋଇଛି। ଚାମ୍ପିଅନ୍ସ ଟ୍ରଫି ୨୦୨୬କୁ ନେଇ ଭାରତର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ ହକି ଇଣ୍ଡିଆ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଦଳର ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି ଯେ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଏକ ସ୍ୱତନ୍ତ୍ର ସଫଳତା ଥିଲା କିନ୍ତୁ ଏବେ ତାହା ଅତୀତର କଥା ଏବଂ ଆମର ସମ୍ପୂର୍ଣ୍ଣ ଧ୍ୟାନ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଉପରେ ରହିଛି, ଯେଉଁଥିରେ ଆମେ ଏସିଆନ୍ ଗେମ୍ସ ୨୦୨୬ ସମୟରେ ପ୍ରଦର୍ଶନ କରିଥିବା ସେହି ସମାନ ଲୟକୁ ବଜାୟ ରଖିବାକୁ ଚେଷ୍ଟା କରିବୁ।

# ରଣଜୀ ଟ୍ରଫି : ସୌରାଷ୍ଟ୍ରରୁ ଖେଳିବେ ଜାଡ଼େଜା

**ରାଜକୋଟ**

ରଣଜୀ ଟ୍ରଫି ୨୦୨୬-୨୭ ସିଜନରେ ଛତିଶଗଡ଼ ବିପକ୍ଷ ଓପନିଂ ମ୍ୟାଚ୍‌ରେ ସୌରାଷ୍ଟ୍ର ପକ୍ଷରୁ ଭାରତ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଖେଳିବେ।



ଜୟଦେବ ଉନାଡକଟ ତାଙ୍କ ଅଧିନାୟକ ପଦ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୨-୧ରେ ବିଜୟ ହାସଲ ପରେ ଏହି ଭେଟେରାନ ବାମହାତି ସ୍ପିନ ବୋଲିଂ ଅଲରାଉଣ୍ଡରଙ୍କୁ ଦଳରେ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଜାଡ଼େଜା ଦୁଇଟି ମ୍ୟାଚ୍ ଖେଳି ଦୁଇ ଉଇକେଟ ଅକ୍ତିଆର କରିଥିଲେ, ହେଲେ ତାଙ୍କୁ ବ୍ୟାଟିଂ ସୁଯୋଗ ମିଳି ନ ଥିଲା।

ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଟୁର୍ ପୂର୍ବରୁ ସେ ରେଡ୍‌ବଲ୍ ମ୍ୟାଚ ଅଭ୍ୟାସ କରିପାରିବେ। ୱେଲିଂଟନ ଟେଷ୍ଟ ନଭେମ୍ବର ୧୯ରୁ ୨୩ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବେଳେ ନଭେମ୍ବର ୨୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଖ୍ରୀଷ୍ଟଚର୍ଚ୍ଚଠାରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭାରତର ପ୍ରମୁଖ ଘରୋଇ ପ୍ରଥମ-ଶ୍ରେଣୀ ପ୍ରତିଯୋଗିତାର ୯୨ତମ ସଂସ୍କରଣ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଗତବର୍ଷ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଥିବା ସୌରାଷ୍ଟ୍ର ଏଲିଟ୍ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି।

ଏହି ଗ୍ରୁପରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆନ୍ଧ୍ର, ଆସାମ, ଛତିଶଗଡ଼, ହାଇଦ୍ରାବାଦ କର୍ନାଟକ, ପଞ୍ଜାବ ଓ ତ୍ରିପୁରା। ସୌରାଷ୍ଟ୍ର ଦଳର ନେତୃତ୍ୱ ନେବାକୁ ଥିବା ଉନାଡକଟ ନିକଟରେ ଇଂଲିଶ କାଉଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଫେରିଛନ୍ତି। ସସେକ୍ସ ତରଫରୁ ଖେଳି ସେ ୭ଟି ମ୍ୟାଚରେ ୨୮ ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ହାମ୍ପଶାୟାର ବିପକ୍ଷରେ ତାଙ୍କର ଏକ ୫ ଉଇକେଟ ସଫଳତା ଏବଂ ଦୁଇଥର ୪ ଉଇକେଟ ସଫଳତା ରହିଛି। ଚେତନ ସାକାରିୟାଙ୍କ ସହ ସହିତ ସେ ସୌରାଷ୍ଟ୍ର ବୋଲିଂ ଆକ୍ରମଣର ନେତୃତ୍ୱ ନେବେ।

# ଭାରତକୁ ୬ ୱିକେଟରେ ହରାଇଲା ୱେଷ୍ଟଇଣ୍ଡିଜ୍

**ରାଞ୍ଚି**

ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ଶୃଙ୍ଖଳାକୁ ୬ ୱିକେଟ୍‌ରେ ଜିତିଛି। ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ୍ ଆସୋସିଏସନ୍ ଅନ୍ତର୍ଜାତୀୟ ଷ୍ଟାଡିୟମ ପରିସରରେ ଶୁକ୍ରବାର ଖେଳାଯାଇ ଥିବା ଏହି ମ୍ୟାଚ୍‌ରେ ଅତିଥି ଦଳକୁ ୨୫୦ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଦଳ ୧୮.୩ ଓଭରରେ ୪ଟି ୱିକେଟ ହରାଇ ୨୫୨ ରନ୍ ସଂଗ୍ରହ କରିଛି।



ୱେଷ୍ଟଇଣ୍ଡିଜ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ତଥା ଅଧିନାୟକ ସାଇ ହୋପ୍ ଅପରାଜିତ ଶତକ (୧୦୨ ରନ୍) ହାସଲ କରିଛନ୍ତି। ସେ ୪୫ଟି ବଲ୍ ଖେଳି ୬ଟି ଚୌକା ଏବଂ ୯ଟି ଛକା ମାରିଛନ୍ତି। ଶେରଫେନ୍ ରଦରଫୁଡ ୮୪ ରନ୍ ସଂଗ୍ରହ କରିଥିଲେ। ସେ ୩୭ଟି ବଲ୍ ଖେଳି ୭ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ରୋମାରିଓ ସିଫର୍ଡ ୩୪ ରନ୍ ଏବଂ ରଭମ୍ୟାନ୍ ପାୱେଲ ୨୪ ରନ୍ କରିଥିଲେ। ଭାରତ ପାଇଁ ମୟଙ୍କ ଯାଦବ ସର୍ବଶ୍ରେଷ୍ଠ ବୋଲି କରିଥିଲେ। ସେ ୩ ଓଭର ବୋଲିଂ କରି ୩୬ ରନ୍ ଖର୍ଚ୍ଚ କରିଥିଲା ବେଳେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। କୁଲଦୀପ ଯାଦବଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଏହି ମୁକାବିଲାରେ ୱେଷ୍ଟଇଣ୍ଡିଜ୍ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସଂଜୁ ସାମସନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୪୯ ରନ୍ କରିଥିଲେ। ଭାରତୀୟ ଟିମ୍‌କୁ ଅଭିଷେକ ଶର୍ମା ଏବଂ ସଂଜୁ ସାମସନ ଭଲ ପ୍ରାରମ୍ଭ ଦେଇଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୨ ରନ୍‌ର ଭାଗିଦାରୀ କରିପାରିଥିଲେ। ଅଭିଷେକ ୨୦ ରନ୍ କରି ଆଉଟ୍ ହୋଇଥିଲେ। ଇଶାନ କିଶନ ଏବଂ ସଂଜୁ ସାମସନ ଦ୍ୱିତୀୟ ୱିକେଟ୍ ପାଇଁ ୯୭ ରନ୍‌ର ଭାଗିଦାରୀ କରିଥିଲେ। ଏହି ଭାଗିଦାରୀ ସମୟରେ ସଂଜୁ ସାମସନ ୨୧ଟି ବଲ୍ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ଇଶାନ କିଶନ ୨୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ ଭାବେ ୪୦ ରନ୍ ସଂଗ୍ରହ କରିଥିଲେ। ସେ ୧୮ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ସେହିପରି ଯୁବ ବ୍ୟାଟର ତିଲକ ବର୍ମା ୧୮ଟି ବଲ୍‌ରୁ ଅପରାଜିତ ୪୪ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ସେ ୩ଟି ଚୌକା ଏବଂ ୩ଟି ଛକା ସାମିଲ କରିପାରିଥିଲେ। ନମନ ଧୀର ଗୋଟିଏ ବଲ୍ ଖେଳି ୪ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ରୋଷ୍ଟନ ଚେଜ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଶମର ସ୍ପ୍ରିଙ୍ଗରଙ୍କୁ ୨ଟି ୱିକେଟ୍ ହାସଲ ହୋଇଥିଲା।

# ବିବାହ କଲେ ଆରସିବିର ପୂର୍ବତନ ଖେଳାଳି ଲିଆମ୍ ଲିଭିଙ୍ଗଷ୍ଟୋନ୍



**ନୂଆଦିଲ୍ଲୀ**

ଇଂଲଣ୍ଡର ଅଲରାଉଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ ବିବାହ କରିଛନ୍ତି। ଆଇପିଏଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖେଳିଥିବା ଏହି ଇଂଲିଶ୍ କ୍ରିକେଟର ନିଜ ପ୍ରେମିକା ଅଲିଭିଆଙ୍କ ହାତ ଧରିଛନ୍ତି। ଲିଭିଙ୍ଗଷ୍ଟୋନ୍ ଇନଷ୍ଟାଗ୍ରାମରେ ବିବାହର ଅନେକ ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକୁ ପ୍ରଶଂସକମାନେ ପସନ୍ଦ କରୁଥିବା ବେଳେ ଜଉଇ ପାଇଁ ଖେଳିଥିବା ଭାରତୀୟ ୱିକେଟକିପର ବ୍ୟାଟର ଜିତେଶ ଶର୍ମା ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଲିଭିଙ୍ଗଷ୍ଟୋନ୍ ନିଜ ବିବାହ ଫଟୋ ସହ ଏକ ଭାବପୂର୍ଣ୍ଣ କ୍ୟାପ୍ସନ୍ ଲେଖିଛନ୍ତି। ତାଙ୍କ ଅନୁସାରେ, ୩ ଅକ୍ଟୋବର ୨୦୨୬ରେ ସ୍ପେନ୍‌ର ମାଲୋର୍କା ସ୍ଥିତ ଡେଇଆରେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଥିଲା। କିନ୍ତୁ ଭୟଙ୍କର ଝଡ଼ ଯୋଗୁଁ ସବୁ ଯୋଜନା ବଦଳିଯାଇଥିଲା। ଶେଷ ମୁହୂର୍ତ୍ତରେ ବିବାହ ସମାରୋହର ସ୍ଥାନ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ତଥାପି, ଏହି ଅପ୍ରତ୍ୟାଶିତ ପରିସ୍ଥିତି ତାଙ୍କ ଜୀବନର ସବୁଠାରୁ ସୁନ୍ଦର ଦିନରେ ପରିଣତ ହୋଇଥିବା କଥା ଲିଭିଙ୍ଗଷ୍ଟୋନ୍ କହିଛନ୍ତି। ଏହା ଦୁହିଁଙ୍କ ବିବାହ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ଥିଲା ବୋଲି ତାଙ୍କ ପୋଷ୍ଟରୁ ଜଣାପଡ଼ିଛି।

ଲିଭିଙ୍ଗଷ୍ଟୋନ୍ ଲେଖିଛନ୍ତି ଯେ, ଏହି ଦିନ ତାଙ୍କୁ ଜୀବନର ଏକ ବଡ଼ ଶିକ୍ଷା ଦେଇଛି। ମାସ ମାସ ଧରି ଯେଉଁ ଜିନିଷଗୁଡ଼ିକୁ ନେଇ ଯୋଜନା କରାଯାଏ, ସେଗୁଡ଼ିକ ହିଁ ସବୁକିଛି ନୁହେଁ। ଫୁଲ, ଟେବୁଲ୍‌ର ସାଜସଜ୍ଜା, ବିବାହ ସ୍ଥଳ କିମ୍ବା ପାଣିପାଗ ଅପେକ୍ଷା ସେଠାରେ ଉପସ୍ଥିତ ଲୋକଙ୍କ ଭଲପାଇବା ଅଧିକ ମୂଲ୍ୟବାନ। ଗୋଟିଏ କୋଠରୀରେ ଏତେ ଭଲପାଇବା ଆଗରୁ ଅନୁଭବ କରିନଥିବା କଥା ମଧ୍ୟ ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ଚାଇନା ସ୍ମାସ୍ : ସେମିରେ ଅଟକିଲେ ମନୁଷ-ମାନବ



**ବେଜିଂ**

ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ମନୁଷ ଶାହ ଓ ମାନବ ଠକ୍କର ଏଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି) ଚାଇନା ସ୍ମାସ୍‌ର ସେମିଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଶୁକ୍ରବାର ପୁରୁଷ ଯୁଗଳ ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ସିଧାସଳଖ ୩-୦ (୮-୧୧, ୬-୧୧, ୩-୧୧)ରେ ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗହୁଁ ଓ ଓହ ଜୁନ୍‌ସୁଙ୍ଗଙ୍କଠୁ ମାତ୍ର ୨୦ ମିନିଟ୍‌ରେ ହାରି ଯାଇଥିଲେ। ଏହି ଭାରତୀୟ ଯୋଡ଼ି ପ୍ରଥମ ଗେମ୍‌ରେ କଡ଼ା ଟକ୍କର ଦେଇଥିଲେ। ହେଲେ ପରେ ଖରାପ ପ୍ରଦର୍ଶନ କରି ପରାଜୟ ବରଣ କରିଥିଲେ। ଏମିତିକି ଶେଷ ଗେମ୍‌ରେ ଏକଦା ୯-୧ରେ କୋରିଆ ଯୋଡ଼ି ଆଗରେ ରହି ୧୧-୩ରେ ବିଜୟୀ ହୋଇଥିଲେ।

# ଭାରତ ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ବାଦ୍ ପଡ଼ିଲେ ନ୍ୟୁଜିଲାଣ୍ଡର ୨ ଷ୍ଟାର୍ ଖେଳାଳି

**ନୂଆଦିଲ୍ଲୀ**

ଭାରତ ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳକୁ ଦୁଇଟି ବଡ଼ ଝଟ୍‌କା ଲାଗିଛି। ଷ୍ଟାର୍ ଖେଳାଳି ମାର୍କ ଚାପମ୍ୟାନ୍ ଏବଂ ଜ୍ୟାକ୍ ଫକ୍ସସ୍ ଆହତ କାରଣରୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ଏହି ଦୁଇଜଣଙ୍କ ସ୍ଥାନରେ ଦଳରେ ଅଲରାଉଣ୍ଡର ଜୋଶ୍ କ୍ଲାର୍କସନ୍ ଏବଂ ଦ୍ରୁତ ବୋଲର ବ୍ଲେୟାର ଟିକନରଙ୍କୁ ଦଳରେ ସାମିଲ କରାଯାଇଛି। ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅକ୍ଟୋବର ୨୨ ରେ ଖେଳାଯିବ।

ଗତ ମାସରେ ୟୁରୋପିଆନ୍ ଟି୨୦ ଲିଗ୍‌ରେ ଖେଳୁଥିବା ସମୟରେ ମାର୍କ ଚାପମ୍ୟାନ୍‌ଙ୍କ ହାମଷ୍ଟ୍ରିଙ୍ଗ୍ ଆଘାତରେ ଶିକାର ହୋଇଥିଲେ। ଯଦିଓ ଆଶା କରାଯାଉଛି ଯେ ସେ ଭାରତ ବିପକ୍ଷ ଦିନିକିଆ ସିରିଜ୍ ସୁଦ୍ଧା ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ। ଅନ୍ୟପଟେ ଫକ୍ସସ୍‌ଙ୍କ କଥା କହିବାକୁ ଗଲେ, ଅଭ୍ୟାସ ସମୟରେ ତାଙ୍କ ଡାହାଣ ପିଠାରେ ଆଘାତ ଲାଗିଥିଲା। ଏହି କାରଣରୁ ସେ ଦଳରୁ ବାଦ୍ ପଡ଼ିଛନ୍ତି ଏବଂ ସେ କେବେ ସୁଦ୍ଧା ସୁସ୍ଥ ହେବେ, ସେ ବିଷୟରେ କିଛି କୁହାଯାଇପାରିବ ନାହିଁ।



ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍ ୱାଲ୍ଟର କହିଛନ୍ତି ଯେ ମାର୍କ ଚାପମ୍ୟାନ୍ ଏବଂ ଜ୍ୟାକ୍ ଫକ୍ସସ୍ ଆହତ ହେବା ଯୋଗୁଁ ସେ ବହୁତ ଦୁଃଖିତ ଏବଂ ସେମାନେ ଶୀଘ୍ର ସୁସ୍ଥ ହେବେ ବୋଲି ଆଶା କରୁଛନ୍ତି। ତେବେ ଦଳରେ ଜୋଶ୍ କ୍ଲାର୍କସନ୍ ଏବଂ ବ୍ଲେୟାର ଟିକନରଙ୍କ ଭଳି ଅଭିଜ୍ଞ ଖେଳାଳି ଉପଲବ୍ଧ ଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। କୋଚ୍‌ଙ୍କ କହିବା ଅନୁଯାୟୀ, ଉଭୟ ଖେଳାଳି ଏହି ରୋମାଞ୍ଚକର ଟି୨୦ ସିରିଜ୍‌ରେ ଖେଳିବା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି।

ଚଳିତ ବର୍ଷ ଆରମ୍ଭରେ ହୋଇଥିବା ପୁରୁଷ ଟି୨୦ ବିଶ୍ୱକପ୍ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ଭାରତ ୯୬ ରନ୍‌ରେ ପରାସ୍ତ କରିଥିଲା। ବର୍ତ୍ତମାନ ଉଭୟ ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଏହାର ପ୍ରଥମ ଏବଂ ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୨୨ ଏବଂ ୨୪ ରେ କ୍ରାଇଷ୍ଟଚର୍ଚ୍ଚରେ ଅନୁଷ୍ଠିତ ହେବ। ଏହା ପରେ ତୃତୀୟ ମ୍ୟାଚ୍ ଅକ୍ଟୋବର ୨୭ ରେ ୱେଲିଙ୍ଗଟନ୍, ଚତୁର୍ଥ ମ୍ୟାଚ୍ ଅକ୍ଟୋବର ୩୦ ରେ ଅକ୍ଲାଣ୍ଡ ଏବଂ ଶେଷ ମ୍ୟାଚ୍ ନଭେମ୍ବର ୧ ରେ ହାମିଲଟନ୍‌ରେ ଖେଳାଯିବ। ଏହି ଟି୨୦ ସିରିଜ୍ ପାଇଁ ବିସିସିଆଇ ନିକଟରେ ନିଜ ସ୍କ୍ୱାଡ୍ ଘୋଷଣା କରିଥିଲା।

ଭାରତ ବିପକ୍ଷ ଟି୨୦ ସିରିଜ୍ ପାଇଁ ନ୍ୟୁଜିଲାଣ୍ଡ ସ୍କ୍ୱାଡ୍: ମିଚେଲ୍ ସାଣ୍ଟନର (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ୍ ବ୍ରେସୱେଲ୍, ଜୋଶ୍ କ୍ଲାର୍କସନ୍, ଡେଭନ୍ କନୱେ, ଜ୍ୟାକବ୍ ଡଫି, ଲକି ଫର୍ଗୁସନ୍, ମ୍ୟାଟ୍ ହେନ୍ରି, ବେଭନ୍ ଜ୍ୟାକବ୍ସ, କାଇଲ୍ ଜାମିସନ୍, ଆଡମ୍ ମିଲ୍ନେ, ଡାରିଲ୍ ମିଚେଲ୍, ଗ୍ଲେନ୍ ଫିଲିପ୍ସ, ଟିମ୍ ସାଇଫର୍ଟ, ନାଥନ୍ ସ୍ମିଥ୍, ବ୍ଲେୟାର ଟିକନର।

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍ ପାଇଁ ଭାରତୀୟ ସ୍କ୍ୱାଡ୍ : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ୍ କିପର), ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶନ (ୱିକେଟ୍ କିପର), ତିଲକ ବର୍ମା (ଉପ-ଅଧିନାୟକ), ଅକ୍ଷର ପଟେଲ, ଶିବମ ଦୁବେ, ନୀତିଶ ରେଡ୍ଡୀ, ନମନ ଧୀର, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅର୍ଶଦୀପ ସିଂହ, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।

# ଗୁରୁଜଙ୍ଗ ପ୍ରିମିୟର ଲିଗ୍ : ବିଏସଏ ଭାଲିଆବାଡ଼ି ଓ ଇଲେଭେନ ଷ୍ଟାର ଯାଆଁଳା ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ଶୁକ୍ରବାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଏଗଲ ସ୍ପୋର୍ଟି ମେଣ୍ଢାଶାଳ ଭାଲିଆବାଡି କ୍ରିକେଟ ଆସୋସିଏସନ୍ ଖୋର୍ଦ୍ଧାକୁ ଭେଟିଥିଲା। ଟସ୍ ଜିତି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୧୮.୫ ଓଭରରେ ୧୩୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜ୍ୟୋତି ରଞ୍ଜନ ସର୍ବାଧିକ ୩୧ ରନ୍ କରିଥିଲେ। ଭାଲିଆବାଡ଼ି ପକ୍ଷରୁ କରନଦୀପ ପଟ୍ଟନାୟକ ୪ ୱିକେଟ ହାସଲ କରିଥିଲେ। ଜବାବ୍‌ରେ ଭାଲିଆବାଡ଼ି



୧୪.୩ ଓଭରରେ ୧୩୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ସର୍ବାଧିକ ୪ ୱିକେଟ ହାସଲ କରିଥିବା କରନଦୀପ ପଟ୍ଟନାୟକଙ୍କୁ ଅତିଥି ଅକ୍ଷୟ ଜେନା ପୁରସ୍କୃତ କରିଥିଲେ। ସେହିପରି ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ଏସ.ଜେ.ଆର୍ ଗୁରୁଜଙ୍ଗ ଇଲେଭେନ୍ ଷ୍ଟାର୍ ଯାଆଁଳାକୁ ଭେଟିଥିଲା। ଟସ୍ ଜିତି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ରେ ୮ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶିତିକଣ୍ଠ ପଟ୍ଟନାୟକ ସର୍ବାଧିକ ୪୨ ରନ୍ ସଂଗ୍ରହ କରିଥିଲେ। ଗୁରୁଜଙ୍ଗ ପକ୍ଷରୁ ମହେଶ୍ୱର ଚମ୍ପତି ୩ ଟି ୱିକେଟ ହାସଲ କରିଥିଲେ। ଜବାବ୍‌ରେ ଗୁରୁଜଙ୍ଗ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧୬ ରନ୍‌ରେ ଅଲଆଉଟ୍ ହୋଇ ୧୪ ରନ୍‌ରେ ପରାସ୍ତ ହୋଇଥିଲା। ଘାତକ ବୋଲିଙ୍ଗ ପାଇଁ ଯାଆଁଳା ଦଳର ଦେବାଶିଷ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ରଞ୍ଜନ ମଙ୍ଗରାଜଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ। ଶୁକ୍ରବାରର ମ୍ୟାଚ୍‌କୁ ସାନୁଜ ବିଶ୍ୱାଳ, ସୋଭାକର ପାତ୍ର, ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ରାଜେନ୍ଦ୍ର ବେହେରା ଓ ଏସ.କେ ସାଜନ୍ କାର୍ଯ୍ୟ ତୁଲାଇଥିଲେ। ୧୦/୧୦/୨୬ ଶନିବାର ଏସ୍ ଯେ ଆର ଗୁରୁଜଙ୍ଗ ଓ ମିଳନ ଯୁଥ୍ କ୍ଲବ ମୁକୁନ୍ଦ ପ୍ରସାଦ ଓ ଦ୍ୱିତୀୟ ମ୍ୟାଚ ବିଏସଏ ଭାଲିଆବାଡ଼ି ଓ ବାଲୁକେଶ୍ୱର ୱାରିଅର ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

# ଅବସର ନେଲେ ଗୁଜରାଟରେ ଜନ୍ମିତ ନ୍ୟୁଜିଲାଣ୍ଡ କ୍ରିକେଟର ଜିତ ରାୱଲ

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ଜିତ ରାୱଲ ଅବସର ଘୋଷଣା କରିଛନ୍ତି। ୨୦୧୬ ମସିହାରେ କିୱି ଦଳ ପାଇଁ ଡେବ୍ୟୁ କରିଥିବା ଜିତଙ୍କ ଜନ୍ମ ଭାରତରେ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ନ୍ୟୁଜିଲାଣ୍ଡକୁ ସିଫ୍ଟ ହୋଇଯାଇଥିଲେ ଏବଂ ସେଠାରେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ। ଜିତ ରାୱଲ ନ୍ୟୁଜିଲାଣ୍ଡ ପାଇଁ ୨୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ଏବଂ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦ ହଜାରରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ୨୦୨୦ ମସିହା ପରଠାରୁ ତାଙ୍କୁ ନ୍ୟୁଜିଲାଣ୍ଡ ପାଇଁ ଖେଳିବାର ସୁଯୋଗ ମିଳିନଥିଲା। ୬ ବର୍ଷ ଧରି ଜାତୀୟ ଦଳରୁ ବାହାରେ ରହିବା ପରେ ସେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି।

୩୮ ବର୍ଷୀୟ ଜିତ ରାୱଲ ୨୦୨୬-୨୭ ଘରୋଇ ସିଜିନ୍ ପୂର୍ବରୁ ଅବସର ଘୋଷଣା କରିଛନ୍ତି। ସେ ନର୍ଦ୍ଦନ ଡିଷ୍ଟ୍ରିକ୍ଟସ କ୍ରିକେଟ୍ ଆସୋସିଏସନକୁ ନିଜର ଅବସର ବିଷୟରେ ଜଣାଇ କହିଛନ୍ତି, 'ଏହି ନିଷ୍ପତ୍ତି ନେବା ମୋ ପାଇଁ ସମ୍ମାନ ଓ ସୌଭାଗ୍ୟର କଥା। ମୁଁ ବର୍ତ୍ତମାନ ବହୁତ ଭଲ ଅନୁଭବ କରୁଛି। ପିଲାଦିନୁ ମୋର ସ୍ୱପ୍ନ ଥିଲା ନ୍ୟୁଜିଲାଣ୍ଡ ପାଇଁ ଖେଳିବା ଏବଂ ମୁଁ ମୋର ସେହି ଦିନଗୁଡ଼ିକୁ ବହୁତ ଗର୍ବର ସହ ଦେଖେ। ଏହା କେବଳ ମୋର ନୁହେଁ, ମୋ ବାପାଙ୍କର ମଧ୍ୟ ସ୍ୱପ୍ନ ଥିଲା। ଆମେ ସୁଯୋଗ ଦେଖିଲୁ ଏବଂ ନିଜ ପରିବାର ସହ ଏଠାକୁ ସିଫ୍ଟ ହୋଇଗଲୁ, ଯେମିତି କି ମୋତେ ମୋର ସ୍ୱପ୍ନକୁ ବଞ୍ଚିବାର ସୁଯୋଗ ମିଳିପାରିବ।'

ଜିତ ରାୱଲଙ୍କ ଜନ୍ମ ସେପ୍ଟେମ୍ବର ୧୯୮୮ରେ ଗୁଜରାଟର ଅହମଦାବାଦ ସହରରେ ହୋଇଥିଲା। ସେ ବିଦ୍ୟାନଗର ସ୍କୁଲରେ ପଢ଼ିଥିଲେ, ଯେଉଁଠାରେ ସେ ପିଲାଦିନେ ଭାରତୀୟ ୱିକେଟ୍ କିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲଙ୍କ ସହ ଓପନିଂ କରୁଥିଲେ। ସେ ଗୁଜରାଟ ଅଣ୍ଡର-୧୫ ଏବଂ ଅଣ୍ଡର-୧୭ ଦଳ ପାଇଁ ମଧ୍ୟ କ୍ରିକେଟ୍ ଖେଳିଥିଲେ। ୨୦୦୪ ମସିହାରେ ୧୬ ବର୍ଷ ବୟସରେ ସେ ନିଜ ପରିବାର ସହ ନ୍ୟୁଜିଲାଣ୍ଡର ଅକ୍ଲାଣ୍ଡ ସହରକୁ ସିଫ୍ଟ ହୋଇଯାଇଥିଲେ।



ଜିତଙ୍କ ବାପା ତାଙ୍କୁ ଜଣେ ଭଲ କ୍ରିକେଟର ବନାଇବାକୁ ଚାହୁଁଥିଲେ, ଯେଉଁଥିପାଇଁ ସେମାନେ ନ୍ୟୁଜିଲାଣ୍ଡ ସିଫ୍ଟ ହୋଇଯାଇଥିଲେ। ସେ ଡିସେମ୍ବର ୨୦୦୮ରେ ଅକଲାଣ୍ଡ ପାଇଁ ନିଜର ପ୍ରଥମ ଶ୍ରେଣୀ କ୍ରିକେଟ୍ ଡେବ୍ୟୁ କରିଥିଲେ ଏବଂ ମାତ୍ର ତୃତୀୟ ମ୍ୟାଚ୍‌ରେ ୨୫୬ ରନର ଏକ ଦମଦାର ପାଳି ଖେଳିଥିଲେ। ୨୦୧୬ରେ ଜିତଙ୍କୁ ନ୍ୟୁଜିଲାଣ୍ଡ ପାଇଁ ଡେବ୍ୟୁ କରିବାର ସୁଯୋଗ ମିଳିଥିଲା। ପାକିସ୍ତାନ ବିପକ୍ଷ ଡେବ୍ୟୁ ମ୍ୟାଚର ପ୍ରଥମ ପାଳିରେ ସେ ୫୫ ରନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହାପରେ ସେ ନ୍ୟୁଜିଲାଣ୍ଡ ପାଇଁ ୨୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ୩୯ଟି ପାଳିରେ ୩୦.୦୭ ହାରରେ ବ୍ୟାଟିଂ କରି ୧,୧୪୩ ରନ ସଂଗ୍ରହ କରିଥିଲେ। ସେ କିୱି ଦଳ ପାଇଁ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

୨୦୨୦ ମସିହାରେ ଜିତ ରାୱଲ ଅଷ୍ଟ୍ରେଲିଆ ବିପକ୍ଷରେ ସିଡ୍‌ନୀଠାରେ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଜିତ ୧୬୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୩୭.୬୬ ହାରରେ ବ୍ୟାଟିଂ କରି ୧୦,୪୩୨ ରନ କରିଛନ୍ତି। ଏହା ସମେତ ନିଜର ୧୮ ବର୍ଷର ପ୍ରଥମ ଶ୍ରେଣୀ କ୍ୟାରିୟରରେ ୨୪ଟି ଶତକ ଏବଂ ୫୦ଟି ଅର୍ଦ୍ଧଶତକ ଲଗାଇଛନ୍ତି।

## ୩୩ ବଲ୍ ଖେଳି ଖାତା ଖୋଲିପାରିଲେନି ନିକ୍

# ଅଷ୍ଟ୍ରେଲିଆ ଓପନରଙ୍କ ନାମରେ ଲଜ୍ଜାଜନକ ରେକର୍ଡ

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଡରବାନରେ ଖେଳାଯାଉଛି। ମ୍ୟାଚ୍‌ର ପ୍ରଥମ ଦିନରେ ହିଁ କିଛି ଏଭଳି ଘଟିଛି ଯାହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଯାଇଛି। ଅଷ୍ଟ୍ରେଲିଆ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲା, କିନ୍ତୁ ଦଳର ଓପନର ନିକ୍ ମ୍ୟାଡିନସନ୍ ୩୩ଟି ବଲ୍ ଖେଳିବା ପରେ ମଧ୍ୟ ନିଜର ଖାତା ଖୋଲିପାରି ନଥିଲେ। ଏହା ସହିତ ଜଣେ ଓପନର ଭାବରେ ତାଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ମଧ୍ୟ ସାମିଲ ହୋଇଯାଇଛି।

ଟେଷ୍ଟ ଓପନର ଭାବରେ ସବୁଠାରୁ ଅଧିକ ବଲ୍ ଖେଳିବା ପରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହେବାର ରେକର୍ଡ ନ୍ୟୁଜିଲାଣ୍ଡର ଡାରିନ ମରେଙ୍କ ନାମରେ ରହିଛି। ସେ ୧୯୯୫ରେ ଶ୍ରୀଲଙ୍କା ବିପକ୍ଷରେ ୩୯ଟି ବଲ୍ ଖେଳି ବିନା କୌଣସି ରନ୍ କରି ଆଉଟ୍ ହୋଇଥିଲେ। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଜିମ୍ବାୱେର ଟ୍ରେଭର ଗ୍ରିପର ଅଛନ୍ତି, ଯିଏକି ୨୦୦୦ ମସିହାରେ କିଙ୍ଗସଟନଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ୩୬ଟି ବଲ୍ ଖେଳିବା ପରେ ମଧ୍ୟ ଖାତା ଖୋଲିପାରି ନଥିଲେ।



ଅଷ୍ଟ୍ରେଲିଆର ବ୍ୟାଟର ନିକ୍ ମ୍ୟାଡିନସନଙ୍କ ନାମ ଶୁକ୍ରବାର (୯ ଅକ୍ଟୋବର ୨୦୨୬) ଏହି ତାଲିକାରେ ଯୋଡ଼ି ହୋଇଯାଇଛି। ନିକ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଆଉଟ୍ ହେବା ପୂର୍ବରୁ ୩୩ଟି ବଲ୍ ଖେଳିଥିଲେ ହେଲେ ଖାତା ଖୋଲିପାରି ନଥିଲେ। ଜିମ୍ବାୱେର ମାର୍କ ଡେକର ୧୯୯୪ରେ ଶ୍ରୀଲଙ୍କା ବିପକ୍ଷରେ ୩୦ଟି ବଲ୍ ଖେଳିବା ପରେ ମଧ୍ୟ ଖାତା ଖୋଲିପାରି ନଥିଲେ। ସେହିପରି ଇଂଲଣ୍ଡର ବ୍ରାୟନ ଲକହର୍ଷ୍ଟ ୧୯୭୧ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ୨୯ଟି ବଲ୍ ଖେଳିବା ପରେ ମଧ୍ୟ କୌଣସି ରନ୍ କରିପାରି ନଥିଲେ।

ଏହା ପୂର୍ବରୁ ନିକ୍ ମ୍ୟାଡିନସନ ବର୍ଷ ୨୦୧୬ରେ ଅଷ୍ଟ୍ରେଲିଆ ପାଇଁ ଜଣେ ମଧ୍ୟକ୍ରମ ବ୍ୟାଟର ଭାବରେ ତିନିଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। କୌତୁହଳର ବିଷୟ ହେଉଛି, ଆଡିଲେଡ୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ସେହି ସମାନ ମ୍ୟାଚ୍‌ରେ ମ୍ୟାଡିନସନ୍ ମ୍ୟାଥ୍ୟୁ ରେନଶାଙ୍କ ସହ ନିଜର ଟେଷ୍ଟ ଡେବ୍ୟୁ ମଧ୍ୟ କରିଥିଲେ। ପୂରା ୧୦ ବର୍ଷର ଦୀର୍ଘ ଅପେକ୍ଷା ପରେ, ସମାନ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉ ଥରେ ପଡ଼ିଆକୁ ଓହ୍ଲାଇବା ତାଙ୍କ କ୍ୟାରିୟରର ଏକ ନୂଆ ଏବଂ ରୋମାଞ୍ଚକର ମୋଡ଼ ସାବ୍ୟସ୍ତ ହୋଇଛି।

ଶେଷ ପୃଷ୍ଠା

ଭୁବନେଶ୍ୱର, ୧୦ ଅକ୍ଟୋବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ କିଟ୍-କିସ୍‌ର ୩୪ ଅଧ୍ୟାପକ

ଭୁବନେଶ୍ୱର,୯।୧୦
ନ୍ୟୁଜ୍‌ବ୍ୟୁରୋ

ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟରର ପକ୍ଷରୁ ପ୍ରତିବର୍ଷ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକା ପ୍ରକାଶ ପାଇଥାଏ। ୨୦୨୬ ବର୍ଷର ପ୍ରକାଶିତ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୩୪ ଜଣ ଅଧ୍ୟାପକ ସ୍ଥାନ ପାଇଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ମଧ୍ୟ ଏଥିରେ ସାମିଲ ଅଛନ୍ତି।



୨୦୨୬ର ବାର୍ଷିକ ଗବେଷଣା ପ୍ରଭାବ ତାଲିକା (ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ)ରେ ସ୍ଥାନ ପାଇଥିବା ୩୪ ଜଣ ଅଧ୍ୟାପକଙ୍କ ମଧ୍ୟରୁ ୧୩ ଜଣ ଦୀର୍ଘକାଳୀନ ଗବେଷଣା ପ୍ରଭାବ ତାଲିକା (କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ)ରେ ମଧ୍ୟ ସ୍ଥାନ ପାଇଛନ୍ତି। ସେହିପରି ୧୧ ଜଣ ଅଧ୍ୟାପକ ଉଭୟ ତାଲିକାରେ ସ୍ଥାନ ହାସଲ କରିଛନ୍ତି।

ଗବେଷଣା ପ୍ରକାଶନର ଉଦ୍ଧୃତି ସଂଖ୍ୟା ଓ ବୈଜ୍ଞାନିକ ପ୍ରଭାବ ସଂପର୍କିତ ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଏ। ନିଜ ନିଜ ବିଷୟରେ ଉଲ୍ଲେଖନୀୟ ଗବେଷଣା ଓ ବୈଜ୍ଞାନିକ ଅବଦାନ ରଖିଥିବା ଗବେଷକମାନଙ୍କୁ ଏଥିରେ ସ୍ଥାନ ମିଳିଥାଏ। ଏହି ସଫଳତା କିଟ୍‌ର ଗବେଷଣା, ନବସର୍ଜନା ଓ ଶୈକ୍ଷିକ ଉତ୍କର୍ଷତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଏଥିସହ କିସ୍‌ର ଜଣେ ଅଧ୍ୟାପକଙ୍କ ସ୍ଥାନ ପାଇବା ଅନୁଷ୍ଠାନର ଗବେଷଣା କ୍ଷେତ୍ରରେ ବଢ଼ୁଥିବା ଅବଦାନକୁ ମଧ୍ୟ ପ୍ରତିପାଦିତ କରିଛି। ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ବିଶ୍ୱସ୍ତରରେ ବୈଜ୍ଞାନିକ ପ୍ରଭାବ ପାଇଁ କିଟ୍ ଓ କିସ୍‌ର ଅଧ୍ୟାପକମାନେ ଏହି ସ୍ୱୀକୃତି ହାସଲ କରିଛନ୍ତି। ଏହା ସେମାନଙ୍କର ଦୀର୍ଘକାଳୀନ ଗବେଷଣା ସଫଳତା ସହ ସାଂପ୍ରତିକ ବର୍ଷର ଉଲ୍ଲେଖନୀୟ ଅବଦାନକୁ ପ୍ରତିଫଳିତ କରୁଛି।

ଏହି ସଫଳତାରେ ଖୁସି ପ୍ରକାଶ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ଓ କିସ୍‌ର ୩୪ ଜଣ ସଦସ୍ୟ ସ୍ଥାନ ପାଇଥିବାରୁ ଆମେ ଗର୍ବିତ। ବିଭିନ୍ନ ବୈଜ୍ଞାନିକ କ୍ଷେତ୍ରରେ କାର୍ଯ୍ୟରତ ଆମ ଅଧ୍ୟାପକମାନଙ୍କର ଏହି ସଫଳତା ପ୍ରଶଂସନୀୟ ବୋଲି ସେ କହିଛନ୍ତି। ଏହି ସ୍ୱୀକୃତି ବିଶ୍ୱ ଗବେଷଣା ମାନଚିତ୍ରରେ କିଟ୍‌ର ସ୍ଥିତିକୁ ଆହୁରି ମଜଭୁତ କରିବା ସହ ଗୁଣାତ୍ମକ ଗବେଷଣା ମାଧ୍ୟମରେ ଜ୍ଞାନର ଅଭିବୃଦ୍ଧି ଓ ସମାଜର ଉନ୍ନତି ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକଭବନ ଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ। (ଫଟୋ : ସମ୍ବାଦ କଳିକା)

## ପାରାଦୀପରେ ବିଦେଶୀ ଜାହାଜ

# ୩ ସପ୍ତାହ ମଧ୍ୟରେ ନାବିକଙ୍କୁ ସ୍ୱଦେଶ ଫେରାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୯।୧୦:ନ୍ୟୁଜ୍‌ବ୍ୟୁରୋ

ପାରାଦୀପ ଉପକୂଳରେ ଦୀର୍ଘ ମାସ ଧରି ଅଟକି ରହିଥିବା ବିଦେଶୀ ତୈଳବାହୀ ଜାହାଜ 'ଏମ୍‌ଟି ୟୁନିଟି'ରେ ଫସି ରହିଥିବା ନାବିକମାନଙ୍କୁ ଉଦ୍ଧାର କରି ସେମାନଙ୍କ ନିଜ ଦେଶକୁ ଫେରାଇବା ଲାଗି ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭବ ହେଲେ ଆସନ୍ତା ତିନି ସପ୍ତାହ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ କେନ୍ଦ୍ର ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କୋର୍ଟ କହିଛନ୍ତି। ତେବେ ନାବିକମାନଙ୍କୁ ଫେରାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଜାହାଜଟି ଜବତ ଅବସ୍ଥାରେ ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଜାହାଜର ମାଷ୍ଟର ତଥା ରୁଷୀୟ ନାଗରିକ ଇଷ୍ଟ୍ୟାଗିନ୍ ଏଭ୍‌ଜେନି ନିକୋଲାଏଭିଚ୍‌ଙ୍କ ପକ୍ଷରୁ ଦାଖଲ ରିଟ୍ ପିଟିସନ୍‌ର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଆର.କେ. ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାହାଜ ମାଲିକ ନାବିକମାନଙ୍କୁ ଦରମା ପ୍ରଦାନ ନକରିବା, ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ କରିବା ସହ ସେମାନଙ୍କୁ ବଦଳାଇବା କିମ୍ବା ସ୍ୱଦେଶ ଫେରାଇବା ପାଇଁ ବ୍ୟବସ୍ଥା ନକରି ଛାଡ଼ି ଚାଲିଯାଇଥିବା କୋର୍ଟ ଉଲ୍ଲେଖ କରିଛନ୍ତି। ଏହା ମର୍ଚାଣ୍ଟ ସିପିଂ ଆଇନ ଅନୁଯାୟୀ ନାବିକମାନଙ୍କୁ ପରିତ୍ୟକ୍ତ କରାଯିବା ସହ ସମ୍ପୃକ୍ତ ବୋଲି ଅଦାଲତ କହିଛନ୍ତି। ନାବିକମାନଙ୍କୁ ଜାହାଜରୁ ଓହ୍ଲାଇ ସେମାନଙ୍କ ଦେଶକୁ ପଠାଇବା ସହ ଜାହାଜରେ ନୂତନ ନାବିକ ଦଳ ନିୟୋଜିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ହେବାକୁ ଥିବା ଖର୍ଚ୍ଚ ଜାହାଜ ମାଲିକ କିମ୍ବା ଦାୟୀ ବୋଲି ଚିହ୍ନଟ ହେଉଥିବା ଅନ୍ୟ ବ୍ୟକ୍ତିଙ୍କଠାରୁ ଆଦାୟ କରାଯାଇପାରିବ ବୋଲି କୋର୍ଟ ମତ ଦେଇଛନ୍ତି। କାମେରୁନ୍‌ର ପତାକା ବହନ କରୁଥିବା ଏହି ତୈଳବାହୀ ଜାହାଜ ଗତ ମେ' ୧୧ ତାରିଖରୁ ପାରାଦୀପ ବନ୍ଦରର ବାହ୍ୟ ଲଙ୍ଗରସ୍ଥଳରେ ରହିଛି। ରୁଷିଆରୁ ଆସିଥିବା ଅଶୋଧିତ ତୈଳ ଖଲାସ କରିବା ଏହାର ଉଦ୍ଦେଶ୍ୟ ଥିଲା। ତେବେ ଜାହାଜ ମାଲିକଙ୍କ ବିରୋଧରେ ରହିଥିବା ବାଣିଜ୍ୟିକ ଦାବିକୁ ନେଇ ହାଇକୋର୍ଟରେ ଦାଖଲ ତିନୋଟି ଆଡମିରାଲ୍ଟି ମାମଲାରେ ଏହାକୁ ଜବତ କରାଯାଇଛି। ଜାହାଜର ମାଷ୍ଟରଙ୍କ ସମେତ ମୋଟ ୨୩ ଜଣ ନାବିକ ଏହା ମଧ୍ୟରେ ରହିଆସିଛନ୍ତି। କୋଲକାତାସ୍ଥିତ ରୁଷିଆର କନସୁଲେଟ୍ ଜେନେରାଲଙ୍କ ସୂଚନା ଅନୁଯାୟୀ, ସେମାନଙ୍କ ମଧ୍ୟରୁ ୨୦ ଜଣ ରୁଷୀୟ, ଦୁଇ ଜଣ ଇଜିପ୍ଟର ଏବଂ ଜଣେ କାଜାଖସ୍ତାନର ନାଗରିକ। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ମେ' ମାସରୁ ସେମାନଙ୍କୁ ଦରମା ମିଳିନଥିଲା। ଜାହାଜରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟ ଜରୁରୀ ସାମଗ୍ରୀର ଅଭାବ ମଧ୍ୟ ଦେଖାଦେଇଥିଲା। ଜାହାଜ ମାଲିକ କିମ୍ବା ସ୍ଥାନୀୟ ଏଜେଣ୍ଟ ଏହାର ସମାଧାନ ପାଇଁ ପଦକ୍ଷେପ ନେଇନଥିବା ମାଷ୍ଟର ନିଜ ଆବେଦନରେ ଦର୍ଶାଇଥିଲେ। ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ଭାରତୀୟ ଜଳସୀମା ମଧ୍ୟରେ ଥିବା ବିଦେଶୀ ନାବିକଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ବୋଲି ଆବେଦନକାରୀ ଯୁକ୍ତି ରଖିଥିଲେ। ପରବର୍ତ୍ତୀ ସମୟରେ ଜାହାଜର ବୀମାକାରୀ ସଂସ୍ଥା ନାବିକମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇବା ସହ ବକେୟା ଦରମା ପ୍ରଦାନ କରିଥିଲା। ଏହି ମାମଲାର ପ୍ରଥମ ଶୁଣାଣି ଚଳିତ ବର୍ଷ ଅଗଷ୍ଟରେ ହୋଇଥିଲା। ସେତେବେଳେ ହାଇକୋର୍ଟ କେନ୍ଦ୍ର ସରକାର ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିବା ସହ ଜାହାଜ ମଧ୍ୟରେ ଜମା ହୋଇଥିବା ସ୍ଲଜ୍ ବା ତୈଳଜାତ ବର୍ଜ୍ୟକୁ ତୁରନ୍ତ ହଟାଇବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ପରେ ସେପ୍ଟେମ୍ବରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନାବିକମାନଙ୍କ କଲ୍ୟାଣ ଓ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗରେ ରୁଷିଆ ଦୂତାବାସ ସହ ନିୟମିତ ଯୋଗାଯୋଗ ରଖାଯାଉଥିବା ସୂଚନା ଦିଆଯାଇଥିଲା।

## ପଞ୍ଚସଖା ଶିକ୍ଷା ସେତୁର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

# ୨୯ ଜିଲ୍ଲାରେ ୭.୭୩ କୋଟି ଟଙ୍କାର ୭୦୭ଟି ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୯।୧୦
ନ୍ୟୁଜ୍‌ବ୍ୟୁରୋ

ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ସାମୂହିକ ସହଯୋଗ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ସହ ଶିକ୍ଷାର ଗୁଣାତ୍ମକ ଉନ୍ନତିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ପଞ୍ଚସଖା ଶିକ୍ଷା ସେତୁର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ୨୯ଟି ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ମୋଟ ୭.୭୩ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।

ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ସୁଦୃଢ଼ କରିବା ସହ ସେମାନଙ୍କ ଅବଦାନକୁ ବିଦ୍ୟାଳୟର ବିକାଶରେ ବିନିଯୋଗ କରିବା ଦିଗରେ ପଞ୍ଚସଖା ଶିକ୍ଷା ସେତୁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି। ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହେବା ସହ ଶିକ୍ଷଣ ପରିବେଶକୁ ଅଧିକ ସୁଦୃଢ଼ କରିବାର ପ୍ରୟାସ ଜାରି ରହିଛି।



ଚଳିତ ବୈଠକରେ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ପକ୍ଷରୁ ମୋଟ ୨ କୋଟି ୫୭ ଲକ୍ଷ ୯୦ ହଜାର ୮୧୦ ଟଙ୍କାର ଆର୍ଥିକ ଅବଦାନ ମିଳିଛି। ଏହି ଅବଦାନ ସହ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ଦୁଇଗୁଣା ଅନୁଦାନକୁ ମିଶାଇ ମୋଟ ୭ କୋଟି ୭୩ ଲକ୍ଷ ୭୨ ହଜାର ୪୩୦ ଟଙ୍କାର ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ସମାଜର ସାମୂହିକ ସହଯୋଗକୁ ଶିକ୍ଷାର ବିକାଶରେ ଉପଯୋଗ କରାଯାଇ ବିଦ୍ୟାଳୟଗୁଡ଼ିକର ବିକାଶ ହୋଇପାରିବ। ମଞ୍ଜୁରିପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି, ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି, ପାଚେରି ନିର୍ମାଣ, ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ, ଫାଟକ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ସ୍ଥାପନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତିଭୂମିର ରକ୍ଷଣାବେକ୍ଷଣ କରାଯିବ। ଏହି ପଦକ୍ଷେପଗୁଡ଼ିକ ବିଦ୍ୟାଳୟ ପରିବେଶକୁ ଅଧିକ ସୁରକ୍ଷିତ, ସୁନ୍ଦର ଓ ଶିକ୍ଷା ଅନୁକୂଳ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି କରିବ। ଚଳିତ ପର୍ଯ୍ୟାୟରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଯାଜପୁର ଓ କଟକ ଜିଲ୍ଲାରୁ ସର୍ବାଧିକ ଆର୍ଥିକ ଅବଦାନ ମିଳିଛି। ଏହା ବିଦ୍ୟାଳୟର ବିକାଶ ପ୍ରତି ପୁରାତନ ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନଗୁଡିକର ଆଗ୍ରହ, ଦାୟିତ୍ୱବୋଧ ଏବଂ ସହଭାଗିତାକୁ ପ୍ରତିଫଳିତ କରୁଛି। ବୈଠକରେ ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିଲେ। ସେ ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ଅଧିକ ମଜବୁତ କରିବା ଏବଂ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସେମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

ପୁରାତନ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ଚଳିତ ବୈଠକରେ ଦୁଇଟି ନୂତନ କାର୍ଯ୍ୟକ୍ରମ 'ଆଲୁମ୍ନି ପଡକାଷ୍ଟ' ଓ 'ଡିଷ୍ଟ୍ରିକ୍ଟ ସ୍ୟାଟଲାଇଟ୍' ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୁମିନି ପଡକାଷ୍ଟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯିବ। ସେମାନଙ୍କ ଶିକ୍ଷାଜୀବନୀ, ସଂଘର୍ଷ, ଅନୁଭୂତି ଓ ସଫଳତାର କାହାଣୀ ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଆଗେଇ ଆସିବାକୁ ପ୍ରେରିତ କରିବ। ଏଥିସହ ବର୍ତ୍ତମାନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସଫଳ ବ୍ୟକ୍ତିତ୍ୱଙ୍କ ଅନୁଭବରୁ ଶିକ୍ଷା ଗ୍ରହଣ କରିବା ସହ ନିଜ ଭବିଷ୍ୟତ ଗଠନ ପାଇଁ ଉପଯୁକ୍ତ ମାର୍ଗଦର୍ଶନ ମଧ୍ୟ ପାଇପାରିବେ। ଡିଷ୍ଟ୍ରିକ୍ଟ ସ୍ୟାଟଲାଇଟ୍ କାର୍ଯ୍ୟକ୍ରମରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପଦକ୍ଷେପ, ବିଦ୍ୟାଳୟରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସୃଷ୍ଟି ହେଉଥିବା ସଫଳତାର କାହାଣୀକୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଉପସ୍ଥାପନ କରାଯିବ।

ବୈଠକରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି, ଭବିଷ୍ୟତ ଯୋଜନା ଏବଂ ବିଦ୍ୟାଳୟର ବିକାଶରେ ପୁରାତନ ଛାତ୍ରଛାତ୍ରୀ ଓ ସମାଜର ସହଭାଗିତା ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରାଙ୍କ ସମେତ ପରିଷଦର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଆଜି ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଡ. ମୋହନ ଭାଗବତ

ଭୁବନେଶ୍ୱର,୯।୧୦:ନ୍ୟୁଜ୍‌ବ୍ୟୁରୋ



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶନିବାର ଅପରାହ୍ଣ ୪ ଘଟିକା ସମୟରେ ସମ୍ବଲପୁରରେ ପହଞ୍ଚିବେ। ସେ ଦୁଇ ଦିନିଆ ଓଡ଼ିଶା ପ୍ରବାସ ସାରି ଅକ୍ଟୋବର ୧୧ ତାରିଖ ଦିନ ସନ୍ଧ୍ୟାରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ଯେ, ୧୦ ତାରିଖ ସନ୍ଧ୍ୟା ୬:୦୦ ରୁ ୮:୦୦ ଘଟିକା ପର୍ଯ୍ୟନ୍ତ ସମ୍ବଲପୁରର ଜି.ଏମ୍. ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ପରିସରରେ ଏକ ସ୍ୱୟଂସେବକ ଏକତ୍ରୀକରଣ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିବେ। ୧୧ ତାରିଖ ଦିନ ସମ୍ବଲପୁରଠାରେ ଓଡ଼ିଶା ପୂର୍ବ ଓ ପଶ୍ଚିମ ପ୍ରାନ୍ତର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ସାଂଗଠନିକ ବୈଠକରେ ଶତାବ୍ଦୀବର୍ଷର କାର୍ଯ୍ୟର ସମୀକ୍ଷା କରିବେ।

# ଭିଜିଲାନ୍ସ ଜାଲରେ ପୁଣି ଜଣେ କୋଟିପତି ସରକାରୀ ବାବୁ

ସୁନ୍ଦରଗଡ଼,୯।୧୦:ନ୍ୟୁଜ୍‌ବ୍ୟୁରୋ

ସାରା ରାଜ୍ୟରେ ଏବେ ଭିଜିଲାନ୍ସ ପୂରା ସକ୍ରିୟ ରହିଛି। କାହିକି ନାଁ ପ୍ରତିଦିନ ପ୍ରାୟ ଏଭଳି ଖବର ସାମ୍ନାକୁ ଆସୁଛି, ଯେଉଁଥିରେ ଜଣେ ସରକାରୀ ବାବୁ ଭିଜିଲାନ୍ସ ସ୍କାନରରେ ରହୁଥିବା ଦେଖିବାକୁ ମିଳୁଛି। ଆଉ ଏବେ ପୁଣି ସେହିଭଳି ଏକ ଘଟଣା ସାମ୍ନାକୁ ଆସିଛି। ସୁନ୍ଦରଗଡ ଦୁର୍ନିତୀ ନିବାରଣ ଅଦାଲତର ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସକାଳୁ ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ଉପ-ନିର୍ଦ୍ଦେଶକ ତଥା ୱାଟର ସେଡ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ ୮ଟି ସ୍ଥାନରେ ଚଢଉ ଚାଲିଛି। ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଶ୍ରାବଣୀ ରେସିଡେନ୍ସୀ ଫ୍ଲାଟ ନଂ. ୮ର ଦ୍ୱି ମହଲା, ମଞ୍ଚନାଥ ସ୍ଥିତ ପ୍ଲଟ୍ ନଂ ୬୦୯/୨୦୧୨ ଉପରେ ଅବସ୍ଥିତ ଫେଜ - ୨, ଏମ - ୧୦୫ ଆବାସିକ ଦ୍ୱି ମହଲା କୋଠା ଓ ପ୍ଲଟ୍ ନମ୍ବର ୬୦୪/୨୦୧୧ ଉପରେ ଅବସ୍ଥିତ ଫେଜ -୨ ଏମ -୧୧୦ ଆବାସିକ ଦ୍ୱି ମହଲା କୋଠା , ଫେଜ-୨ ଏମ ୧୧୫ରେ ଆଉ ଏକ ଦ୍ୱି ମହଲା କୋଠା ଓ କଟକ ବାଙ୍କି ଥାନା ଚର୍ଚ୍ଚିକା ସାହି ସ୍ଥିତ ତାଙ୍କ ଶ୍ୱଶୁର ଘରେ ଏହି ଖାନ ତଲାସୀ କରାଯାଉଛି। ତାଙ୍କ ଏମ-୧୦୫, ଏମ-୧୧୦ ଓ ଏମ-୧୧୫ କୋଠା ୨୪୦୦ ବର୍ଗ ଫୁଟ ଲେଖାଏଁ ରହିଥିବା ବେଳେ ଭୁବନେଶ୍ୱର ବାଲିଅନ୍ତାରେ ଦ୍ୱି ମହଲା କୋଠା ୩୦୦୦ ବର୍ଗ ଫୁଟ ଓ ନୟାପଲ୍ଲୀର ୩ ବିଏଚକେ ଫ୍ଲାଟ ପ୍ରାୟ ୧୧୫୦ ବର୍ଗ ଫୁଟ ରହିଛି। ସେହିପରି ଭୁବନେଶ୍ୱରରେ ଏକ କୋଟି ଟଙ୍କା ସେଲ ଡିଡିର ୭ଟି ମୂଲ୍ୟବାନ ପ୍ଲଟ ରହିଥିବା ବେଳେ ଏହାର ବଜାର ମୂଲ୍ୟ ବହୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ଘରୁ ୨୧୧ ଗ୍ରାମ ସୁନା, ନଗଦ ୧.୨୯ ଲକ୍ଷ ଟଙ୍କା, ପ୍ରାୟ ୧ କୋଟି ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇ ଚକିଆ ଗାଡି ଠାବ ହୋଇଛି।

# ୧୧ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ : ଜଣେ ଗିରଫ

କଟକ,୯।୧୦
ନ୍ୟୁଜ୍‌ବ୍ୟୁରୋ

ନିଶା କାରବାର ବିରୋଧରେ ଅବକାରୀ ବିଭାଗର ଚଢ଼ଉ ଜାରି ରହିଥିବାବେଳେ କଟକର ଜଗତପୁର ଅଞ୍ଚଳରୁ ୧୧୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଅଭିମନ୍ୟୁ ନାୟକ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଜଗତପୁର ଗୋଲେଇ ଛକ ନିକଟରେ ଅଭିମନ୍ୟୁ ଠିଆ ହୋଇଥିବାବେଳେ ତାଙ୍କ ଗତିବିଧିକୁ ନେଇ ଅବକାରୀ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ଏହାପରେ ତାଙ୍କୁ ଅଟକାଇ ଯାଞ୍ଚ କରାଯିବାରୁ ତାଙ୍କ ନିକଟରୁ ୧୧୦ ଗ୍ରାମ ବ୍ରାଉନ୍ ସୁଗାର ମିଳିଥିଲା। ଏହାକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୯/୧୦/୨୦୨୬
4,80,548/- ଟଙ୍କା
ସୁନା:- ୧୪ ଗ୍ରାମ୍ ୭୦୦ ମିଲିଗ୍ରାମ୍
ରୁପା:- ୪୩୫ଗ୍ରାମ୍୩୦୦ ମିଲିଗ୍ରାମ୍

# କ୍ୟାପିଟାଲ ହସ୍ପିଟାଲରେ ରୋଗୀ ବଢ଼ୁଛନ୍ତି : ବଢ଼ୁନି ସୁବିଧା

ଭୁବନେଶ୍ୱର,୯।୧୦
ନ୍ୟୁଜ ବ୍ୟୁରୋ




୭୨ବର୍ଷ ବିତିଗଲା। ହେଲେ ହସ୍ପିଟାଲ ବାହାରୁ ନେଇ ଭିତର ପର୍ଯ୍ୟନ୍ତ ମାଳମାଳ ସମସ୍ୟା। ସୁଗମ ରାସ୍ତାଠୁ ନେଇ ଗାଡ଼ି ରଖିବା ପାଇଁ ବ୍ୟବସ୍ଥିତ ପାର୍କିଂସ୍ଥଳ କେବଳ କାଗଜକଲମରେ ସୀମିତ। ୨୪ଘଣ୍ଟିଆ କ୍ୟାଣ୍ଟିନ, ମୁଣ୍ଡ ଗୁଞ୍ଜିବା ପାଇଁ ଘର ଓ ବରିଷ୍ଠଙ୍କ ଯାତାୟାତ ପାଇଁ ବ୍ୟବସ୍ଥା, ଏସବୁ ବି ସ୍ୱପ୍ନ। ଖାଲିସେତିକି ନୁହେଁ, ଅଳିଆ, ଆବର୍ଜନା ଗନ୍ଧରେ ଚତୁର୍ଦ୍ଦିଗ ଫାଟିଉଠୁଛି। ରାଜଧାନୀର ବଡ଼ ମେଡିକାଲ କ୍ୟାପିଟାଲ ହସ୍ପିଟାଲର ଏଭଳି ଅବ୍ୟବସ୍ଥା ବର୍ଷ ବର୍ଷ ଧରି। ଲାଗୁଛି ଏହା ରାଜଧାନୀର ନୁହେଁ, ଉପାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଗତ ଦୁଇ ବର୍ଷରେ ତିନି ନିର୍ଦ୍ଦେଶକ ବଦଳିଲେଣି। କେହି କ୍ୟାପିଟାଲ ହସ୍ପିଟାଲର ଉନ୍ନତି ବିଷୟରେ ଚିନ୍ତା କରୁନାହାନ୍ତି। ଏବେ ହସ୍ପିଟାଲର ନୂଆ ନିର୍ଦ୍ଦେଶକ ଭାବରେ ଡା. ସୁଚିତ୍ରା କୁମାରୀ ସାହୁ ଯୋଗ ଦେଇଛନ୍ତି। ତାଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। କ୍ୟାପିଟାଲ ହସ୍ପିଟାଲକୁ ଏବେ ଦୈନିକ ୩ହଜାର ରୋଗୀ ଆସୁଛନ୍ତି। ଓପିଡିରେ ପ୍ରତିଦିନ ଭିଡ଼ ଦେଖିବାକୁ ମିଳୁଛି। ଦିନକୁ ଦିନ ରୋଗୀ ଓ ପରିଜନଙ୍କ ସଂଖ୍ୟା ବଢ଼ୁଥିବା ବେଳେ ଆଜି ପର୍ଯ୍ୟନ୍ତ ପାର୍କିଂ ସ୍ଥଳ ହୋଇପାରିନି। ଗୋଟିଏ ପଟେ ଆହାର କେନ୍ଦ୍ର ସମ୍ମୁଖରେ ଯେଉଁ ପାର୍କିଂ ସ୍ଥଳ ଅଛି, ସେଠି ଅତିବେଶିରେ ୫୦୦ ଗାଡ଼ି ରହିପାରୁଛି। ତା' ବାଦ୍ ପ୍ରାଶାସନିକ କୋଠା ସମ୍ମୁଖରେ କିଛି ଗାଡ଼ି ପାର୍କିଂ ହେଉଛି। କେବଳ ଏମସିଏଚ୍ କୋଠା ପାର୍ଶ୍ୱରେ ପାର୍କିଂ ସ୍ଥଳ ଅଛି। ଏହା ପର୍ଯ୍ୟାପ୍ତ ନୁହେଁ। କାଜୁଆଲିଟି ସାମ୍ନାରେ ବେଆଇନ ଭାବରେ ଅଟୋ, ବାଇକ୍ ପାର୍କିଂ କରାଯାଉଛି। ଫଳରେ ଆମ୍ବୁଲାନ୍ସକୁ ରାସ୍ତା ମିଳୁନି। ପାର୍କିଂ ସମସ୍ୟାକୁ ପ୍ରଶମିତ କରିବା ପାଇଁ ତତ୍କାଳୀନ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁଙ୍କ ସମୟରେ ଏକ ବହୁତଳ ପାର୍କିଂ ସ୍ଥଳ ପାଇଁ ଯୋଜନା କରାଯାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରିନି। ନିକଟରେ ବହୁତଳ ପାର୍କିଂ ସ୍ଥଳ କାମ ପାଇଁ ପୂର୍ତ୍ତ ବିଭାଗ ସହ ଆଲୋଚନା ହୋଇଥିବା ପୂର୍ବତନ ନିର୍ଦ୍ଦେଶକ ଡା. ପ୍ରଭାତ ରଥ କହିଛନ୍ତି। ପ୍ରାୟ ବର୍ଷେ ହେବ କାମ ସରିଥିବା ଟ୍ରମା କେୟାର ସେଣ୍ଟର ଏଯାଏ କାର୍ଯ୍ୟକ୍ଷମ ହୋଇପାରିନି। କେବେ ଖୋଲିବ ତାହାର ଉତ୍ତର ବି କାହା ପାଖରେ ନାହିଁ। କର୍ତ୍ତୃପକ୍ଷଙ୍କ ଉତ୍ତର, କୋଠାକୁ ପୂର୍ବରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ମଞ୍ଜୁରୀ ମିଳିନଥିଲା। ଜାଗା ବିବାଦ ବି ଲାଗି ରହିଥିଲା। ଏନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ସମାଧାନ ହେବ। ଏପଟେ ଗୁରୁତର ରୋଗୀଙ୍କୁ କାଜୁଆଲିଟି (ଇମର୍ଜେନ୍ସି)ରେ ପର୍ଯ୍ୟାପ୍ତ ଶଯ୍ୟା ମିଳୁନି। ଫଳରେ ରୋଗୀଙ୍କୁ ଏମ୍‌ସ ନଚେତ ଏସସିବିକୁ ସ୍ଥାନାନ୍ତର କରାଯାଉଛି। ସେହିପରି କ୍ୟାନ୍ସର ୟୁନିଟର କାମ ବି ସରିନି। ଏହାର ନିର୍ମାଣ କାମ ୨୦୨୪ରେ ସରିଥାନ୍ତା। ଏପର୍ଯ୍ୟନ୍ତ ଚାଲିଛି। ବର୍ତ୍ତମାନ କ୍ୟାନ୍ସର ରୋଗୀଙ୍କ ପାଇଁ ମାତ୍ର ୧୫ଟି ଶଯ୍ୟା ଅଛି। ହେଲେ ଦିନକୁ ୭୦ରୁ ୮୦ ରୋଗୀ ଏଠାକୁ ଆସୁଛନ୍ତି। ସମସ୍ତଙ୍କୁ କେମୋଥେରାପି ମିଳିପାରୁନି। ଏଥିସହ ରୋଗୀ ଆଟେଣ୍ଡାଣ୍ଟ ସେଣ୍ଟର ବି କାର୍ଯ୍ୟକ୍ଷମ ହୋଇପାରିନି। କ୍ୟାପିଟାଲ ହସ୍ପିଟାଲରେ ନାହିଁ ୨୪ଘଣ୍ଟିଆ କ୍ୟାଣ୍ଟିନ। ଯେଉଁଠି ରୋଗୀ ଓ ପରିଜନମାନେ ଖାଇପାରିବେ। ଖାଇବା ଜାଗା ନଥିବାରୁ ଖାଦ୍ୟ ଥାଳି ଧରି ଲୋକ ଏଣେ ତେଣେ ବୁଲୁଛନ୍ତି। କେଉଁଠି ଗଛ ତଳେ ନହେଲେ ରାସ୍ତା କଡ଼ରେ ବସି ଖାଉଛନ୍ତି। ତେବେ ଗତ ଜୁନ୍ ମାସରେ ହସ୍ପିଟାଲ ପରିସରରେ ସୁଭଦ୍ରା ଶକ୍ତି କାଫେ ଖୋଲିଛି। ସେଠାରେ ଜଳଖିଆ, ଚା, କଫି ମିଳୁଛି। ହେଲେ ସଂଧ୍ୟା ପରେ ତାହା ବନ୍ଦ। ଏବେ ରୋଗୀଙ୍କ ଗୋଟିଏ କଥା, ଜାଗା ନାହିଁ, ଖାଇବୁ କେଉଁଠି?

# ମହିଳାଙ୍କୁ ଦଳିଦେଲା ଦନ୍ତା

ହିନ୍ଦୋଳ,୯।୧୦
ନ୍ୟୁଜ୍‌ବ୍ୟୁରୋ

ହିନ୍ଦୋଳ ବନାଞ୍ଚଳରେ ପୁଣି ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଜୟପଙ୍ଗା ଗାଁର ସ୍ୱପ୍ନେଶ୍ୱର ବିଶ୍ୱାଳଙ୍କୁ ଏକ ଦନ୍ତା ହାତୀ ମନ୍ଦିରରୁ ଘୋଷାଡ଼ି ଦଳି ଦେଇଛି। ସେ ସନ୍ଧ୍ୟା ସମୟରେ ମନ୍ଦିରକୁ ଯାଇଥିଲା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗ ପହଞ୍ଚି ଶବକୁ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛି।

# କାଠଯୋଡ଼ି ପଠାରେ ମହିଳାଙ୍କୁ ହତ୍ୟା : ଟାଟୁରୁ ପରିଚୟ ଖୋଜୁଛି ପୁଲିସ

କଟକ,୯।୧୦:ନ୍ୟୁଜ୍‌ବ୍ୟୁରୋ

କାଠଯୋଡ଼ି ନଦୀପଠାରେ ମହିଳାଙ୍କ ବିଭତ୍ସ ହତ୍ୟା ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ମୃତକଙ୍କ ପରିଚୟ ମିଳିନାହିଁ। ମହିଳାଙ୍କ ଡାହାଣ ହାତରେ ଇଂରାଜୀରେ 'ଅଭିନାଶ-ଗୌରୀ' ଲେଖା ସହ ପ୍ରଜାପତିର ଚିତ୍ର ରହିଛି। ବାମ ହାତରେ 'ଏଜି' ଲେଖା ଥିବାବେଳେ ଦୁଇ ପାଦରେ ଫୁଲର ଟାଟୁ ରହିଛି। ଏହି ଟାଟୁକୁ ଆଧାର କରି ମହିଳାଙ୍କ ପରିଚୟ ଖୋଜୁଛି ପୁଲିସ। ସେ ରାଜସ୍ଥାନ କିମ୍ବା ଅନ୍ୟ ରାଜ୍ୟର ବଞ୍ଜାରା ସମ୍ପ୍ରଦାୟର ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ ପାଇଁ ପାଞ୍ଚଟି ପୁଲିସ ଟିମ୍ ଗଠନ କରାଯାଇଛି। ଜଗତପୁର, ବାରବାଟୀ ଷ୍ଟାଡିୟମ୍ ଓ ରେଳଷ୍ଟେସନ୍ ନିକଟରେ ରହୁଥିବା ବଞ୍ଜାରା ଗୋଷ୍ଠୀଙ୍କୁ ଟାଟୁ ଦେଖାଇ ପଚରାଉଚରା କରାଯାଉଛି। ମଲାଚଣ୍ଡିଆ ଛକ, ପୁରୀଘାଟ ଓ ଜୁଡିସିଆଲ୍ ଏକାଡେମୀ ନିକଟର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ ହେଉଛି। ହତ୍ୟା ପରେ ମୃତଦେହକୁ ନଦୀରେ ଭସାଇବାକୁ ଉଦ୍ୟମ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ମୃତଦେହର ମୁହଁକୁ ଧାରୁଆ ଅସ୍ତ୍ରରେ ଏକାଧିକ ଥର ଆଘାତ କରାଯାଇଥିବାରୁ ଫଟୋ ସର୍ବସାଧାରଣରେ ପ୍ରକାଶ କରାଯାଇନାହିଁ। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଶବଗୃହରେ ରଖାଯାଇଛି। ଘଟଣାସ୍ଥଳରୁ ରକ୍ତଦାଗ ଥିବା ଏକ ପୁରୁଷଙ୍କ ସାର୍ଟ ମିଳିଥିବା ବେଳେ ମହିଳାଙ୍କ ଆଙ୍ଗୁଠି ଛାପ ଓ ଭିସେରା ନମୁନା ଫରେନ୍ସିକ୍ ଯାଞ୍ଚ ପାଇଁ ରଖାଯାଇଛି। ମହିଳାଙ୍କ ପରିଚୟ ସମ୍ପର୍କରେ କୌଣସି ସୂଚନା ଥିଲେ ଡିସିପିଙ୍କ ନମ୍ବର ୮୨୮୦୩୩୮୩୦୩ରେ ଯୋଗାଯୋଗ କରିବାକୁ ପୁଲିସ ଅନୁରୋଧ କରିଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com